


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୧୭ ମଇ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 17 MAY 2023
Vol.No. 34 ■ No. 129 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ରାହୁଲ ଗାନ୍ଧୀ ଆମେରିକା ଗସ୍ତରେ ଯିବେ



ନୂଆଦିଲ୍ଲୀ, ୧୬/୦୫ (ନି.ପ୍ର): କଂଗ୍ରେସର ପୂର୍ବତନ ରାଷ୍ଟ୍ରୀୟ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ୧୦ ଦିନିଆ ଗସ୍ତରେ ଆମେରିକା ଯିବେ । କଂଗ୍ରେସ ସୂତ୍ରରୁ ପ୍ରକାଶ ଯେ, ରାହୁଲ ଗାନ୍ଧୀ ୩୦ ମେ ରେ ଆମେରିକା ଯିବେ । ସେ ନ୍ୟୁୟର୍କର ମେଡ଼ିସନ ସ୍କୋୟାରରେ ଏକ ସଭାକୁ ସମ୍ବୋଧିତ କରିବେ । ମେଡ଼ିସିନ ସ୍କୋୟାରରେ ଆୟୋଜିତ ହେବାକୁ ଥିବା ରାଲିରେ ପାଖାପାଖି ୫୦୦୦ ଭାରତୀୟ ସାମିଲ ହେବେ । ସେ ଷ୍ଟେନଫୋର୍ଡ ୟୁନିଭରସିଟିରେ ପ୍ୟାନେଲ ଚର୍ଚ୍ଚା ଏବଂ ଭାଷଣ ପାଇଁ ୱାସିଂଟନ ଏବଂ କାଲିଫର୍ଣ୍ଣିଆ ଯିବେ ।

## ଏଥର ବିଳମ୍ବରେ ଆସିବ ମୌସୁମୀ: ଆଇଏମଡି



ନୂଆଦିଲ୍ଲୀ, ୧୬/୦୫ (ନି.ପ୍ର): ସାମାନ୍ୟ ବିଳମ୍ବରେ ଏଥର କେରଳ ଛୁଇଁବ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ। ଚଳିତ ବର୍ଷ ମୌସୁମୀ ଜୁନ ୪ ତାରିଖ ବେଳକୁ କେରଳ ଛୁଇଁବାର ସମ୍ଭାବନା ଥିବା ଆଜି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ବିଳମ୍ବରେ ମୌସୁମୀ ଆସିବାକୁ ଥିଲେ ହେଁ ଏହାର ପ୍ରଭାବରେ ସ୍ୱାଭାବିକ ବର୍ଷା ହେବ ବୋଲି ବିଭାଗ ପକ୍ଷରୁ ପୁଣିଥରେ କୁହାଯାଇଛି। ସାଧାରଣତଃ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଜୁନ ୧ରେ କେରଳ ଛୁଇଁଥାଏ। ହେଲେ ଏଥର ଏହା ସାମାନ୍ୟ ବିଳମ୍ବରେ ଆସିବ। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ "ଚଳିତ ବର୍ଷ ଦକ୍ଷିଣ-ପଶ୍ଚିମ ମୌମୁସୀ ବାୟୁ କେରଳ ଆସିବାରେ ସାମାନ୍ୟ ବିଳମ୍ବ ହେବ। ଜୁନ ୪ରେ ମୌସୁମୀ କେରଳ ଛୁଇଁବାର ସମ୍ଭାବନା ରହିଛି। ଏହା ୪ ଦିନ ଏପଟ ସେପଟ ମଧ୍ୟ ହୋଇପାରେ।" କେରଳ ଛୁଇଁବାର ୧୦ ଦିନ ପରେ ମୌସୁମୀ ଓଡ଼ିଶାକୁ ଆସିଥାଏ। ଗତବର୍ଷ ମେ' ୨୯ ତାରିଖରେ ମୌସୁମୀ କେରଳ ଛୁଇଁଥିଲା। ୨୦୨୧ରେ ଏହା ଜୁନ ୩ ଓ ୨୦୨୦ରେ ମୌସୁମୀ ଜୁନ ୧ରେ କେରଳରେ ତା'ର ଉପସ୍ଥିତି ଜାହିର କରିଥିଲା। ଗତମାସରେ ଆଇଏମଡି କହିଥିଲା ଯେ ଚଳିତ ବର୍ଷ ଏଲ ନିନୋର ପ୍ରଭାବ ପଡ଼ିପାରେ। ତଥାପି ସମଗ୍ର ଦେଶରେ ସ୍ୱାଭାବିକ ବର୍ଷା ହେବ। ଆଇଏମଡି କହିଛି ଯେ ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ମୌସୁମୀ ପ୍ରଭାବରେ ୯୬% ବର୍ଷା ହେବ। ଏହାର ଅର୍ଥ ସ୍ୱାଭାବିକ ବର୍ଷା ହେବ। ୯୬%ରୁ +/- ୫ ବର୍ଷାକୁ ସ୍ୱାଭାବିକ ବର୍ଷା କୁହାଯାଏ। ସାରା ଦେଶରେ ସ୍ୱାଭାବିକ ବର୍ଷାର ଆକଳନ ହୋଇଥିଲେ ମଧ୍ୟ ଉତ୍ତର ପଶ୍ଚିମ ଭାରତର କିଛି ରାଜ୍ୟରେ ସ୍ୱାଭାବିକ ଠାରୁ କମ ବର୍ଷା ହେବାର ଆଶଙ୍କା ରହିଛି। ମୌସୁମୀ ବର୍ଷାର ପ୍ରଭାବ ଏଲ ନିନୋ ଉପରେ ନର୍ଭର କରିଥାଏ। ଏଲ ନିନୋର ପ୍ରଭାବ ପଡ଼ିଲେ ବର୍ଷାର ମାତ୍ରା ସାଧାରଣତଃ କମ ହୋଇଥାଏ। ଦକ୍ଷିଣ ଓ ପଶ୍ଚିମ ଭାରତରେ ଯଦି ମୌସୁମୀ ବର୍ଷା ଉପରେ ଏଲ ନିନୋର ପ୍ରଭାବ ପଡ଼ିବ, ତା'ହେଲେ ମରୁଡ଼ି ସମସ୍ୟା ମଧ୍ୟ ସୃଷ୍ଟି ହେବାର ଆଶଙ୍କା ରହିଛି। ମୌସୁମୀ ଉପରେ ଚାଷୀମାନେ ନିର୍ଭର କରନ୍ତି। ତେଣୁ ସମସ୍ତେ ଭଲ ମୌସୁମୀ ବର୍ଷାକୁ ଅପେକ୍ଷା କରିଛନ୍ତି। ଏଲ ନିନୋର ପ୍ରଭାବ ଯଦି ମୌସୁମୀର ଦ୍ୱିତୀୟ ଭାଗରେ ଶକ୍ତିଶାଳୀ ହେବ, ତା'ହେଲେ ପଞ୍ଜାବ, ହରିଆଣା, ରାଜସ୍ଥାନ ଓ ଉତ୍ତର ପ୍ରଦେଶରେ ଚାଷ କାମ ପ୍ରଭାବିତ ହେବାର ଆଶଙ୍କା ରହିଛି।

## ୧୮ ତାରିଖରେ ପ୍ରକାଶ ପାଇବ ମାଟ୍ରିକ୍ ପରୀକ୍ଷା ଫଳ

ଭୁବନେଶ୍ୱର, ୧୬/୦୫ (ନି.ପ୍ର): ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ(ମାଟ୍ରିକ୍) ପରୀକ୍ଷା ଆସନ୍ତା ଗୁରୁବାର ସକାଳ ୧୦ଟା ବେଳେ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କ ଉପସ୍ଥିତିରେ ମାଟ୍ରିକ୍




ଫଳ ଆସନ୍ତା ୧୮ ତାରିଖରେ ପ୍ରକାଶ ପାଇବ । କଟକ ସ୍ଥିତ ବୋର୍ଡ କାର୍ଯ୍ୟାଳୟରେ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ବୋର୍ଡ ସଭାପତି ରମାଶିଷ ହାଜରା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ପରୀକ୍ଷା ଫଳ ପ୍ରକାଶ ପାଇବ। ଦିନ ୧୨ଟା ସୁଦ୍ଧା ସମସ୍ତେ ମାଟ୍ରିକ୍ ପରୀକ୍ଷା ଫଳ ଜାଣିପାରିବେ ବୋଲି ବୋର୍ଡର ଉପସଭାପତି ଡକ୍ଟର ନିହାର ରଞ୍ଜନ ମହାନ୍ତି କହିଛନ୍ତି, ।

▶▶ପୃଷ୍ଠା ୭

## ବେଆଇନ ବାଣ କାରଖାନାରେ ବିସ୍ଫୋରଣ:୭ ମୃତ

କୋଲକାତା ,୧୬/୦୫ : ପଶ୍ଚିମବଙ୍ଗର ପୂର୍ବ ମେଦିନୀପୁର ଜିଲ୍ଲାର ଏଗ୍ରାରେ ଥିବା ଏକ ବେଆଇନ ବାଣ କାରଖାନାରେ ମଙ୍ଗଳବାର ବିସ୍ଫୋରଣ ଘଟିଛି । ଯେଉଁଥିରେ ୭ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଆଉ କିଛି ଲୋକ ଆହତ ହୋଇଛନ୍ତି ବୋଲି ପୁଲିସ ସୂଚନା ଦେଇଛି । ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ କାରଖାନା ଚାଲୁଥିବା ଘର ଭୁଶୁଡ଼ି ପଡ଼ିଥିଲା ବୋଲି ଜଣେ ପୁଲିସ ଅଧିକାରୀ କହିଛନ୍ତି। ବିସ୍ଫୋରଣ ପରେ ଘଟଣାସ୍ଥଳରୁ ଧୂଆଁ ବାହାରୁଥିବା ଦେଖିବାକୁ ମିଳିଥିଲା। ପୁଲିସ ସୂଚନା ଅନୁସାରେ ବାଣ କାରଖାନା ଚାଲୁଥିବା ଏକ ଘର ଭିତରେ ଏହି ବିସ୍ଫୋରଣ ଘଟିଥିଲା। ଆହତମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗତ ମାସରେ ଏହି କାରଖାନା ଉପରେ ଚଢ଼ାଉ କରାଯାଇ ଏହାର ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ ଏଠାରେ ବାଣ ତିଆରି ହେଉଥିଲା । ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ମୃତବ୍ୟକ୍ତିଙ୍କ ପରିବାରକୁ ଅଢେଇ ଲକ୍ଷ ଟଙ୍କାର ସହାୟତା ଘୋଷଣା କରାଯାଇଛି ।

▶▶ପୃଷ୍ଠା ୭

## ପୂର୍ବତନ ମନ୍ତ୍ରୀ ଶଶିଭୂଷଣ ବେହେରାଙ୍କ ନାମରେ ବଧୂ ନିର୍ଯାତନା ଅଭିଯୋଗ


### ଅଭିଯୋଗକୁ ଖଣ୍ଡନ କଲେ ବିଧାୟକ



ଭୁବନେଶ୍ୱର, ୧୬/୦୫ (ନି.ପ୍ର): କେନ୍ଦ୍ରାପଡ଼ା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଶଶିଭୂଷଣ ବେହେରା ଓ ତାଙ୍କ ପରିବାର ନାଁରେ ବଧୂ ନିର୍ଯାତନା ଅଭିଯୋଗ ଆସିଛି ।ବିଧାୟକଙ୍କ ପୁଅ, ସ୍ତ୍ରୀ ଓ ଅନ୍ୟ ପରିବାର ସଦସ୍ୟଙ୍କ ନାଁରେ ଥାନାରେ ଅଭିଯୋଗ ଆଣିଛନ୍ତି ବୋହୂ ରୋନାଲି। କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରାଙ୍କ ପୁଅ ସତ୍ୟପ୍ରକାଶ ବେହେରାଙ୍କ ପତ୍ନୀ ହେଉଛନ୍ତି ରୋନାଲି। ସେ କଟକ ଜିଲ୍ଲା ବାଙ୍କୀ ଥାନାରେ ଯୌତୁକ ନିର୍ଯାତନା ଅଭିଯୋଗ ଆଣିଛନ୍ତି । ଏତଲାରେ ଶଶିଭୂଶଣ ବେହେରାଙ୍କ ପରିବାର ନାଁରେ ଅଭିଯୋଗ ରହିଛି। ବୋହୂ ରୋନାଲି ଶାରିରୀକ ଓ ମାନସିକ ନିର୍ଯାତନା ପାଇଥିବା ଅଭିଯୋଗ ଆଣିଛନ୍ତି। ଏଥିସହ ତାଙ୍କୁ ଘରୁ ବାହାର କରି ଦିଆଯାଇଥିବା କହିଛନ୍ତି । ଶଶି ବେହେରାଙ୍କ ପୁଅ ସତ୍ୟପ୍ରକାଶଙ୍କର ଜଣେ ବିବାହିତ ମହିଳାଙ୍କ ସହ ଅନୈତିକ ସମ୍ପର୍କ ଥିବା ଅଭିଯୋଗ ଆଣିଛନ୍ତି ରୋନାଲି। ପୁଅର ସମସ୍ତ କାର୍ଯ୍ୟକଳାପ ସମ୍ପର୍କରେ ଜାଣି ବି ଶ୍ୱଶୁର ଶଶିଭୂଷଣ ବେହେରା ଚୁପ ରହୁଥିବା ରୋନାଲି ଅଭିଯୋଗ କରିଛନ୍ତି। ତାଙ୍କର କହିବା ଅନୁଯାୟୀ ଶ୍ୱଶୁର ଘର ଲୋକେ ୪୦ ଲକ୍ଷ ଟଙ୍କା ଆଣିବାକୁ କହିଥିଲେ। ତାଙ୍କୁ ସ୍ୱାମୀ ବି ଧକ୍କା ମାରିଥିଲେ।

▶▶ପୃଷ୍ଠା ୭

## ୪୦ ଡିଗ୍ରି ଉପରେ ରାଜ୍ୟର ୧୮ ସହର: ୪୪.୩ ଡିଗ୍ରି ସହ ସମ୍ବଲପୁର ଉତ୍ତପ୍ତ



ଭୁବନେଶ୍ୱର, ୧୬/୦୫ (ନି.ପ୍ର): ପ୍ରବଳ ଖରା ଓ ଗୁଳୁଗୁଳିରେ ସମ୍ପୂର୍ଣ ଓଡିଶା ସିଝୁଛି । ଏତେ ଗୁଳୁଗୁଳି ହେଉଠି ଯେ ଲୋକ ମାନଙ୍କୁ ଏହା ସହ୍ୟ ହେଉ ନାହିଁ । ମଙ୍ଗଳବାର ଦିନ ଆଜି ରାଜ୍ୟର ୧୮ଟି ସହରରେ ତାପମାତ୍ରା ୪୦ ଡିଗ୍ରିରୁ ଊର୍ଦ୍ଧ୍ୱ ରେକର୍ଡ କରାଯାଇଛି। ସମ୍ବଲପୁର ଠାରେ ସର୍ବାଧିକ ୪୪.୩ ଡିଗ୍ରୀ ସେଲସିୟସ ତାମମାତ୍ରା ରେକର୍ଡ କରାଯାଇଛି । ଭୁବନେଶ୍ୱର ସ୍ଥିତ ପାଣିପାଗ କେନ୍ଦ୍ର ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ୪ଟି ସହରର ତାପମାତ୍ରା ୪୪ ଡିଗ୍ରି ଉପରେ ରହିଛି । ସମ୍ବଲପୁରରେ ସର୍ବାଧିକ ୪୪.୩ ଡିଗ୍ରି ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ ବୌଦ୍ଧରେ ୪୪.୨, ଉଭୟ ବଲାଙ୍ଗୀର ଓ ନୂଆପଡ଼ାରେ ତାପାମାତ୍ରା ୪୪ ଡିଗ୍ରି ରେକର୍ଡ ହୋଇଛି। ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଝାରସୁଗୁଡ଼ାରେ ୪୩.୮, ମାଲକାନଗିରି ଏବଂ ଟିଟିଲାଗଡ଼ରେ ୪୩.୫, ରାଉରକେଲାରେ ୪୩.୪,ସୋନପୁରରେ ୪୩.୧, ସୁନ୍ଦରଗଡ଼ରେ ୪୨.୮, ଅନୁଗୁଳରେ ୪୨.୭, ହୀରାକୁଦ ଏବଂ ଭବାନୀପାଟଣାରେ ୪୨.୫, ତାଳଚେରରେ ୪୨, ଦେବଗଡ଼ରେ ୪୧, ବରଗଡ଼ରେ ୪୦.୮, ନବରଂଗପୁରରେ ୪୦.୨ ଓ ପାରଳାଖେମୁଣ୍ଡିରେ ୪୦ ଡିଗ୍ରି ତାପମାତ୍ରା ରେକର୍ଡ ହୋଇଛି।

▶▶ପୃଷ୍ଠା ୭

## ଝଡ଼ ତୋଫାନ ଓ ବର୍ଷାରେ ୯ ମୃତ

କୋଲକାତା, ୧୬/୦୫ (ନି.ପ୍ର): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ଼ ମୋଚା ପ୍ରଭାବରେ ପଶ୍ଚିମବଙ୍ଗର ଉପକୂଳବର୍ତି ଜିଲ୍ଲା ମାନଙ୍କରେ ଆସିଥିବା ଝଡ଼ ତୋଫାନ ଓ ବର୍ଷାରେ ୯ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ କେତେକ ଆହତ ହୋଇଥିବାର ସୂଚନା ମିଳିଛି । ଯାହାକୁ ନେଇ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ପ୍ରକାଶ ପାଇଛି । ଝଡ଼ ତୋଫାନ ଓ ବର୍ଷା ସମୟରେ ଅଧିକାଂଶ ଲୋକଙ୍କ ମୃତ୍ୟୁ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି କିମ୍ବା ଗଛ ଡାଳ ପଡି ଘଟିଛି। ସାମୁଦ୍ରିକ ଝଡ଼ ମୋଚା ରାଜ୍ୟର ତଟବର୍ତି ଅଂଚଳରେ ବ୍ୟାପକ ପ୍ରଭାବ ପକାଇଛି ।


## ଆଜି ଘୋଷଣା ହୋଇପାରେ କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ନାମ



ନୂଆଦିଲ୍ଲୀ,୧୬/୦୫ : କର୍ଣ୍ଣାଟକର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ କିଏ ହେବ ତାକୁ ନେଇ ସସପେନ୍ସ ଜାରି ରହିଛି। ତେବେ ଆସନ୍ତାକାଲି ଅର୍ଥାତ ବୁଧବାର କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ବେଙ୍ଗାଲୁରୁରେ ରାଜ୍ୟର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ନାମ ଘୋଷଣା କରି ପାରନ୍ତି। ଖଡ଼ଗେ ନୂଆଦିଲ୍ଲୀରେ ନିଜ ବାସଭବନରେ ପୃଥକ ପୃଥକ ଭାବେ ମୁଖ୍ୟମନ୍ତ୍ରୀ ପଦ ପାଇଁ ପ୍ରବଳ ଦାବିଦାର କର୍ଣ୍ଣାଟକ ରାଜ୍ୟ ସଭାପତି ଡିକେ ଶିବକୁମାର ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କୁ ଭେଟିବା ପରେ ଏହି ବଡ଼ ସୂଚନା ସାମ୍ନାକୁ ଆସିଛି। ୟୁପିଏ ଅଧକ୍ଷା ସୋନିଆ ଗାନ୍ଧୀ ଏବଂ ପୂର୍ବତନ ରାଷ୍ଟ୍ରୀୟ ଅଧକ୍ଷ ରାହୁଲ ଗାନ୍ଧୀଙ୍କ ସହ ବିଚାର ବିମର୍ଶ ପରେ ଖଡ଼ଗେ ଚୂଡ଼ାନ୍ତ ନିଷ୍ପତ୍ତି ନେବେ। ଦ୍ୱନ୍ଦ୍ୱାତ୍ମକ ପରିସ୍ଥିତି କାରଣରୁ କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ପଦ ଉପରେ ଅଦ୍ୟାବଧି କୌଣସି ନିଷ୍ପତ୍ତି ହୋଇ ପାରିନାହିଁ। କଂଗ୍ରେସ ସଭାପତି ଦଳର ସମସ୍ତ ତୁଙ୍ଗ ନେତାଙ୍କୁ ଭେଟିଛନ୍ତି। ସୋନିଆ ଏବଂ ରାହୁଲଙ୍କ ସହ ଆଲୋଚନା ପରେ ସେ ଚୂଡ଼ାନ୍ତି ନିଷ୍ପତ୍ତି ନେବେ। ତେଣୁ ବୁଧବାର ମୁଖ୍ୟମନ୍ତ୍ରୀ ପଦରେ ଖଡ଼ଗେ ବଡ଼ ଘୋଷଣା କରି ପାରନ୍ତି ବୋଲି ଏଏନଆଇ ସୂତ୍ରରୁ ପ୍ରକାଶ। ଶିବକୁମାର କହିଛନ୍ତି, ମୁଁ ଦଳକୁ ପଛରୁ ଛୁରୀ ଭୁଷିବି ନାହିଁ କି ଧୋକ୍କା ଦେବି ନାହିଁ। ଯଦି ପାର୍ଟି ମୋତେ ଦାୟିତ୍ୱ ଦେବ ତେବେ ମୁଁ ସାଦର ଗ୍ରହଣ କରିବି। ଆମର ୧୩୫ ବିଧାୟକ ଏକଜୁଟ୍ ଅଛନ୍ତି। ମୁଁ କଦାପି ଦଳରେ ବିଭାଜନ କରିବି ନାହିଁ। ହୁଏତ ମୋତେ ସେମାନେ ପସନ୍ଦ କରନ୍ତୁ କି ନକରନ୍ତୁ, ମୁଁ ଜଣେ ଦାୟିତ୍ୱବାନ ନେତା ହିସାବରେ ମୋର କାମ କରିବି। ପାର୍ଟି ମୋ ପାଇଁ ଭଗବାନ। ମୁଁ ଏହାର ଅଂଶ ବୋଲି ବେଙ୍ଗାଲୁରୁ ଛାଡ଼ିବା ପୂର୍ବରୁ ଶିବକୁମାର କହିଥିଲେ।

▶▶ପୃଷ୍ଠା ୭

## ରାଜପରିବାରରେ ଝଡ଼



ବଲାଙ୍ଗୀର ୧୬/୦୫: ପୁଣି ଦାଣ୍ଡରେ ପଡିଲା ରାଜପରିବାର କଳି । ଘରୋଇ ହିଂସା ଅଭିଯୋଗ ଆଣିଲେ ଅର୍କେଶ ସିଂହ ଦେବଙ୍କ ପତ୍ନୀ । ଏମିତି ଅଭିଯୋଗ ଆଣିଛନ୍ତି ବଲାଙ୍ଗୀର ରାଜପରିବାର ଯୁବନେତା ଅର୍କେଶ ନାରାୟଣ ସିଂଦେଓଙ୍କ ପତ୍ନୀ ଅଦ୍ରୀଜା ସିଂହ । ଅଦ୍ରୀଜାଙ୍କୁ ଶାଶୁଘର ଲୋକ ମାଡ଼ମାରୁଥିବା ସହ ଯୌତୁକ ନିର୍ଯାତନା ଦେଇଥିବା ଅଭିଯୋଗ ଆଣିଛନ୍ତି । ଏନେଇ ଉତ୍ତରାଖଣ୍ଡ ଡେରାଡୁନ ଡିଜିପିଙ୍କ ଦ୍ୱାରସ୍ଥ ହୋଇଛନ୍ତି ଅଦ୍ରୀଜା । ଅଭିଯୋଗ ପରେ ଡେରାଡୁନ ଡିଜିପି ଏଏସପିଙ୍କୁ ତଦନ୍ତ ଦାୟିତ୍ୱ ଦେଇଛନ୍ତି । ଅଦ୍ରୀଜା ପୂର୍ବତନ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ପ୍ରତାପ ସିଂ ଙ୍କ ନାତୁଣୀ ଓ ଅର୍କେଶ ହେଉଛନ୍ତି ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓଙ୍କ ସାନ ପୁଅ । ସୂଚନା ଥାଉକି, ୨୦୧୭ ମସିହା ନଭେମ୍ବର ମାସରେ ଆଦ୍ରିଜାଙ୍କୁ ବିବାହ କରିଥିଲେ ଅର୍କେଶ । ଅଦ୍ରୀଜା ହେଉଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ପ୍ରତାପ ସିଂହଙ୍କ ନାତୁଣୀ । ୨୦୧୯ ନିର୍ବାଚନରେ ଅର୍କେଶ ବଲାଙ୍ଗିର ବିଧାନସଭା ଆସନ ପାଇଁ ଟିକେଟ୍ ପାଇବା ପରେ ଅଦ୍ରିଜା ତାଙ୍କ ପ୍ରଚାର ମଙ୍ଗ ଧରିଥିଲେ । ନିର୍ବାଚନରେ

▶▶ପୃଷ୍ଠା ୭

## କଂଗ୍ରେସ କାହାର ଦୟାରେ ନିର୍ବାଚନ ଲଢେନାହିଁ : ମମତାଙ୍କୁ ଅଧୀରଙ୍କ ଜବାବ

ନୂଆଦିଲ୍ଲୀ, ୧୬/୦୫ : ତୃଣମୂଳ କଂଗ୍ରେସ ଅଧକ୍ଷା ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗତ ସୋମବାର କହିଥିଲେ ଯେ ସେ ୨୦୨୪ ଲୋକସଭା ନିର୍ବାଚନରେ କଂଗ୍ରେସକୁ ସମର୍ଥନ କରିବାକୁ ପ୍ରସ୍ତୁତ ଅଛନ୍ତି । ମଙ୍ଗଳବାର ଏହାର ଜବାବ ଦେଇଛି କଂଗ୍ରେସ । ଲୋକସଭାରେ କଂଗ୍ରେସର ନେତା ଅଧୀର ରଂଜନ ଚୌଧୁରୀ କହିଛନ୍ତି



ଯେ ଯେ କଂଗ୍ରେସ କାହାର ଦୟାରେ ନିର୍ବାଚନ ଲଢେ ନାହିଁ ଏବଂ ଯଦି ସେମାନଙ୍କର ଏହି ଭୁଲ ଧାରଣା ଅଛି ତେବେ ଏହାକୁ ସେମାନଙ୍କ ମନରୁ ହଟାଇ ଦିଅନ୍ତୁ । ଗଣମାଧ୍ୟମକୁ ସାକ୍ଷାତକାର ଦେଇ ଚୌଧୁରୀ କହିଛନ୍ତି ଯେ ହିମାଚଳ ପ୍ରଦେଶ ଏବଂ କର୍ଣ୍ଣାଟକରେ କଂଗ୍ରେସ ଏକାକୀ ଜିତିଛି। ଏହି ନିର୍ବାଚନ ସମୟରେ ମମତା ବାନାର୍ଜୀ ଥରେ ବି ଜନସାଧାରଣଙ୍କୁ କହିନଥିଲେ ଯେ ଏଠାରେ ବିଜେପି ଓ କଂଗ୍ରେସ ମଧ୍ୟରେ ଲଢ଼େଇ ଚାଲିଛି, ଏଣୁ କଂଗ୍ରେସକୁ ଭୋଟ୍ ଦିଅନ୍ତୁ। ଏପରିକି ମମତା ଗୋଆରେ କଂଗ୍ରେସକୁ ପରାସ୍ତ କରିବାରେ ଲାଗିପଡ଼ିଥିଲେ। ମେଘାଳୟ ଓ ତ୍ରିପୁରାରେ ମଧ୍ୟ ସେ ସମାନ କାମ କରିଥିଲେ।

▶▶ପୃଷ୍ଠା ୭

# ‘ବିଶ୍ୱ ନୀତି ନିର୍ଦ୍ଧାରଣରେ ସଂସ୍କୃତିର ଭୂମିକା ଗୁରୁତ୍ୱପୂର୍ଣ୍ଣ’

## ଜି-୨୦ ସାଂସ୍କୃତିକ କାର୍ଯ୍ୟଗୋଷ୍ଠୀର ପ୍ରତିନିଧିସ୍ତରୀୟ ଆଲୋଚନା ଆରମ୍ଭ

ଭୁବନେଶ୍ୱର , ୧୬/୦୫ (ନି.ପ୍ର): ଜି-୨୦ ସାଂସ୍କୃତିକ କାର୍ଯ୍ୟଗୋଷ୍ଠୀ ବୈଠକର ପ୍ରତିନିଧିସ୍ତରୀୟ ଆଲୋଚନା ସୋମବାରଠାରୁ ଭୁବନେଶ୍ୱରରେ ଆରମ୍ଭ ହୋଇଛି। କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଜି. କିଷନ ରେଡ୍ଡୀ, କେନ୍ଦ୍ର ଗୃହରାଷ୍ଟ୍ର ମନ୍ତ୍ରୀ ନିତ୍ୟାନନ୍ଦ ରାୟ ଉଦ୍‌ଘାଟନୀ ଅଧିବେଶନରେ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତିନିଧିମାନଙ୍କୁ ସମ୍ବୋଧିତ କରି ଶ୍ରୀ ରେଡ୍ଡୀ କହିଥିଲେ, ବିଶ୍ୱ ନୀତି ନିର୍ଦ୍ଧାରଣରେ ସଂସ୍କୃତି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। କାରଣ ଏହା ବର୍ତ୍ତମାନର ସମସ୍ୟା ପାଇଁ ଅଧିକ ସମାବେଶୀ ଓ ଦୀର୍ଘସ୍ଥାୟୀ ସମାଧାନ ଯୋଗାଇ ଦେଇଥାଏ। ସେ ଆହୁରି କହିଥିଲେ ଯେ, ଏହି ପରିପ୍ରେକ୍ଷୀରେ ଜି-୨୦ ସାଂସ୍କୃତିକ କାର୍ଯ୍ୟଗୋଷ୍ଠୀ ବିଭିନ୍ନ ସଦସ୍ୟମାନଙ୍କ ମଧ୍ୟରେ ସହଭାଗିତାକୁ ପ୍ରୋତ୍ସାହନ ଦେବା ଓ ଆଲୋଚନାକୁ ପ୍ରସାରିତ କରିବା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଆମେ ସାଂସ୍କୃତିକ ଆଲୋଚନାକୁ ପ୍ରୋତ୍ସାହନ ଦେବା, ସହଭାଗୀ ଅଧ୍ୟୟନକୁ ଆଗେଇ ନେବା ଓ ସଦସ୍ୟମାନଙ୍କ ମଧ୍ୟରେ ସହଯୋଗକୁ ସୁଦୃଢ଼ କରିବା ଲାଗି ସଂକଳ୍ପବଦ୍ଧ ରହିଛୁ। ଏଥିସହିତ ପ୍ରତ୍ୟେକ ରାଷ୍ଟ୍ରର ଅଭିନବ ସାଂସ୍କୃତିକ ପରିଦୃଶ୍ୟ ଏବଂ ଐତିହ୍ୟକୁ ଯଥୋଚିତ ମାନ୍ୟତା ଦେଉଛୁ। କେନ୍ଦ୍ର ମନ୍ତ୍ରୀ ଆହୁରି କହିଥିଲେ ଯେ, ଏକ ସହଭାଗୀ ସଂକଳ୍ପ ନେଇ, ଆମେ ଅଧିକ ସମାନତାପୂର୍ଣ୍ଣ ଓ ସାଂସ୍କୃତିକ ଦୃଷ୍ଟିରୁ ସଚେତନ ବିଶ୍ୱ ନୀତି ପରିଦୃଶ୍ୟ ସୃଷ୍ଟି କରିବା ଲାଗି ଲକ୍ଷ୍ୟ ରଖିଛୁ ଯାହା ସାଂସ୍କୃତିକ ବିବିଧତାକୁ ଯଥେଷ୍ଟ ମୂଲ୍ୟ ପ୍ରଦାନ କରୁଥିବ। ସାମାଜିକ ସଂଲଗ୍ନତାକୁ ପ୍ରୋତ୍ସାହନ ଦେବା, ଆନ୍ତଃସାଂସ୍କୃତିକ ଆଲୋଚନାକୁ ପ୍ରୋତ୍ସାହିତ କରିବା ଏବଂ ଆପୋସ ବୁଝାମଣା ବିକଶିତ କରିବା କ୍ଷେତ୍ରରେ ସଂସ୍କୃତିର ଏକ ମହତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଶ୍ରୀ ରେଡ୍ଡୀ ଆହୁରି କହିଥିଲେ ଯେ ପ୍ରାଚୀନ ଭାରତୀୟ ଦର୍ଶନ ‘ବସୁଧୈବ କୁଟୁମ୍ବକମ’ (ବିଶ୍ୱ ଏକ ପରିବାର)ର ବିଚାର ଖୁବ ସୁନ୍ଦର ଭାବେ ବିବିଧତା ମଧ୍ୟରେ ଏକତାର ବାର୍ତ୍ତା ଦେଇଥାଏ। ସଂସ୍କୃତି, ଧର୍ମ, ଭାଷା ଏବଂ ଜାତିଗତ ଭିନ୍ନତା ସତ୍ତ୍ୱେ ଆମେ ସମସ୍ତେ ଗୋଟିଏ ବିଶ୍ୱ ପରିବାରର ଅଂଶବିଶେଷ ବୋଲି ଏହି ଦର୍ଶନରୁ ଶିକ୍ଷା ମିଳିଥାଏ। ସାଂସ୍କୃତିକ ବିନିମୟ ଉପରେ ଗୁରୁତ୍ୱାରୋପ କରି କେନ୍ଦ୍ର ମନ୍ତ୍ରୀ କହିଥିଲେ ଯେ



ଏହା ସ୍ଥାନୀୟ ଅର୍ଥବ୍ୟବସ୍ଥାକୁ ପ୍ରୋତ୍ସାହନ, ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ଏବଂ ବିକାଶ ପାଇଁ ଜନସମୁଦାୟକୁ ସହାୟତା କରିଆରେ ଏହା ଦୀର୍ଘସ୍ଥାୟୀ ବିକାଶ ଦିଗରେ ଯୋଗଦାନ ଦେଇପାରିବ। ସେ ଆହୁରି କହିଥିଲେ ଯେ ଆମର ପୂର୍ବସୂରୀମାନଙ୍କ ଦ୍ୱାରା ନିର୍ମାଣ କରାଯାଇଥିବା ମୂଳଦୁଆକୁ ଆହୁରି ସୁଦୃଢ଼ କରିବା ଏବଂ ଜି-୨୦ ଏଜେଣ୍ଡାରେ ସଂସ୍କୃତିକୁ ଏକ ପ୍ରମୁଖ କ୍ଷେତ୍ର ଭାବେ ଗ୍ରହଣ କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ ବୋଲି ଶ୍ରୀ ରେଡ୍ଡୀ କହିଥିଲେ। ପ୍ରତିନିଧିମାନଙ୍କୁ ସମ୍ବୋଧିତ କରି କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ କହିଥିଲେ, ଭାରତର ଜି-୨୦ ଅଧ୍ୟକ୍ଷତା ଓ ‘ଅମୃତ କାଳ’ ସମାନ ସମୟରେ ଆରମ୍ଭ ହୋଇଛି। ସ୍ୱାଧୀନତାର ୧୦୦ ବର୍ଷ ପୂରଣ ସୁଦ୍ଧା ଭାରତ ଏକ ଭବିଷ୍ୟଉନ୍ମୁଖୀ, ସମୃଦ୍ଧ, ସମାବେଶୀ ଓ ବିକଶିତ ରାଷ୍ଟ୍ର ଗଠନ ଦିଗରେ ଅଗ୍ରସର ହେଉଛି। ଉଦ୍‌ଘାଟନୀ ଅଧିବେଶନକୁ ସମ୍ବୋଧିତ କରି ସଂସ୍କୃତି ମନ୍ତ୍ରଣାଳୟ ସଚିବ ଗୋବିନ୍ଦ ମୋହନ ଜି-୨୦ ବିଷୟବସ୍ତୁକୁ ବିଶ୍ୱସ୍ତରରେ ସମସ୍ତଙ୍କ ପାଇଁ ନ୍ୟାୟପୂର୍ଣ୍ଣ ଓ ନ୍ୟାୟସଂଗତ ବିକାଶର ଏକ ଶକ୍ତିଶାଳୀ ବାର୍ତ୍ତା ବୋଲି କହିଥିଲେ। ଆଜିର ତିନୋଟି ଅଧିବେଶନରେ ଆଲୋକପାତ କରାଯାଇଥିବା ଦୁଇଟି ପ୍ରାଥମିକତା କ୍ଷେତ୍ରରେ ଜି-୨୦ ସଦସ୍ୟ, ଅତିଥି ରାଷ୍ଟ୍ର ଓ ଅନ୍ତର୍ଜାତୀୟ ସଂଗଠନର ପ୍ରତିନିଧିମାନେ ଆଲୋଚନା କରିଥିଲେ। ଗସ୍ତ କାଳରେ ବିଦେଶୀ ଅତିଥିମାନଙ୍କ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିରେ ସେମାନଙ୍କୁ ୟୁନେସ୍କୋ ବିଶ୍ୱ ଐତିହ୍ୟ କ୍ଷେତ୍ର କୋଣାର୍କ ସୂର୍ଯ୍ୟ ମନ୍ଦିର ଓ ଉଦୟଗିରି ଗୁମ୍ଫା ବୁଲିବାର ସୁଯୋଗ ଦିଆଯିବ। ପ୍ରତିନିଧିମାନଙ୍କ ପାଇଁ ମଧ ଓଡ଼ିଶାର ଜନଜାତି ଲୋକନୃତ୍ୟ ଶିଙ୍ଗାରୀ, ସମ୍ବଲପୁରୀ, ଓଡ଼ିଶୀ ଓ ଗୋଟିପୁଅ ନୃତ୍ୟ ପରିବେଷଣ କରାଯିବ।

# ଜମି ଦେବାକୁ କହି ୧୫ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଜଣକୁ ଗିରଫ କଲା ଖଲ୍ଲିକୋଟ ପୋଲିସ

ଖୋର୍ଦ୍ଧା, ୧୬/୦୫ (ନି.ପ୍ର): ଜମି ଦେବାକୁ କହି ୧୫ ଲକ୍ଷ ଟଙ୍କା ଠକେଇ କରିଥିବା ଅଭିଯୋଗରେ ଜଣକୁ ଖଲ୍ଲିକୋଟ ପୋଲିସ ଗିରଫ କରିଛି । ଗିରଫ ଜଣକ ହେଲେ ବାଲୁଗାଁ ଘୁମୁଶର ପଦର ଗ୍ରାମର ମୁରଲୀଧର ତରେଇ । ପୋଲିସ ସୂଚନା ମୁତାବକ ଖଲ୍ଲିକୋଟ ଥାନା ଲଙ୍ଗଳେଶ୍ୱର ଗ୍ରାମର ଲକ୍ଷ୍ମୀନାରାୟଣ ସାହୁଙ୍କ ପରିବାର ସହ ବାଲୁଗାଁ ଘୁମୁଶର ପଦର ଗ୍ରାମର ମୁରଲୀଧର ତରେଇ ପ୍ରଥମେ ସୁସମ୍ପର୍କ ସ୍ଥାପନ କରିଥିଲେ। ପରେ ଲକ୍ଷ୍ମୀନାରାୟଣଙ୍କୁ ମୁରଲୀଧର ମୋର ପୁଅ ଇଞ୍ଜିନିୟରିଂ ପାଠ ପଢ଼ା ଓ ଝିଅର ବିବାହ କରିବା ପାଇଁ ଟଙ୍କା ଆବଶ୍ୟକ ଅଛି। ତେଣୁ ମୋର ଖଣ୍ଡେ ଜମି ଅଛି। ଟଙ୍କା ଦେଲେ ତୁମ ନାମରେ ରେଜିଷ୍ଟ୍ରି କରିଦେବି ବୋଲି ମୁରଲୀଧର ତରେଇ ପ୍ରତିଶ୍ରୁତି ଦେଇଥିଲେ। ତାଙ୍କ କଥାରେ ବିଶ୍ୱାସ କରି ଲକ୍ଷ୍ମୀନାରାୟଣ ୨୦୨୧ ମାର୍ଚ୍ଚ ୧୩ରେ ଚୁକ୍ତି କରି ମୁରଲୀଧରଙ୍କୁ ୧୫ ଲକ୍ଷ ଟଙ୍କା ଦେଇଥିଲେ। ପରେ ଲକ୍ଷ୍ମୀନାରାୟଣ ମୁରଲୀଧରଙ୍କୁ ଜମି ରେଜିଷ୍ଟ୍ରେସନ କରିବାକୁ କହିଥିଲେ। ହେଲେ ମୁରଲୀଧର ବିଭିନ୍ନ ସମୟରେ ବାହାନା ଦେଖାଇ ସମୟ ଗଡ଼ାଇ ଚାଲିଥିଲେ। ଏପରିକି ଗ୍ରାମର କିଛି ଭଦ୍ରବ୍ୟକ୍ତିଙ୍କୁ ସାଙ୍ଗରେ ନେଇ ଲକ୍ଷ୍ମୀନାରାୟଣ ବାଲୁଗାଁ ମୁରଲୀଧରଙ୍କ ଗ୍ରାମକୁ ଯାଇଥିଲେ। ସେଠାରେ ପରିବାର ଲୋକେ ନାନା ଧମକ ଚମକ ଦେଇ ଗାଁରୁ ତଡ଼ିଦେଲେ। ଅନ୍ୟ ଉପାୟ ନପାଇ ଲକ୍ଷ୍ମୀନାରାୟଣ ଭେଜିପୁଟ ଫାଣ୍ଡିରେ ଏକ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତି କରି ଖଲ୍ଲିକୋଟ ଥାନାରେ କେସ୍ ନଂ-୩୪୪/୨୦୨୩ରେ ମାମଲା ରୁଜୁ କରି ତଦନ୍ତ କରୁଥିଲେ। ତେବେ ଥାନାଧିକାରୀ ଜଗନ୍ନାଥ ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର ଘଟଣାର ତଦନ୍ତ କରି ଅଭିଯୋଗ ଦାଖଲର ୪ ଘଂଟା ମଧ୍ୟରେ ବାଲୁଗାଁ ଘୁମୁସର ପଦର ଗ୍ରାମକୁ ପୁଲିସ ଯାଇଥିଲେ। ସେଠାରେ ପରିବାର ଲୋକଙ୍କ ବିରୋଧ ସତ୍ୱେ କୌଶଳ କ୍ରମେ ମୁରଲୀଧର ତରେଇକୁ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର ଉଠାଇ ଆଣିଥିଲେ। ପରେ ମୁରଲୀଧର ତରେଇକୁ ବିଭିନ୍ନ ଦଫାରେ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି ।

# ଶ୍ରୀ ସତ୍ୟସାଇ ସେବା ସଂଗଠନ ତରଫରୁ ରକ୍ତଦାନ ଶିବିର

ଜୟପୁର, ୧୬/୦୫ (ନି.ପ୍ର): ଶ୍ରୀ ସତ୍ୟସାଇ ସେବା ସଂଗଠନ ତରଫରୁ ଅମୃତ ବିନ୍ଦୁ କାଯ୍ୟକ୍ରମ ଜୟପୁର ଏମଜି ରୋଡ ସ୍ଥିତ ସତ୍ୟସାଇ ସେବା ସମିତି ଠାରେ ଅନୁଷ୍ଠିତ ହୋଇଛି । ସମିତିର ସଦସ୍ୟ ମାନେ ଏଠାରେ ଉପସ୍ଥିତ ରହି ରକ୍ତଦାନ କରିଥିଲେ । ଏହି ରକ୍ତଦାନ ଶିବିରରେ ୩୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଏଠାରେ ଜିଲା ଚିକିତ୍ସାଳୟ ତରଫରୁ ଡାକ୍ତର ଏସ.ଏସ. ମିଶ୍ର ଉପସ୍ଥିତ ଥିଲେ । ଜିଲା ସଭାପତି କେ. ମାର୍କେଣ୍ଡେୟ ସାରାଫ, କେ. ମୋହନ ରାଓ ଆଚାରି, ଏସ. ରମେଶ ଗୁପ୍ତା, ଏମ. ଭେଙ୍କେଟରାଓ ପ୍ରମୁଖ ଉପସ୍ଥିତ ଥିଲେ ।

# ନିଳାଗୁଡାରେ ଅବକାରି ଚଢ଼ଉ

ଜୟପୁର, ୧୬/୦୫ (ନି.ପ୍ର): ଜୟପୁର ସଦର ଥାନା ଅନ୍ତର୍ଗତ ନିଳାଗୁଡା ଜଙ୍ଗଲରେ ଅବକାରି ଚଡଉ ହୋଇଛି । ମଦ ମାଫିଆ ମାନେ ମଦ ଓ ପୋଚ ଲୁଚାଇ ରଖି ଥିବା ସୂଚନା ପାଇ ଜୟପୁର ଅବକାରି ବିଭାଗ ତରଫରୁ ଚଡଉ କରାଯାଇଛି । ଚଢ଼ଉ ସୂଚନା ପାଇ ମଦ ମାଫିଆ ମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ବେଳେ ବହୁ ମଦ ଭାଟି ଭାଙ୍ଗିଛି ଜୟପୁର ଅବକାରି ବିଭାଗ । ଚଡଉ କରି ୧୪ଶହ ଲିଟର ପୋଚ ଓ ୯୦ ଲିଟର ଦେଶି ମଦକୁ ଜବତ କରି ନଷ୍ଟ କରିଛି । ଘଟଣାସ୍ଥଳରୁ ମଦରନ୍ଧା ସରଞ୍ଜମ ଡ୍ରମ ଆଦିକୁ ଜବତ କରିଥିବା ଜୟପୁର ଅବକାରି ଓଆଇସି ସଞ୍ଜୟ କୁମାର କାଣ୍ଡି ସୂଚନା ଦେଇଛନ୍ତି ।

# ଯାତ୍ରୀ ଖରାରେ ବସକୁ ଅପେକ୍ଷା କରି ହସ୍ତସନ୍ତ

ଧର୍ମଶାଳା, ୧୬/୦୫ (ନି.ପ୍ର): ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ଫଳରେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ଆଗକୁ ଆହୁରୀ ତାତି ବଢିବ ବୋଲି ପାଣିପାଗ ପକ୍ଷରୁ ସୂଚନା ଦିଆଯାଉଛି । ଏହି ଗ୍ରୀଷ୍ମ ପ୍ରବାହରେ ବସକୁ ଅପେକ୍ଷାରୁ କରୁଥିବା ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ଯାଜପୁର ଜିଲା ଧର୍ମଶାଳା ବ୍ଲକ ୧୬ ନଂ ଜାତୀୟ ରାଜପଥ ହେଉଛି ବସଷ୍ଟାଣ୍ଡ ଜାରକା ଛକ । ଏଠାରେ ଦୈନଦିନ ଶହଶହ ଯାତ୍ରୀମାନେ ନିଜ ନିଜ ଗନ୍ତବ୍ୟସ୍ଥଳକୁ ଯାତାୟତ ପାଇଁ ବସକୁ ଘଂଟାଘଂଟା ଧରି ଅପେକ୍ଷା କରି ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଶେଷ କରି ମହିଳା ଓ ବୟସ୍କ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

# ଗାନ୍ଧୀ ପଦଯାତ୍ରା ସ୍ମୃତି ସମାରୋହ ଉଦ୍‌ଯାପିତ

ବାଲିଅନ୍ତା, ୧୬/୦୫ (ନି.ପ୍ର): ଗତ ୧୨ ତାରିଖରୁ ବାଲିଅନ୍ତାରେ ଆରମ୍ଭ ହୋଇଥିବା ମହାତ୍ମା ଗାନ୍ଧୀଙ୍କ ଐତିହାସିକ ପଦଯାତ୍ରାର ୮୯ ତମ ସ୍ମୃତି ସମାରୋହ ଆଜି ନିକୁଞ୍ଜବିହାରୀ ମନ୍ଦିର ପରିସରରେ ଉଦ୍‌ଯାପିତ ହୋଇଯାଇଛି। କିନ୍ତୁ ଗାନ୍ଧୀ ପଦଯାତ୍ରା ଟ୍ରଷ୍ଟ ଓ ଗାନ୍ଧୀ ପଦଯାତ୍ରା ସ୍ମୃତି ପରିଷଦ ଦ୍ୱାରା ଆୟୋଜିତ ଏହି ୪ ଦିନିଆ କାର୍ଯ୍ୟକ୍ରମ ଭିତରେ ଟଙ୍କପାଣି ବ୍ରିଜ୍ ନିକଟସ୍ଥ ପଦଯାତ୍ରା ସ୍ମାରକସ୍ଥଳରେ କୌଣସି ଆଖିଦୃଶିଆ କାର୍ଯ୍ୟକ୍ରମ ହୋଇପାରିଲାନାହିଁ। ଏହି ସ୍ମାରକସ୍ଥଳରେ ଗାନ୍ଧୀଙ୍କ ସହ ମୀରା ବେନ୍, ହରେକୃଷ୍ଣ ମହାତାବ, ରମାଦେବୀ ଓ ଗୋପବନ୍ଧୁ ଚୌଧୁରୀଙ୍କ ଭଳି ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ଫୁଲମାଳଟିଏ ପଡ଼ିପାରିଲା ନାହିଁ। ବାଳକାଟି ଓ ବାଲିଅନ୍ତାରେ ଦୁଇ ଦୁଇଟି ସ୍ମୃତି ସଭା ହୋଇଥିଲେ ବି ଟଙ୍କପାଣି ସ୍ମାରକସ୍ଥଳ ଖାଁ ଖାଁ ହୋଇରହିଥିଲା। ତେଣୁ ସ୍ଥାନୀୟ ଗାନ୍ଧୀପ୍ରେମୀଙ୍କ ମନରେ ଗଭୀର କ୍ଷୋଭ ସୃଷ୍ଟି ହୋଇଥିବା ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ ଯେ ୧୯୩୪ ମସିହାରେ ଗାନ୍ଧୀ ପୁରୀରୁ ପଦଯାତ୍ରା କରି ବାଳକାଟି ଦେଇ ବାଲିଅନ୍ତା ପର୍ଯ୍ୟନ୍ତ ଆସିଥିଲେ। ୧୨ ତାରିଖରେ ଗାନ୍ଧୀ ପ୍ରତାପ ଶାସନ ବିଦ୍ୟାଳୟରେ ରାତ୍ରିଯାପନ



କରିଥିଲେ। ଏହାପରେ ସେ ସତ୍ୟଭାମାପୁର ଦେଇ ବାଲିଅନ୍ତା ନିକୁଞ୍ଜବିହାରୀ ମନ୍ଦିରରେ ଅବସ୍ଥାନ କରିଥିଲେ। ୧୯୩୪ ମେ ୧୫ରେ ଗାନ୍ଧୀଙ୍କ ଉପସ୍ଥିତିରେ ନିକୁଞ୍ଜବିହାରୀଙ୍କ ମନ୍ଦିରରେ ହରିଜନ ପ୍ରବେଶ କରିଥିଲେ ଏବଂ ଏକାଠି ଭୋଜିଭାତରେ ସମସ୍ତେ ଆପ୍ୟାୟିତ ହୋଇଥିଲେ। ତେଣୁ ଏହି ଐତିହାସିକ ପଦଯାତ୍ରାର ସ୍ମୃତି ପାଳନ ପାଇଁ ଗତ ୧୨ ତାରିଖ ସନ୍ଧ୍ୟାରେ ପଦଯାତ୍ରା ଟ୍ରଷ୍ଟର ଅଧ୍ୟକ୍ଷ ମନୋଜ ନାୟକଙ୍କ ନେତୃତ୍ୱରେ ଉତ୍ତରା ଛକରୁ ଏକ ଶୋଭାଯାତ୍ରା ବାହାରି ବାଳକାଟି ପ୍ରତାପଶାସନ ବାଳକ ଉଚ୍ଚ ବିଦ୍ୟାଳୟରେ ପହଞ୍ଚିଥିଲା। ସେଠାରେ ଅନୁଷ୍ଠିତ ସଭାରେ ପଦଯାତ୍ରାର ସ୍ମୃତିଚାରଣ କରାଯାଇଥିଲା। ସେହିଭଳି ଆଜି ପଦଯାତ୍ରା ସ୍ମୃତି ପରିଷଦର ଆବାହକ ବିନୋଦ ସାହୁଙ୍କ ପୌରହିତ୍ୟରେ ବାଲିଅନ୍ତା ନିକୁଞ୍ଜବିହାରୀ ମନ୍ଦିର ପରିସରରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା। ସଂସ୍କୃତି ବିଭାଗ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା, ସରପଞ୍ଚ କୃଷ୍ଣକେଶବ ଆପଟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କବୀ ଅନ୍ନଦା ମିଶ୍ର ଓ ଏଲିନା ବଳଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ମାତ୍ର ଏତେ ବଡ଼ କାର୍ଯ୍ୟକ୍ରମ ଭିତରେ ଟଙ୍କପାଣି ବ୍ରିଜ୍ ସ୍ମାରକସ୍ଥଳ ଅଲୋଡ଼ା ହୋଇଗଲା। ଏନେଇ ଉମାଦେଇ ବ୍ରହ୍ମପୁର ସରପଞ୍ଚ ରମାଲତା ନାୟକଙ୍କ କହିବା କଥା ଟଙ୍କପାଣି ସ୍ମାରକସ୍ଥଳରେ ନିହାତି ରାମଧୁନ୍ ସହିତ ସ୍ମୃତିଚାରଣ ସଭା ଆୟୋଜନ କରାଯିବା କଥା। କିନ୍ତୁ ଏବର୍ଷ କିଛି ହେଲା ନାହିଁ। ସତ୍ୟଭାମାପୁର ସମିତି ସଭ୍ୟା ରଶ୍ମିତା ସ୍ୱାଇଁ ଓ ସମାଜସେବୀ ସନତ ସ୍ୱାଇଁ ମଧ୍ୟ ଅନୁରୂପ ମତାମତ ଦେଇଛନ୍ତି। କେବଳ ଏହି ପଦଯାତ୍ରାର ସ୍ମୃତି ପାଇଁ ଟଙ୍କପାଣିରେ ପ୍ରଚୁର ଅର୍ଥ ବ୍ୟୟ କରାଯାଇ ସୁନ୍ଦର ପ୍ରତିମୂର୍ତ୍ତି ସବୁ ନିର୍ମାଣ କରାଯାଇଛି। ଅଥଚ ସଂସ୍କୃତି ବିଭାଗ ସ୍ମୃତିଚାରଣ ସଭାଟିଏ କରିବାକୁ ଆଗଭର ହେଉନାହିଁ। ତେଣୁ ଆଗାମୀ ବର୍ଷରୁ ଏନେଇ ପଞ୍ଚାୟତ ପକ୍ଷରୁ ତଥା ଆଞ୍ଚଳିକ ଲୋକଙ୍କ ସହଯୋଗରେ ଏଠାରେ ସ୍ମୃତି ସଭା କରାଯିବ।

# ସଂସଦୀୟ ସ୍ଥାୟୀ କମିଟିର ପୁରୀ ଜିଲ୍ଲା ଗସ୍ତ ଓ ସମୀକ୍ଷା


ପୁରୀ , ୧୬/୦୫ (ନି.ପ୍ର): ଗ୍ରାମୀଣ ବିକାଶ ଓ ପଂଚାୟତରାଜ ସମ୍ପର୍କୀତ ସଂସଦୀୟ ସ୍ଥାୟୀ କମିଟି ପୁରୀ ଜିଲ୍ଲା ଗସ୍ତ କରିବା ସହ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସମୀକ୍ଷା ଅବସରରେ ବିଭିନ୍ନ ଯୋଜନା ର କାର୍ଯ୍ୟ କାରିତାରେ କମିଟି ଖୁସି ବ୍ୟକ୍ତ କରିଥିଲେ। ସମସ୍ତଙ୍କୁ ଶୁଭେଚ୍ଛା ଜଣାଇ କେତେକ କ୍ଷେତ୍ରରେ ଯୋଜନା କୁ ଅଧିକ କ୍ରିୟାଶୀଳ ଓ ଲୋକାଭିମୁଖୀ କରିବାକୁ କିଛି ପ୍ରସ୍ତାବ ମଧ ପ୍ରଦାନ କରିଥିଲେ। ସାଂସଦ ଶ୍ୟାମ ସିଂହ ଯାଦବଙ୍କ ଅଧ୍ୟକ୍ଷତାରେ ସଂସଦୀୟ ସ୍ଥାୟୀ କମିଟିର ସାଂସଦ ମାନେ ଏହି କମିଟି ରେ ସାମିଲ ହେବା ସହ ପିପିଲି ବ୍ଲକ ହାଟସାହିର ଗ୍ରାମ୍ୟ ପାର୍କ ଓ ଗ୍ରାମ୍ୟ ପାଠାଗାର, ଦାଣ୍ଡମୁକୁନ୍ଦପୁର ର ରଜତଇ ଛକ ପିଏମଜିଏସୱାଇ ରାସ୍ତା, ମା ମମତା ଉତ୍ପାଦକ ଗୋଷ୍ଠୀ, ଗ୍ରାମ୍ୟ ଜିମ୍, ଦୂର୍ଗାଦାସପୁର ପଂଚାୟତ ଅଫିସ, ଗ୍ରାମ୍ୟ ହାଟ, କଲ୍ୟାଣ ମଣ୍ଡପ, ମାର୍କେଟ କମ୍ପ୍ଲେକ୍ସ, ଗ୍ରାମ୍ୟ ପାଠାଗାର ପରିଦର୍ଶନ କରିଥିଲେ। ଏହି ଗସ୍ତ ସମୟରେ କମିଟି ସାମାଜିକ ସୁରକ୍ଷା ଯୋଜନା ର ହିତାଧିକାରୀ ମାନଙ୍କ ସହ ଆଲୋଚନା କରିବା ସହ ପ୍ରକଳ୍ପ ଗୁଡିକ ର କାର୍ଯ୍ୟକାରିତାରେ ଖୁସି ବ୍ୟକ୍ତ କରିଥିଲେ। ପରେ ପୁରୀ ମେ ଫେୟାର ହୋଟେଲ ଠାରେ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ବିଭିନ୍ନ ଗ୍ରାମୀଣ ବିକାଶ ଯୋଜନା ଯଥା ଏମଜିଏନଆରଜିଏ, ସାମାଜିକ ସୁରକ୍ଷା , ମିଶନ ଶକ୍ତି, ଗ୍ରାମ୍ୟ ରାସ୍ତା ନିର୍ମାଣ, ଜୀବିକା ମିଶନ, ପଂଚାୟତରାଜ ଇତ୍ୟାଦି ସମ୍ପର୍କରେ ବିଭାଗର ପ୍ରମୁଖ ସଚିବ, କମିଶନର ଓ ନିର୍ଦ୍ଦେଶକ ମାନେ ପାୱାର ପ୍ରେଜେଣ୍ଟେସନ ମାଧ୍ୟମରେ ତଥ୍ୟ ଉପସ୍ଥାପନ କରିଥିଲେ। କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସହ ରାଜ୍ୟର ନିଜସ୍ୱ ଯୋଜନା ମାଧ୍ୟମରେ ଗ୍ରାମୀଣ ବିକାଶ ର ବିଭିନ୍ନ ତଥ୍ୟ ଉପସ୍ଥାପନ କରାଯାଇଥିଲା। ୟୁକୋ ବ୍ୟାଙ୍କ ପକ୍ଷରୁ ମଧ ବିଭିନ୍ନ ତଥ୍ୟ କମିଟି ସମ୍ମୁଖରେ ଉପସ୍ଥାପନ କରାଯାଇଥିଲା। କମିଟି ରେ ସାଂସଦ ବିବେକ ନାରାୟଣ ସେଜୱଲକର, ଗୀତାବେନ ବେଜେସିଂଭାଇ ରଥୱା, ମାଳା ରାଜଲକ୍ଷ୍ମୀ ଶାହ, ତଲାରି ରାନଘା, ନରେନ୍ଦ୍ର କୁମାର, ଅଜୟ ପ୍ରତାପ ସିଂହ, ଏମ ମହମ୍ମଦ ଅବଦୁଲ୍ଲା, ଶାନ୍ତା ଛେତ୍ରୀ, ସି କଲ୍ୟାଣ ସୁନ୍ଦରମ୍ ଦିନେଶ ଚନ୍ଦ୍ର ଜେମାଲଭାଇ ଅନବଦ୍ୟ ପ୍ରମୁଖ ଯୋଗ ଦେଇଥିଲେ। ପଂଚାୟତରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନି, ଗ୍ରାମ୍ୟ ଉନ୍ନୟନ ବିଭାଗ ର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ସ୍ପେଶାଲ ପ୍ରୋଜେକ୍ଟ ର ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ଓରମାସ ର ସିଇଓ ଗୁହା ପୁନମ ତାପସ କୁମାର, କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତ ଡଃ ସୁରେଶ ଚନ୍ଦ୍ର ଦଳାଇ, ଏସ ଆଇ ଆର ଡିର ନିର୍ଦ୍ଦେଶକ ଏସ କେ ମିନା, ଉଦ୍ୟାନ ବିଭାଗ ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା, ଗ୍ରାମ୍ୟ ଉନ୍ନୟନ ବିଭାଗ ର ସ୍ୱତନ୍ତ୍ର ସଚିବ ସୁଦର୍ଶନ ପରିଡା, ଭାରପ୍ରାପ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ , ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଉପଜିଲ୍ଲାପାଳ ଭବତାରଣ ସାହୁ, ୟୁକୋ ବ୍ୟାଙ୍କର ଜିଏମ ଗୌତମ ପାତ୍ର, ଏମ ଡି ସିଇଓ ସୋମ୍ ଶଙ୍କର ପ୍ରସାଦ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପିପିଲି ର ବିଭିନ୍ନ ସ୍ଥାନ ପରିଦର୍ଶନରେ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ଓ ପିପିଲି ବିଡ଼ିଓ ରଶ୍ମିତା ନାଥ ସହଯୋଗ କରିଥିଲେ।

# ବଲାଣି ଖଣିରେ ସ୍ଥାୟୀ ନିଯୁକ୍ତିରେ ବାହାର ରାଜ୍ୟର ଯୁବକଙ୍କୁ ଭର୍ତ୍ତି

ବଲାଣି, ୧୬/୦୫ (ନି.ପ୍ର): ରତ୍ନଗର୍ଭା କେନ୍ଦୁଝର ଖଣି ଓ କାରଖାନା ନିମନ୍ତେ ବିଶ୍ୱ ପରିଚିତ। ତେବେ ଖଣି ଖାଦାନ ଓ କାରଖାନା ଥାଇ ମଧ ଏଠାକାର ବେକାର ଯୁବକ ଯୁବତୀ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି । ସ୍ଥାନୀୟ ରାଜନୈତିକ ଦଳର ନେତାଙ୍କ ସ୍ଥାଣୁତା ଓ ଅପାରଗ ପ୍ରଶାସନ ଯୋଗୁଁ ଖଣି ଖାଦାନ ଭରା ଜିଲାରେ ଦିନକୁ ଦିନ ବେକାରୀ ସମସ୍ୟା ବୃଦ୍ଧି ପାଉଛି । ଜିଲାର ଖଣି ଖାଦାନ ଗୁଡିକରେ ବାହାର ରାଜ୍ୟର ଲୋକଙ୍କୁ ନିଯୁକ୍ତି ଦିଆଯାଉଥିବା ବେଳେ ଏଠାକାର ଖଣି ଖାଦାନ ଦ୍ୱାରା ପ୍ରଭାବିତ ସ୍ଥାନୀୟ ବାସିନ୍ଦା ବେକାର ହୋଇ ବସୁଛନ୍ତି । ସ୍ଥାନୀୟ ବାସିନ୍ଦା ନିଜର ହକ୍ ନିମନ୍ତେ ଆନ୍ଦୋଳନକୁ ଓହ୍ଲାଇଲେ କମ୍ପାନୀ କର୍ତ୍ତୃପକ୍ଷଙ୍କ ହାତ ବାରିସୀ ସାଜି ପୁଲିସ ଗିରଫ ଭୟ ଦେଖାଇ ଲୋକଙ୍କୁ ଭୟଭୀତ କରୁଛି । ତେବେ ଯୋଡ଼ା ବ୍ଲକ ବଲାଣିରେ ରହିଥିବା ରାଷ୍ଟ୍ରାୟତ ଉଦ୍ୟୋଗ ସେଲ୍ ର ରାଉରକେଲା ଇସ୍ପାତ କାରଖାନା ଅଧିନସ୍ଥ ଓଡିଶା ଗ୍ରୁପ ଅଫ ମାଇନ୍ସ ର ସବୁଠାରୁ ବଡ଼ ଖଣି ବଲାଣି ଖଣିରେ ବିଗତ କିଛି ଦିନ ଭିତରେ ଅଣ ଅଧିକାରୀ ସ୍ତରରେ ନିଯୁକ୍ତିରେ ବାହାର ରାଜ୍ୟର ଲୋକଙ୍କୁ ଭର୍ତ୍ତି କରିବାକୁ ନେଇ ବଲାଣି ଅଂଚଳର ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଉତେଜନା ଦେଖା ଦେଇଛି । ପ୍ରାପ୍ତ ସୂଚନା ଅନୁସାରେ, ବିଗତ ଗୋଟିଏ ମାସ ଭିତରେ ଏସ୍-୧ ଓ ଏସ୍- ୩ ପଦବୀରେ ପର୍ଯ୍ୟାୟ କ୍ରମେ ବଲାଣି ଖଣିରେ ୭୦ରୁ ଉର୍ଦ୍ଧ୍ୱ ନିଯୁକ୍ତି ସରିଥିବା ବେଳେ ଜିଲ୍ଲାରୁ କିମ୍ବା ରାଜ୍ୟରୁ ଗୋଟିଏ ମଧ ପ୍ରାର୍ଥୀଙ୍କୁ ନିଯୁକ୍ତି ଦିଆଯାଇନାହିଁ । ଏହି ନିଯୁକ୍ତି ପ୍ରକ୍ରିୟା ଜାରି ରହିଥିବା ବେଳେ ଆଗାମୀ ଦିନ ମାନଙ୍କରେ ୨୦୦ରୁ ଅଧିକ ପଦବୀରେ ଭର୍ତ୍ତି କରାଯିବ ବୋଲି ସୂଚନା ରହିଛି । କିନ୍ତୁ, ପରିତାପର ବିଷୟ ଯେ ଖଣି ଦ୍ୱାରା ପ୍ରଭାବିତ ଅଂଚଳର ଲୋକେ ଜମି ଜାଗା ହରାଇ ଧୂଳି ଧୂଆଁ ଖାଇ ରୋଗାଗ୍ରସ୍ତ ହେଉଥିବା ବେଳେ ଖଣିରେ ଚତୁର୍ଥ ଶ୍ରେଣୀ ସ୍ଥାୟୀ ନିଯୁକ୍ତିରେ ମଧ ସୁଯୋଗ ପାଉ ନାହାଁନ୍ତି । ତେବେ ଏହାକୁ ନେଇ ଶାସକ ଦଳ ଓ ବିରୋଧୀ ଦଳ କିମ୍ବା ସ୍ଥାନୀୟ ଖଣିର ଶ୍ରମିକ ସଂଗଠନର ନେତୃବୃନ୍ଦ ମୁହଁ ଖୋଲୁନଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଏହା ବ୍ୟତୀତ ବଲାଣି ଖଣିରେ ସ୍ଥାନୀୟ ଖଣି ପ୍ରଭାବିତ ଅଂଚଳର ୧୫୦୦ରୁ ଉର୍ଦ୍ଧ୍ୱ ଠିକା ଶ୍ରମିକ କମ୍ ଦରମାରେ ସ୍ଥାୟୀ କର୍ମଚାରୀଙ୍କ କାର୍ଯ୍ୟ କରିବା ସହିତ ବିଭିନ୍ନ ବିଭାଗରେ କୁଶଳୀ ହୋଇ ସାରିଥିଲେ ସୁଦ୍ଧା ଉକ୍ତ ଠିକା ଶ୍ରମିକଙ୍କୁ ସ୍ଥାୟୀ ନିଯୁକ୍ତି ନଦେଇ ବାହାର ରାଜ୍ୟର ଯୁବକଙ୍କୁ ନିଯୁକ୍ତି ଦେଉଥିବାରୁ ଠିକା ଶ୍ରମିକଙ୍କ ମଧ୍ୟରେ ବିରୋଧାଭାସ ଦେଖାଦେଇଛି । ଏ ନେଇ ଉଭୟ ବଲାଣି ଓ ବାଲାଗୋଡ଼ା ତଥା ବଲାଣି ଖଣି ଟାଉନସିପ୍ ର ବେକାର ଯୁବକ ଆନ୍ଦୋଳନକୁ ଓହ୍ଲାଇବାକୁ ପ୍ରସ୍ତୁତ ହେଉଥିବା ବେଳେ ଶାସକ ଦଳର ସ୍ଥାନୀୟ ନେତା ଓ ବିରୋଧୀ ଦଳର ସ୍ଥାନୀୟ ନେତାଙ୍କ ବିରୋଧରେ ପୋଷ୍ଟର ଟାଙ୍ଗି ବିରୋଧ କରିବା ସହିତ ବଲାଣି ଖଣି ବିରୋଧରେ ଆନ୍ଦୋଳନକୁ ଓହ୍ଲାଇବାକୁ ପ୍ରସ୍ତୁତ ହେଉଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି ।

# ଶିଶୁଙ୍କୁ ମିଳୁନି ପୁଷ୍ଟିକର ଖାଦ୍ୟ, ସେମଳିଅଟାଳ ଅଙ୍ଗନବାଡି କେନ୍ଦ୍ରରେ ତାଲା ପକାଇଲେ ଗ୍ରାମବାସୀ

ବୈପାରିଗୁଡ଼ା, ୧୬/୦୫ (ନି.ପ୍ର): ଅଙ୍ଗନବାଡି କର୍ମୀ ନିୟମିତ କେନ୍ଦ୍ରକୁ ଆସୁନଥିବାରୁ ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ ମିଳୁନି। ଏଭଳି ଅଭିଯୋଗ କରି ଅଙ୍ଗନବାଡି କେନ୍ଦ୍ରରେ ତାଲା ଠୁଙ୍କିଛନ୍ତି କୋରାପୁଟ ଜିଲ୍ଲା ବୈପାରିଗଡ଼ା ବ୍ଲକ ଗୁପ୍ତେଶ୍ୱର ପଞ୍ଚାୟତର ସେମଳିଅଟାଳ ଗ୍ରାମବାସୀ। ପ୍ରଶାସନ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ନମିଳିବା ପର୍ଯ୍ୟନ୍ତ କେନ୍ଦ୍ରରୁ ତାଲା ଖୋଲାଯିବନି ବୋଲି ଗ୍ରାମବାସୀ ଜିଦ୍‌ରେ ଅଟଳ ରହିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ପ୍ରାୟ ଦୁଇ ମାସ ହେଲା ଅଙ୍ଗନବାଡି କର୍ମୀ କେନ୍ଦ୍ରକୁ ଆସୁନାହାନ୍ତି। ଏଥିଯୋଗୁଁ ଗାଁର ଶିଶୁମାନେ ପ୍ରାକ୍‌ଶିକ୍ଷା ଓ ପୁଷ୍ଟିକର ଖାଦ୍ୟରୁ ବଞ୍ଚିତ ରହୁଛନ୍ତି। ଅଙ୍ଗନବାଡି କର୍ମୀ ଜଣଙ୍କ ନିଜ




ଗାଁର ହୋଇଥିଲେ ହେଁ କାହିଁକି କେନ୍ଦ୍ରକୁ ଆସୁନାହାନ୍ତି ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଏ ସଂପର୍କରେ ସିଡିପିଓଙ୍କୁ ଦୁଇ ଥର ଲିଖିତ ଅଭିଯୋଗ କରିବା ପରେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ବାଧ ହୋଇ ଆଜି ଅଙ୍ଗନବାଡି କେନ୍ଦ୍ରରେ ତାଲା ଠୁଙ୍କିଲୁ ବୋଲି ଗ୍ରାମବାସୀ କହିଛନ୍ତି। ସ୍ଥାନୀୟ ଅଙ୍ଗନବାଡି କର୍ମୀ, ଆଇଡସିଡିଏ ସୁପରଭାଇଜର ଏବଂ ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଶିଶୁମାନଙ୍କୁ ନିୟମିତ ଖାଦ୍ୟ ଦେବା ସହିତ ଅଙ୍ଗନବାଡି କର୍ମୀ କେନ୍ଦ୍ରକୁ ଆସିବା ପରେ ହିଁ ତାଲା ଖୋଲାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ସିଡିପିଓ ଏବଂ ଉପଜିଲ୍ଲାପାଳ ଅଙ୍ଗନବାଡି କେନ୍ଦ୍ରକୁ ଆସି ଲିଖିତ ପ୍ରତିଶ୍ରୁତି ନଦେବା ପର୍ଯ୍ୟନ୍ତ ତାଲା ଖୋଲାଯିବନି ବୋଲି ଗ୍ରାମବାସୀ କହିଛନ୍ତି। ଏନେଇ ଅଙ୍ଗନବାଡି କର୍ମୀଙ୍କୁ ପଚାରିବାରୁ ବ୍ୟକ୍ତିଗତ ସମସ୍ୟା ଯୋଗୁଁ ଦୁଇ ମାସ ହେଲା କେନ୍ଦ୍ରକୁ ଯାଉନଥିବା କହିଥିଲେ। ଏସଂପର୍କରେ ବୈପାରିଗୁଡା ସିଡିପିଓ ଜି. ସୀତା କୁମାରୀଙ୍କୁ ଯୋଗାଯୋଗ କରିବାରୁ ଆସନ୍ତାକାଲି ସେମଳିଅଟାଳ ଅଙ୍ଗନବାଡି କେନ୍ଦ୍ରକୁ ଯାଇ ତଦନ୍ତ କରିବେ ବୋଲି କହିଛନ୍ତି। ସୂଚନା ଯୋଗ୍ୟ ସେମଳିଅଟାଳ ଗାଁ ଦୁର୍ଗମ ଅଞ୍ଚଳରେ ଥିବାରୁ ନିଜ ଶିଶୁଙ୍କ ଭବିଷ୍ୟତ, ଉତ୍ତମ ସ୍ୱାସ୍ଥ୍ୟ ଓ ଶିକ୍ଷା ନିମନ୍ତେ ଅଭିଭାବକମାନେ ଶିଶୁମାନଙ୍କୁ ଅଙ୍ଗନବାଡି କେନ୍ଦ୍ର ପଠାଉଛନ୍ତି।

# ପ୍ରଭାବିତ ହେଉଛି ପର୍ଯ୍ୟଟନ



କିଛି ମାସ ତଳେ ବିଶ୍ୱର ପ୍ରମୁଖ ରାଷ୍ଟ୍ରରେ ପର୍ଯ୍ୟଟକଙ୍କ ଭିଡ଼ ଜମି ରହୁଥିଲା । ବର୍ତ୍ତମାନର ଦୃଶ୍ୟ କିନ୍ତୁ ବଦଳିଯାଇଛି । ପୁନର୍ବାର କେବେ ପର୍ଯ୍ୟଟକଙ୍କ ଭିଡ଼ ବଢ଼ିବ, ତାହା ଅନୁମାନ କରିବା କଷ୍ଟକର । ରାଷ୍ଟ୍ର ସମୂହ ଅନ୍ତର୍ଜାତୀୟ ଉଡ଼ାଣ ନିମନ୍ତେ ଅନୁମତି ଦେବା ସତ୍ତ୍ୱେ ଜନସାଧାରଣ କିନ୍ତୁ ଚିନ୍ତିତ ରହିବେ । ଅଧିକାଂଶ ରାଷ୍ଟ୍ର ପର୍ଯ୍ୟଟନ ଜରିଆରେ ଲାଭବାନ୍ ହୋଇଥାନ୍ତି । ମିଳିଥିବା ତଥ୍ୟ ଅନୁସାରେ, ବିଦେଶୀ ରାଇଜରେ ଅନେକ କଡ଼ାକଡ଼ି ନିୟମମାନ କୋହଳ କରାଗଲାଣି । ପୂର୍ବ ପରି କିନ୍ତୁ ଜନସମାଗମ ଏତେ ମାତ୍ରାରେ ଦେଖିବାକୁ ମିଳୁନି । ବିଶ୍ୱର ୮୧ ପ୍ରତିଶତ ପର୍ଯ୍ୟଟନ କମ୍ପାନୀଗୁଡ଼ିକର ରୋଜଗାର ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି । ଏମାନଙ୍କ ମଧ୍ୟରୁ ଅଧିକାଂଶ କର୍ମଚାରୀ ଛଟେଇ କରିଥିବା ବେଳେ ଗତ ୨ ମାସ ମଧ୍ୟରେ ବେତନ ଦେବାରେ ଅସମର୍ଥ ବୋଲି ଘୋଷଣା କରିଥିଲେ । ଆମ ଦେଶରେ ମଧ୍ୟ ଏଇ ପର୍ଯ୍ୟଟନ କାରଣରୁ ଶତାଧିକ କମ୍ପାନୀ ଲାଭବାନ ହେଉଥିଲେ । ଶିମଲା, ମନାଲି, ନୈନିତାଲ, ଦାର୍ଜିଲିଂ, ଗ୍ୟାଙ୍ଗଟକ୍ ଆଦି ସ୍ଥାନର ଲୋକ ପର୍ଯ୍ୟଟନ କାରଣରୁ ରୋଜଗାର କରୁଥିଲେ । ଏବେ ସେଠା ଲୋକ ହାତ ବାନ୍ଧି ବସିଛନ୍ତି । ରୋଜଗାରର ଅନ୍ୟ କୌଣସି ଉପାୟ ନାହିଁ । ଦାର୍ଜିଲିଂର ଜନୈକ ବ୍ୟବସାୟୀ ରାମ ଲୁବାନ୍ କହିଛନ୍ତି, ପ୍ରତିବର୍ଷ ଅପ୍ରେଲ ମାସରୁ ଏଠାରେ ପର୍ଯ୍ୟଟକଙ୍କ ବିଡ଼ ଆରମ୍ଭ ହୋଇ ଜୁଲାଇ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ରହେ । ରାସ୍ତାଘାଟ ଭିଡ଼ ସହ





ହୋଟେଲରେ ଖାଲି କକ୍ଷ ମିଳିବା କାଠିକର କାମ ହୋଇପଡ଼େ । ଚଳିତଥର କିନ୍ତୁ ପରିସ୍ଥିତି ଜଟିଳ ହୋଇପଡ଼ିଛି । ଅଧିକାଂଶ ହୋଟେଲ ସେମାନଙ୍କ କର୍ମଚାରୀ ଛଟେଇ କରିଥିବା ବେଳେ ଦାର୍ଜିଲିଂ ଜନଶୂନ୍ୟ ପରି ଅନୁଭବ ହେଉଛି । ୪୦ ପ୍ରତିଶତରୁ ଅଧିକ ପର୍ଯ୍ୟଟନ କମ୍ପାନୀ ଆଗାମୀ ୩-୬ ମାସ ମଧ୍ୟରେ ଖୋଲିବାର କୌଣସି ସମ୍ଭାବନା ନଥିବାର ସ୍ପଷ୍ଟ ହୋଇଛି । ଲୋକେ ଭ୍ରମଣ ଆରମ୍ଭ କରିବା ପରେ ମଧ୍ୟ ସେମାନଙ୍କ ନିମନ୍ତେ ନୂଆ ନିୟମମାନ ପ୍ରଣୟନ କରାଯିବ, ଯାହା ପର୍ଯ୍ୟଟନକୁ ଅଧିକ କ୍ଷତିଗ୍ରସ୍ତ କରିବ ବୋଲି କମ୍ପାନୀ ତରଫରୁ କୁହାଯାଇଛି ।

## ଘରର ଟ୍ୟାପରୁ ପାଣି ଟପ୍ ଟପ୍ ହୋଇ ପଡ଼ିବା ଅଶୁଭ : ଧନ-ସମ୍ପତ୍ତି ଉପରେ ପଡ଼ିଥାଏ ପ୍ରଭାବ




ରୋଷେଇ ଘର, ବାଥରୁମ କିମ୍ବା ଘରର ଅନ୍ୟ କୌଣସି ସ୍ଥାନରେ ଲଗାଯାଇଥିବା ଟ୍ୟାପରୁ ଯଦି ପାଣି ସବୁବେଳେ ଟପ୍ ଟପ୍ ହୋଇ ପଡେ, ତେବେ ବାସ୍ତୁ ହିସାବରେ ଏହା ଅଶୁଭ ବୋଲି ବିବେଚନା କରାଯାଏ । ଘରେ ସିଙ୍କ କିମ୍ବା ବାଥରୁମ ଟ୍ୟାପ ଏବଂ ଟାଙ୍କିକୁ ବନ୍ଦ କରିବା ପରେ ମଧ୍ୟ ବୁନ୍ଦା ବୁନ୍ଦା ହୋଇ ପାଣି ପଡ଼ିବା ଦ୍ୱାରା ନକାରାତ୍ମକ ଶକ୍ତି ଜାତ ହୋଇଥାଏ । ଏଭଳି ପରିସ୍ଥିତିରେ ଜଳ ନଷ୍ଟ କରିବା କିମ୍ବା ପ୍ରବାହିତ କରିବା ଭଲ ନୁହେଁ । ବାସ୍ତୁ ଅନୁଯାୟୀ, ଯେଉଁ ଘରେ ଟ୍ୟାପରୁ ପାଣି ଟପ୍ ଟପ୍ ହୋଇ ସବୁବେଳେ ପଡ଼ିଥାଏ, ସେଠାର ଅଯଥା ଖର୍ଚ୍ଚ ଅଧିକ ହୋଇଥାଏ । ବାସ୍ତୁ ବିଶେଷଜ୍ଞମାନେ କହିଛନ୍ତି ଯେ, ଯଦି ଆପଣଙ୍କ ଘରେ କୌଣସି ସ୍ଥାନରେ ଟ୍ୟାପରୁ ସବୁବେଳେଟପ୍ ଟପ୍ ହୋଇ ପାଣି ବାହାରୁଛି, ତେବେ ଏହା ଅଯଥା ଖର୍ଚ୍ଚ ବୋଲି ଜାଣିରଖନ୍ତୁ । ଏଥିରେ ଯଦି ରୋଷେଇ ଘରର ନଳ ରହିଛି, ତେବେ ଏହା ଅଶୁଭ ବୋଲି କୁହାଯାଏ । କୁହାଯାଏ କି, ରୋଷେଇ ଘରେ ଅଗ୍ନିର ବାସ ହୋଇଥାଏ । ଏପରି ପରିସ୍ଥିତିରେ ପାଣିର ବୁନ୍ଦା ପଡ଼ିବା ଅର୍ଥାତ୍ ଅଗ୍ନି ଓ ପାଣି ଏକାଠି ହେବ । ବାସ୍ତୁ ଅନୁସାରେ, ଏହି ୨ଟିର ମିଶ୍ରଣ ଯୋଗୁଁ ଜଣେ ବ୍ୟକ୍ତିଙ୍କୁ ଅନେକ ସମସ୍ୟାର ସାମ୍ନା କରିବାକୁ ପଡ଼ିବ ।

କୁହାଯାଏ ଯେ ରୋଷେଇ ଘରର ଟ୍ୟାପରୁ ପାଣି ବିନ୍ଦା ବୁନ୍ଦା ବୁନ୍ଦା ହୋଇ ପଡ଼ିବ ଦ୍ୱାରା ଘରେ ଅନେକ ପ୍ରକାରର କ୍ଷତି ହୋଇଥାଏ । ଏହି କାରଣରୁ ପରିବାର ସଦସ୍ୟଙ୍କୁ ଅନେକ ପ୍ରକାରର କ୍ଷତିର ସମ୍ମୁଖୀନ ହେବାକୁ ପଡିବ । ଉଦାହରଣ ସ୍ୱରୂପ, ପରିବାରର ଜଣେ ସଦସ୍ୟ ବାରମ୍ବାର ଅସୁସ୍ଥ ହୋଇପଡନ୍ତି । ବ୍ୟବସାୟରେ ଭାରି କ୍ଷତି ଏବଂ ଘରେ ଅନେକ ପ୍ରକାରର ସମସ୍ୟା ଆସିଥାଏ । ବରୁଣ ଦେବ ରାଗି ପାରନ୍ତି : କୁହାଯାଏ ଯେ, ଯଦି ବିନା କାରଣରେ ଘରେ ପାଣି ପ୍ରବାହିତ ହୁଏ, ତେବେ ଘରେ ଦୋଷ ଉତ୍ପନ୍ନ ହୁଏ ଓ ନକାରାତ୍ମକ ଶକ୍ତି ସୃଷ୍ଟି ହୁଏ । ଏପରି ପରିସ୍ଥିତିରେ, ଯଦି ତୁମର ଟ୍ୟାପରୁ ପାଣି ପଡୁଛି, ତେବେ ଯଥାଶୀଘ୍ର ତାହାକୁ ଠିକ୍ କର ।

## ମାନସିକ ସ୍ତରରେ କିପରି ଫିଟ୍ ରହିବେ : ନିୟମିତ ଖାଇବାକୁ ପଡ଼ିବ ଏହିସବୁ ଖାଦ୍ୟ

*ଆମେ ଶାରୀରିକ ଭାବେ ସୁସ୍ଥ ରହିବା ଯେତିକି ଗୁରୁତ୍ୱପୂର୍ଣ୍ଣ, ମାନସିକ ଭାବେ ସୁସ୍ଥ ରହିବା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ । ଯଦି ଜଣେ ମାନସିକ ସ୍ତରରେ ସୁସ୍ଥ ଓ ଶକ୍ତିଶାଳୀ ରୁହେ, ତେବେ ସମସ୍ତ ପ୍ରକାର ଅସୁବିଧା ଓ ଚାପକୁ ସହଜରେ ପ୍ରତିରୋଧ କରିପାରିବ । ଏପରି କିଛି ଫୁଡ୍ ରହିଛି, ଯାହାକି ଆମକୁ ମାନସିକ ସ୍ତରରେ ଫିଟ୍ ରଖିବାରେ ସହାୟତା କରିଥାଏ । ଆସନ୍ତୁ ଆଲୋଚନା କରିବା ସେହି ଫୁଡ୍ ବିଷୟରେ ।*



◆ ଅଣ୍ଡାରେ ରହିଥିବା କିଛି ପୋଷକ ତତ୍ତ୍ୱ ଆପଣଙ୍କ ମାନସିକ ଶକ୍ତି ବୃଦ୍ଧିରେ ସାହାଯ୍ୟ କରିଥାଏ । ଏଥିରେ ଥିବା ଫଲିକ୍ ଏସିଡ୍, ବାୟୋଟିନ, କୋଲାଇନ ଆଦି ମସ୍ତିଷ୍କର କୋଷିକାଗୁଡ଼ିର ବିକାଶରେ ସହାୟତା କରିଥାନ୍ତି ।

◆ ଦହି କେବଳ ଆମର ପାଚନ ତନ୍ତ୍ରକୁ ଠିକ୍ ରଖେ, ତା' ନୁହେଁ, ଏହା ଆମର ମସ୍ତିଷ୍କର କ୍ରିୟାକୁ ନିୟନ୍ତ୍ରଣ କରିଥାଏ । ନିୟମିତ ଖାଦ୍ୟରେ ଦହି ସାମିଲ କରିବା ଦ୍ୱାରା ଏହା ଆପଣଙ୍କ ଚାପକୁ କମ୍ କରିବାରେ ସହାୟତା କରିଥାଏ । ଯଦି ଆପଣ ଚିଡ଼ଚିଡ଼ା ସ୍ୱଭାବର ହୋଇଥାନ୍ତି, ତେବେ ମୁଡ୍ ଠିକ୍ କରିବାରେ ଦହି ସାହାଯ୍ୟ କରିଥାଏ ।

◆ ସବୁଜ ପନିପରିବା ପର୍ଯ୍ୟାପ୍ତ ମାତ୍ରାରେ ସେବନ କରୁଥିବା ଲୋକଙ୍କର ମସ୍ତିଷ୍କ ଦୀର୍ଘ ବର୍ଷ ପର୍ଯ୍ୟନ୍ତ ସକ୍ରିୟ ରହିଥାଏ, ଯାହା ଆମକୁ ମାନସିକ ସ୍ତରରେ ସୁସ୍ଥ ରଖିଥାଏ ।

◆ ଡାର୍କ ଚକୋଲେଟରେ ଥିବା କୋକୋଆ ଆମର ମସ୍ତିଷ୍କର ରକ୍ତସଞ୍ଚାଳନ ପ୍ରକିୟାକୁ ଠିକ୍ ରଖିଥାଏ । ଏତଦବ୍ୟତୀତ ଚକୋଲେଟରେ ଥିବା ଏକ ଉପାଦାନ ଆମର ମସ୍ତିଷ୍କର ଯୁବାବସ୍ଥା ବଜାୟ ରଖିବାରେ ସାହାଯ୍ୟ କରିଥାଏ ।

## ସୁସ୍ଥତାର ରହସ୍ୟ

ନିକଟରେ ଲଣ୍ଡନର ଗବେଷକଦଳ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ୧୨୦ ବୟସ୍କ ପିଢ଼ିଙ୍କୁ ଉପରେ ସର୍ବେକ୍ଷଣ କରିଥିଲେ । ଏ ସମସ୍ତଙ୍କ ବୟସ ୭୫ ବର୍ଷରୁ ଅଧିକ ଥିବାବେଳେ ସେମାନେ କରୋନା ଭାଇରସ୍ ସହ ଲଢ଼ି ପୁନଃ ସୁସ୍ଥ ଜୀବନଯାପନ କରୁଛନ୍ତି । ଇଟାଲୀ, ଆମେରିକା, ସ୍ପେନ୍ ଓ ଭାରତର ମଧ୍ୟ ବୟସ୍କ ଲୋକ ଏଥିରେ ସାମିଲ ହୋଇଥିଲେ ।

-ନ୍ୟୁୟର୍କ ବାସିନ୍ଦା ୮୧ ବର୍ଷୀୟା ଜିଡେଉ ହେଇ, ଅବସରପ୍ରାପ୍ତ ଇଂଜିନିୟର । କରୋନା ପଜିଟିଭ୍ ତାଙ୍କର ବାହାରିବା ପରେ ସେ ଆଦୌ ବ୍ୟତିବ୍ୟସ୍ତ ହୋଇନଥିଲେ । ଡାକ୍ତରୀଦଳଙ୍କ ପରାମର୍ଶ ଅନୁସାରେ କିଛିଦିନ ଚିକିତ୍ସାଳୟରେ ରହିଲେ ଓ ପରେ ତାଙ୍କର ନେଗେଟିଭ୍ ରିପୋର୍ଟ ଆସିଥିଲା । ଜିଡେଉଙ୍କ ଶରୀରର ରୋଗପ୍ରତିରୋଧକ ଶକ୍ତି ଖୁବ୍ ଭଲ ଥିବାର ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର କହିଛନ୍ତି । ନିୟମିତ ଅଣ୍ଡା ଖାଇବା ସହ ଫଳମୂଳ ସେ ଅଧିକ ଖାଉଥିବାର ମତ ଦେଇଥିଲେ । ବୋଧହୁଏ ଏହା ହିଁ ତାଙ୍କ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧିର କାରଣ ବୋଲି ଡାକ୍ତରୀ ଦଳଙ୍କ ମତ ।

-ଇନ୍ଦୋର ନିବାସୀ ୯୫ ବର୍ଷୀୟା ଚନ୍ଦାବାଇ ପରମାର । ଲଣ୍ଡନ ବିଶେଷଜ୍ଞ ଦଳ ଏହି ଭାରତୀୟ ବୟସ୍କାଙ୍କ ତଥ୍ୟ ମଧ୍ୟ ନେଇଛନ୍ତି । ଏ ବୟସରେ ମଧ୍ୟ ସେ କରୋନାକୁ ହରାଇପାରିବା ସମସ୍ତଙ୍କ ପାଇଁ ଆଶ୍ଚର୍ଯ୍ୟର ବିଷୟ । ୧୧ଦିନ ଚିକିତ୍ସାଳୟରେ ଗମ୍ଭୀର ଅବସ୍ଥାରେ ରହିବା ପରେ ସେ ସୁସ୍ଥ ହୋଇ ଫେରିଛନ୍ତି । ଚନ୍ଦାବାଇ ଏବେ ପର୍ଯ୍ୟନ୍ତ ଦୈନିକ ଯୋଗ କରିବା ସହ ଆମିଷ ଭୋଜନ ଖୁବ୍ ଭଲପାନ୍ତି । ଦୈନିକ ରାତିରେ ଖିରରେ ଶୁଦ୍ଧ ଦେଶୀ ଘିଅ ମିଶାଇ ପିଇବା ତାଙ୍କ ପିଲା ବେଳରୁ ଅଭ୍ୟାସ । ତାଙ୍କ ମତରେ ଉତ୍ତମ ପୋଷକତତ୍ତ୍ୱ ଖାଦ୍ୟ ହିଁ ତାଙ୍କ ସୁସ୍ଥ ଜୀବନଶୈଳୀରେ ରହସ୍ୟ । କରୋନା ଆକ୍ରାନ୍ତ ହେବା ପରେ ସେ ଦୁର୍ବଳ ଅନୁଭବ କରୁଛନ୍ତି । ହେଲେ ଖାଦ୍ୟପାନୀୟ ଓ ଯୋଗ କରିବାରେ ଆଦୌ ହେଳା କରୁନଥିବାର ପ୍ରକାଶ ।

## ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାର ଉପାୟ







ଯେ କୌଣସି ରୋଗରୁ ବର୍ତ୍ତିବାର ପ୍ରମୁଖ ସମାଧାନ ହେଉଛି ନିଜ ଶରୀରର ରୋଗପ୍ରତତିରୋଧକ ଶକ୍ତି ବୃଦ୍ଧି କରିବା । ଶରୀରର ଶକ୍ତି ବଢ଼ାଇବା ସେଭଳି କଠିନ କାମ ନୁହେଁ । ନିଜ ଖାଦ୍ୟପାନୀୟ ଜଳ କସରତ୍, ଯୋଗ, ପ୍ରାଣାୟମ ଇତ୍ୟାଦି ନିୟମିତ କଲେ ସୁସ୍ଥ ରହିପାରିବେ । ଦିଲ୍ଲୀର ନାମୀ ଖାଦ୍ୟ ବିଶେଷଜ୍ଞ ନିରୁ ସିଂଙ୍କ ମତରେ ହଠାତ୍ କରି ଆମେ ଖାଦ୍ୟ ତାଲିକା ଅନୁସାରେ ଖାଇଲେ କିମ୍ବା ଅନ୍ୟ ସମସ୍ତ ନିୟମ ମାନି ଚଳିଲେ, ଲାଭ ମିଳେନାହିଁ । ଏକ ଲମ୍ବା ସମୟ ପର୍ଯ୍ୟନ୍ତ ସେସବୁ ପାଳନ କଲେ, ପ୍ରତ୍ୟେକ ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ିଥାଏ ।

◆ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପିଲାଠାରୁ ବୟସ୍କ ସକାଳବେଳା ସୂର୍ଯ୍ୟକିରଣରେ ୨୦-୩୦ ମିନିଟ୍ ବୁଲାବୁଲି କରିବା ଉଚିତ । ଧ୍ୟାନରେ ରଖନ୍ତୁ, ଏବେ ଦ୍ୱିପହର ସମୟରେ ଖରାରେ ବୁଲିଲେ ଆପଣଙ୍କୁ ଅଂଶୁଘାତ ହେବାର ଆଶଙ୍କା ସର୍ବାଧିକ । ଭିଟାମିନ୍ ଡି' ଆବଶ୍ୟକ ପରିମାଣରେ ଶରୀରକୁ ମିଳିବା ଦରକାର । ଆମେରିକା ଭଳି ଥଣ୍ଡା ରାଷ୍ଟ୍ରରେ ଲୋକେ ପର୍ଯ୍ୟାପ୍ତ ପରିମାଣର ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସିପାରିନଥାନ୍ତି । ଏଣୁ ସେମାନେ ଭିଟାମିନ୍ ଡି' କ୍ୟାପସୁଲ୍ ଖାଇଥାନ୍ତି ।


◆ ସତେଜ ସବୁଜ ପନିପରିବା ନିୟମିତ ଭାବେ କିଣି ଖାଆନ୍ତୁ, ନଚେତ୍ ନିଜ ଘର ବଗିଚାରେ ସେସବୁ ଲଗାଇବାର ବନ୍ଦୋବସ୍ତ କରିପାରିବେ । ଫ୍ରିଜ୍‌ରେ ଅଧିକ ଦିନ ପରିବା ରଖି ଖାଇଲେ କୌଣସି ଲାଭ ମିଳେନାହିଁ ।

◆ ପିଲାଠାରୁ ବୟସ୍କ ସମସ୍ତେ ଦୈନିକ ରସୁଣ ଛୁଙ୍କ ବ୍ୟଞ୍ଜନ ଖାଇବା ଜରୁରୀ । ସମୟକ୍ରମେ ଶରୀରର ଶକ୍ତି ବଢ଼ିଥାଏ ।

◆ ଉଷୁମ ପାଣି ପିଇବାର ଅଭ୍ୟାସ ରଖନ୍ତୁ । ଆପଣଙ୍କ ଉତ୍ତମ ଜୀବନଶୈଳୀ ନିମନ୍ତେ ଏହା ଖୁବ୍ ସହାୟକ ହେବ ।

◆ ଅନ୍ୟାନ୍ୟ କସରତ ସହ ଯୋଗ କରିବାକୁ ଅଧିକ ପ୍ରାଧାନ୍ୟ ଦିଅନ୍ତୁ ।

## ମାନସିକ ଚାପର ମୁକାବିଲା



ଆଜିକାଲି ବ୍ୟସ୍ତବହୁଳ ଆଧୁନିକ ଜୀବନରେ ଆମେ ସମସ୍ତେ ପ୍ରତ୍ୟେକ କିଛି ନା କିଛି ମାନସିକ ଚାପ ବା ଷ୍ଟ୍ରେସର ସମ୍ମୁଖୀନ ହେଉଛେ । ସବୁବେଳେ ମାନସିକ ଚାପ ଆମମାନଙ୍କ ପ୍ରତି କ୍ଷତିକାରକ ହୋଇ ନଥାଏ । ବରଂ ବେଳେ ବେଳେ ଏହ ଆମମାନଙ୍କ ପାଇଁ ସହାୟକ ହୋଇଥାଏ । ଏହା ଦ୍ୱାରା ମନୁଷ୍ୟର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଥାଏ । ମାତ୍ର ଯେତେବେଳେ ଆମ ଉପରେ ମାନସିକ ଚାପ ଅତ୍ୟଧିକ ମାତ୍ରରେ ପଡ଼ିଥାଏ ବା ଅଧିକ ଦିନ ପର୍ଯ୍ୟନ୍ତ ଲାଗି ରହିଥାଏ, ସେତେବେଳେ ଏହା ଆମର ମାନସକ ଓ ଶାରୀରିକ ସ୍ୱାସ୍ଥ୍ୟ ପ୍ରତି ହାନିକାରକ ହୋଇଥାଏ । ଆମ ଦେଶରେ ପ୍ରାୟ ୨୦ରୁ ୩୦ ପ୍ରତିଶତ ଲୋକଙ୍କଠାରେ ମାନସିକ ଚାପଜନିତ ସମସ୍ୟା ଦେଖାଯାଇଥାଏ । ଆସନ୍ତୁ ଜାଣିବା ମାନସିକ ଚାପର ବିଭିନ୍ନ କାରଣର, ଲକ୍ଷଣର ଓ ଏହାର ମୁକାବିଲା କରିବାର ଉପାୟଗୁଡ଼ିକ ସମ୍ବନ୍ଧରେ ।

**କେଉଁ କାରଣରୁର ମାନସିକ ଚାପ ଦେଖାଦେଇଥାଏ ?**

ମାନସିକ ଚାପ ବିଭିନ୍ନ କାରଣରୁ ହୋଇପାରେ । ଆଜିକାଲି ସ୍କୁଲ ଓ କଲେଜରେ ପାଠ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ଉପରେ ପାଠପଢ଼ା ଓ ପରୀକ୍ଷାରେ ଅଧିକ ନମ୍ବର ରଖିବା ପାଇଁ ସବୁବେଳେ ମାନସିକ ଚାପ ପଡୁଛି । ବିଭିନ୍ନ ଚାକିରି ଓ ବ୍ୟବସାୟ କରୁଥିବା ବ୍ୟକ୍ତି ଅଧିକାଂଶ ସମୟରେ ଅତ୍ୟଧିକ କାର୍ଯ୍ୟଭାରର ସମ୍ମୁଖୀନ ହେଉଛନ୍ତି । ଏହା ଛଡ଼ା କାର୍ଯ୍ୟକ୍ଷେତ୍ରରେ ଅତ୍ୟଧିକ ପ୍ରତିଦ୍ୱନ୍ଦ୍ୱିତାମୂଳକ ମନୋଭାବ ରଖି କାମ କରୁଥିବା ବ୍ୟକ୍ତିମାନେ ମାନସିକ ଚାପର ବେଶି ଶିାର ହେଉଛନ୍ତି । ଏକ ସାଙ୍ଗରେ ବହୁତ ଗୁଡ଼େ କାମ (ମଲ୍‌ଟିଟାସ୍କିଂ) କରିବା ଦ୍ୱାରା ମଧ୍ୟ ମାନସିକ ଚାପ ବୃଦ୍ଧି ପାଉଛି । ଜୀବନରେ ଘଟୁଥିବା କେତେକ କଠିନ ଓ ଅସୁବିଧାଜନକ ଘଟଣାବଳି ଯଥା ବେରୋଜଗାରି, ଆର୍ଥିକ ସଙ୍କଟ, ପାରିବାରିକ କଳହ, ଆତ୍ମୀୟ ଲୋକର ହଠାତ୍ ମୃତ୍ୟୁ ଆଦି ମାନସିକ ଚାପ ସୃଷ୍ଟି କରିଥାଏ । ସବୁବେଳେ ନକାରାତ୍ମକ ଚିନ୍ତାଧାରା ରଖି କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ଅନ୍ୟମାନଙ୍କ ଅପେକ୍ଷା ଅଧିକ ମାନସିକ ଚାପର ସମ୍ମୁଖୀନ ହୋଇଥାନ୍ତି । ପ୍ରତିଦିନ ଶୋଇବା ଓ ବିଶ୍ରାମ କରିବା ପାଇଁ ଯଥେଷ୍ଟ ସମୟ ନ ମିଳିଲେ ମାନସିକ ଚାପ ସୃଷ୍ଟି ହୋଇଥାଏ । ପୁରୁଷମାନଙ୍କ ଅପେକ୍ଷା ମହିଳାମାନଙ୍କଠାରେ ମାନସିକ ଚାପଜନିତ ସମସ୍ୟା ଅଧିକ ଦେଖାଯାଇଥାଏ । କେତେକ ବ୍ୟକ୍ତି ଜିନ୍‌ଗତ କାରଣ ଯୋଗୁ ମାନସିକ ଚାପ ପ୍ରତି ଅତ୍ୟଧିକ ସମ୍ବେଦନଶୀଳ ହୋଇଥାନ୍ତି । ଆଜିକାଲିର ଆଧୁନିକ ଜୀବନଶୈଳୀ ମଧ୍ୟ କେତେକାଂଶରେ ମାନସିକ ଚାପ ଆରମ୍ଭର କାରଣ ହୋଇପାରେ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଜନତା ହିଁ ଶ୍ରେଷ୍ଠ ବିଚାର...

ସର୍ବୋଚ୍ଚ ଅଦାଲତ ସୁପ୍ରିମ୍‌କୋର୍ଟ କୌଣସି ପ୍ରକାରର କିଛି ସନ୍ଦେହ ସୃଷ୍ଟି ନହେବା ଭଳି ଅତି ସ୍ପଷ୍ଟ ଶବ୍ଦରେ ଗତ ସପ୍ତାହରେ ଶୁଣାଇ ଦେଇଛନ୍ତି ଯେ ଏକ ଗଣତନ୍ତ୍ରରେ ଲୋକମାନେ ନିଷ୍ପତ୍ତି ନେବେ କିଏ ସେମାନଙ୍କୁ ଶାସନ କରିବେ, ଯାହା ସମାନ ଭାବରେ ଦେଶର ରାଜଧାନୀ ନୂଆଦିଲ୍ଲୀ କ୍ଷେତ୍ରରେ ମଧ୍ୟ ପ୍ରଯୁଜ୍ୟ । ଆଉ ସର୍ବସାଧାରଣରେ ଶୃଙ୍ଖଳା ରକ୍ଷା, ପୁଲିସ ଏବଂ ସେହି ରାଜ୍ୟର ଭୂଭାଗ ବ୍ୟତୀତ ଅନ୍ୟ କୌଣସି ବ୍ୟାପାରରେ କେନ୍ଦ୍ର କିଛି କରିବା ଆବଶ୍ୟକ ନାହିଁ । ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱାଧୀନ ପାଞ୍ଚଜଣିଆ ସାମ୍ବିଧାନିକ ଖଣ୍ଡପୀଠଙ୍କ ୧୦୫ ପୃଷ୍ଠାର ଆଦେଶନାମା ଏହାଦ୍ୱାରା କ୍ଷମତାର ସଂଘୀୟ ସନ୍ତୁଳନ ମଧ୍ୟରେ ଜୀବନ ଭରି ଦେଇଛି, ଯାହା ଦେଶର ରାଜଧାନୀର ପ୍ରଭାବଶାଳୀ ପରିଚାଳନା ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ସଙ୍ଗେ ସଙ୍ଗେ ନିର୍ବାଚିତ ଜନପ୍ରତିନିଧିମାନଙ୍କର ଶ୍ରେଷ୍ଠତାକୁ ବଜାୟ ରଖିଛି । ବେଶ୍ କିଛି ମାସ ହେବ ବସ୍ତୁତଃ କ୍ଷମତାକୁ ନେଇ ଦିଲ୍ଲୀ କେନ୍ଦ୍ର ସରକାର ଏବଂ ରାଜ୍ୟର ନିର୍ବାଚିତ ଅରବିନ୍ଦ କେଜ୍ରିୱାଲ୍‌ଙ୍କ ଆପ୍ ସରକାର ଭିତରେ ଏକ ଉଗ୍ର ରଣଭୂମି ପାଲଟି ଆସିଥିବା ବେଳେ କୋର୍ଟଙ୍କର ଏହି ରାୟ- କେନ୍ଦ୍ର ଏବଂ ଦିଲ୍ଲୀ ସରକାରଙ୍କ ମଧ୍ୟରେ କ୍ଷମତାର ଆବଣ୍ଟନ ଉପରେ ବିଗତ ପାଞ୍ଚ ବର୍ଷ ଭିତରେ ଦ୍ୱିତୀୟ ଥର ପାଇଁ ଏକ ସାମ୍ବିଧାନିକ ଖଣ୍ଡପୀଠଙ୍କ ଦ୍ୱାରା ପ୍ରଦତ୍ତ- ବିଗତ ଏକ ବର୍ଷ ଧରି ଦିଲ୍ଲୀର ଶାସନରେ ଏକ ପ୍ରକାରର ସ୍ଥାଣୁତାରେ ପୂର୍ଣ୍ଣଚ୍ଛେଦ ପକାଇବ ବୋଲି ଆଶା କରାଯାଉଛି । ଏହି ବିବାଦର ମୂଳରେ ରହିଛି କେନ୍ଦ୍ରଶାସିତ ଅଞ୍ଚଳ ଭାବରେ ଦିଲ୍ଲୀର ସ୍ୱତନ୍ତ୍ର ସ୍ଥିତି, ଯେଉଁଠି ଏକ ନିର୍ବାଚିତ ବିଧାନସଭା ଏବଂ ସରକାର ରହିଛି, ଯାହା ମଧ୍ୟ ଦେଶର ରାଜଧାନୀ ଭାବରେ କାର୍ଯ୍ୟ କରୁଛି । ୧୯୯୩ରେ ଏଠାରେ ପ୍ରଥମ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବା ପରଠାରୁ ଦେଶର ରାଜଧାନୀର ଦୁଇ ଗୋଟି କ୍ଷମତା କେନ୍ଦ୍ର ରହି ଆସିଛି : ଗୋଟିଏ ହେଉଛି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ଅନ୍ୟଟି ହେଉଛି ଲ୍ୟୁଟନାଣ୍ଟ ଗଭର୍ଣ୍ଣରଙ୍କର, ଅର୍ଥାତ୍ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ଜଣେ ପଦାଧିକାରୀ ଯିଏକି ସିଧାସଳଖ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ନିକଟରେ ଉତ୍ତରଦାୟୀ । ଅନେକ ଦଶନ୍ଧି ଧରି ସୌଭାଗ୍ୟବଶତଃ ହେଉ କି ବୁଝାମଣାରେ, ଏ ଦୁଇ କାର୍ଯ୍ୟାଳୟ ପରସ୍ପର ସହିତ ମିଳିମିଶି କାର୍ଯ୍ୟ କରି ଆସୁଥିଲେ, କିନ୍ତୁ ସାମ୍ପ୍ରତିକ ବର୍ଷଗୁଡ଼ିକରେ ଏଇ ସମ୍ପର୍କରେ ଫାଟ ଦେଖା ଦେଇଛି । ଏହି ମୁହାଁମୁହିଁ ଅବସ୍ଥା ଅନେକଗୁଡ଼ିଏ ନିଯୁକ୍ତିକୁ ରଦ୍ଦ କରିବା, ବିଜ୍ଞପ୍ତିଗୁଡ଼ିକ ଜାରି କରାଯିବା ଏବଂ ସେସବୁକୁ ପୁଣି ପ୍ରତ୍ୟାହାର କରି ନିଆଯିବା, ନୀତି ନିୟମଗୁଡ଼ିକ କାର୍ଯ୍ୟକାରୀ ହୋଇ ନପାରିବା, ଧାରଣା ଏବଂ ସଡ଼କରେ ପ୍ରତିବାଦ କରାଯିବା, ଜଣେ ବରିଷ୍ଠ ଅଧିକାରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରାଯିବା ଭଳି ଅଭିଯୋଗ ସହିତ ରାଜ୍ୟର ଦୁଇ ମୁଖ୍ୟ ଶାସନକର୍ତ୍ତାଙ୍କ ମଧ୍ୟରେ ଆପାତତଃ ଯୋଗାଯୋଗ ବିଚ୍ଛିନ୍ନ ହୋଇଯିବା ଭଳି ଅବସ୍ଥା ସୃଷ୍ଟି କରିଛି । ଗୋଟିଏ ପକ୍ଷରେ ତ ଅମଲାତନ୍ତ୍ରୀମାନଙ୍କୁ ଦୁଇ କ୍ଷମତା କେନ୍ଦ୍ରଙ୍କ କଳି ଭିତରେ ବଳି ପଡ଼ି ଯାଉଛନ୍ତି ବୋଲି ଅଭିଯୋଗ ଆଣି ବାଧ୍ୟ କରାଯାଇଥିଲା ପ୍ରତିବାଦ କରିବାକୁ । ଏ କାର୍ଯ୍ୟ ଯଦିଓ ଏକ ପ୍ରଶାସନିକ ବ୍ୟାପାର ଭାବରେ ଆରମ୍ଭ ହୋଇଥିଲା, ତେବେ ଏହା ପଛରେ ରାଜନୀତିକ ଉଦ୍ଦେଶ୍ୟ ରହିଥିବା ତୃଣମୂଳ କ୍ଷେତ୍ରରେ ପରିଲକ୍ଷିତ ହୋଇଥିଲା, କାରଣ ବିଶେଷକରି ପ୍ରତ୍ୟେକ ଲଢ଼େଇ ବୁଲି ବୁଲି ଆପ୍ ଏବଂ ବିଜେପି ଲଢ଼େଇରେ ପରିଣତ ହୋଇ ଯାଉଥିଲା । ତେବେ ସମ୍ପ୍ରତି ଶୀର୍ଷ ଅଦାଲତ ଯେଉଁ ସର୍ବସମ୍ମତ ରାୟ ପ୍ରଦାନ କରିଛନ୍ତି, ତାହା ରାଜନୀତିକ ନାଟକବାଜିରେ ପରିସମାପ୍ତି ଘଟାଇବା ଆଶା କରାଯାଏ । ସର୍ବୋଚ୍ଚ ଅଦାଲତଙ୍କ ନିକଟରେ କେନ୍ଦ୍ର ସରକାର ଯୁକ୍ତି ଦର୍ଶାଇ ଥିଲେ ଯେ ଦିଲ୍ଲୀ ହେଉଛି ଏକ କେନ୍ଦ୍ରଶାସିତ ଅଞ୍ଚଳ ଏବଂ ଅନ୍ୟ ରାଜ୍ୟମାନଙ୍କ ଭଳି ଏହାର ନିଜସ୍ୱ ଲୋକସେବା ନାହିଁ ତଥା ଦିଲ୍ଲୀ ଜାତୀୟ ରାଜଧାନୀ ହୋଇଥିବାରୁ ଏହାର ଜାତୀୟ ଏବଂ ଆନ୍ତର୍ଜାତିକ ମହତ୍ତ୍ୱ ରହିଛି, କିନ୍ତୁ କୋର୍ଟ କେନ୍ଦ୍ର ସରକାରଙ୍କ ବ୍ୟାଖ୍ୟାରେ ସହମତ ହୋଇ ନଥିଲେ । ଏହା ଅନୁଭବ କରିଥିଲେ ଯେ ଏକ 'ସାମ୍ବିଧାନିକ ବିଧି ବ୍ୟବସ୍ଥାରେ ପରିଚାଳିତ ଏବଂ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ' ସରକାରଙ୍କର ଏହାର ପ୍ରଶାସନ ଉପରେ ନିୟନ୍ତ୍ରଣ ରହିବା ଆବଶ୍ୟକ। ଏକଥା ସ୍ପଷ୍ଟ ହୋଇ ଯାଇଥିଲା ଯେ ସରକାରର ଏକ ଗଣତାନ୍ତ୍ରିକ ରୂପରେ ପ୍ରଶାସନର ପ୍ରକୃତ କ୍ଷମତା ରାଜ୍ୟର ନିର୍ବାଚିତ ବାହୁ ଉପରେ ଆଶ୍ରୟ କରିବା ଉଚିତ ଏବଂ କୋର୍ଟ ଗୁରୁତ୍ୱାରୋପ କରିଥିଲେ ଯେ ଏକ ଉତ୍ତରଦାୟୀ ହୋଇ ନଥିବା ଏବଂ ପ୍ରତିକ୍ରିୟା ପ୍ରକାଶ କରୁ ନଥିବା ଲୋକସେବା ଶାସନ କ୍ଷେତ୍ରରେ ଗୁରୁତର ସମସ୍ୟା ସୃଷ୍ଟି କରିପାରେ । ସହଯୋଗୀ ସଂଘୀୟବାଦ ଉପରେ ଗୁରୁତ୍ୱାରୋପ କରି କୋର୍ଟଙ୍କର ଏହି ରାୟ ରାଜନୀତିକ ଅତିକ୍ରମଣ ବିରୁଦ୍ଧରେ ସାବଧାନ କରାଇ ଦେଇଛି । କିନ୍ତୁ ଶୁକ୍ରବାର ଦିନ ସର୍ବୋଚ୍ଚ ଅଦାଲତଙ୍କ ନିକଟରେ ଦିଲ୍ଲୀ ସରକାର ଦାଖଲ କରିଥିବା ନିବେଦନ ଯାହା ଦର୍ଶାଇ ଥୁଲା, ରାଜନୀତିକ ମନୋଭାବର ଟାଙ୍ଗରା ଭୂଇଁରେ ଏଭଳି ପରିବର୍ତ୍ତନର ବୀଜ ଅଙ୍କୁରୋଦ୍‌ଗମ ହେବା ପାଇଁ ଅନେକ ସମୟ ଲାଗିଯାଇ ପାରେ । ସଂକ୍ଷେପରେ କହିବା ଅତିରଞ୍ଜନ ହେବନାହିଁ ଯେ ସର୍ବୋଚ୍ଚ ଅଦାଲତଙ୍କର ଏହି ରାୟ ଦାୟିତ୍ୱବାନ୍ ଏବଂ ସମ୍ବେଦନଶୀଳ ଶାସନ ବ୍ୟବସ୍ଥା ପାଇଁ, ରାଜନେତାମାନେ ସେମାନଙ୍କୁ ମତଦାନ କରି ବିଜୟୀ କରାଉଥିବା ଲୋକମାନଙ୍କ ପାଇଁ ସେମାନଙ୍କର ମୁଣ୍ଡଗୁଡ଼ିକୁ ଖେଳାଇବା ଉଚିତ ଏବଂ ଲୋକମାନଙ୍କର ମତକୁ ସମ୍ମାନ ଦେବା ସର୍ବାଦୌ ବିଧେୟ, ପରସ୍ପରର ଗୋଇ ଖୋଳିବାରେ ନୁହେଁ । ଏକ ଗଣତନ୍ତ୍ରରେ ଲୋକମାନେ ହେଉଛନ୍ତି ସର୍ବେସର୍ବା ଏବଂ ସେମାନଙ୍କଠୁ ଉପରେ କେହି ନୁହନ୍ତି ।

## ପ୍ରତିଶ୍ରୁତିରୁ ଓହରିଲା ଋଷ : ଭାରତୀୟ ମୁଦ୍ରାରେ ବ୍ୟବସାୟ ପାଇଁ ଅରାଜି

**ଗୋପାଳ ମହାପାତ୍ର**



ଋଷ ଏବେ ଭାରତକୁ ରପ୍ତାନୀ କରୁଥିବା ତୈଳ ଉତ୍ପାଦ, ଅସ୍ତ୍ରଶସ୍ତ୍ର, କୋଇଲା ଏବଂ ଅନ୍ୟାନ୍ୟ ସାମଗ୍ରୀର ମୂଲ୍ୟ ଭାରତୀୟ ମୁଦ୍ରା (ଟଙ୍କା) ରେ ନେବାପାଇଁ ଅରାଜି ହୋଇଛି । ଅନେକବାର ଆଲୋଚନା ପରେ ଋଷ ଭାରତୀୟ ମୁଦ୍ରା ବିନିମୟରେ ବ୍ୟବସାୟ କରିବ ନାହିଁ ବୋଲି କହିଦେଇଛି । ଋଷର ଏହି ପଦକ୍ଷେପ ପରେ ଭାରତୀୟ ମୁଦ୍ରାକୁ ଆନ୍ତର୍ଜାତୀୟ ମୁଦ୍ରାରେ ପରିଣତ କରିବା ପାଇଁ ଭାରତ ସରକାରଙ୍କ ପକ୍ଷରୁ ଯେଉଁ ପ୍ରୟାସ ହୋଇଥିଲା, ତାକୁ ଝଟକା ଲାଗିଛି। ଡଲାର ଉପରୁ ନିର୍ଭରତା କମ୍ କରିବା ଏବଂ ଭାରତୀୟ ମୁଦ୍ରାରେ କାରବାର କରିବା ପାଇଁ ଭାରତ ସରକାର ଉଦ୍ୟମ କରୁଥିଲେ ଓ ୩୫ରୁ ଅଧିକ ଦେଶ ଏଥିପାଇଁ ରାଜି ହୋଇଥିବା କଥା ସରକାରଙ୍କ ପକ୍ଷରୁ କୁହାଯାଇଥିଲା । ହେଲେ ଭାରତୀୟ ମୁଦ୍ରାରେ ସୀମିତ କାରବାର ହେଉଥିଲା ବୋଲି ଏବେ ଜଣାପଡ଼ିଛି । କେବଳ ଋଷିଆରୁ ଆମଦାନୀ ହେଉଥିବା ତୈଳ ଉତ୍ପାଦ, କୋଇଲା ଏବଂ ଅସ୍ତ୍ରଶସ୍ତ୍ର ପାଇଁ ଭାରତୀୟ ମୁଦ୍ରା ପ୍ରଦାନ କରାଯାଉଥିଲା । ଏବେ ଋଷିଆ ଏଥିପାଇଁ ମନା କରିଦେବା ପରେ ଆନ୍ତର୍ଜାତୀୟ ବଜାରରେ ଭାରତୀୟ ମୁଦ୍ରାର ସ୍ଥିତି ଦୁର୍ବଳ ହେବାର ସମ୍ଭାବନା ରହିଛି । ଏଥିପାଇଁ କ'ଣ ବିକଳ୍ପ ପଦକ୍ଷେପ ନିଆଯିବ ସେ ବାବଦରେ ସରକାର କିମ୍ବା ରିଜର୍ଭ ବ୍ୟାଙ୍କ ପକ୍ଷରୁ ସ୍ପଷ୍ଟ ଭାବେ କିଛି କୁହାଯାଉନାହିଁ । ସରକାର ଏହାର ବିକଳ୍ପ ଖୋଜୁଥିବେ ନିଶ୍ଚୟ । କିନ୍ତୁ ସରକାରଙ୍କ ପକ୍ଷରୁ କୁହାଯାଉଥିଲା ଯେ, ଭାରତ ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ଅର୍ଥ ବ୍ୟବସ୍ଥାରେ ପରିଣତ ହେବାକୁ ଯାଉଛି, ଆମ ମୁଦ୍ରା ଅନ୍ୟ ଦେଶର ମୁଦ୍ରା ତୁଳନାରେ ମଜଭୁତ୍ ସ୍ଥିତିରେ ଅଛି ହେଲେ ସରକାରଙ୍କ କଥା ଠିକ୍ ନୁହେଁ ବୋଲି ଏବେ ଆଶଙ୍କା ସୃଷ୍ଟି ହେବାରେ ଲାଗିଛି । ଏଭଳି ପରିସ୍ଥିତିରେ ଦେଶର ଆର୍ଥିକ ସଂସ୍ଥାମାନେ ମଧ୍ୟ ନିରବ ରହୁଛନ୍ତି ।

ଏବେ ଭାରତ ଋଷିଆରୁ ଆମଦାନୀ କରୁଥିବା ସାମଗ୍ରୀ ପାଇଁ ତାକୁ ଭାରତୀୟ ମୁଦ୍ରାରେ ନୁହେଁ ସଂଯୁକ୍ତ ଆରବ ଏମିରେଟସ୍ (ୟୁଏଇ)ର ମୁଦ୍ରା ଦିରହମ୍‌ରେ ପୈଠ କରୁଛି । ଆନ୍ତର୍ଜାତୀୟ ବଜାରରେ ଡଲାର ଓ ଦିରହମ୍‌ର ବିନିମୟ ମୂଲ୍ୟ ପାଖାପାଖି ରହିଛି। ଋଷ ଏବେ ପୁନର୍ବାର ମତ ପରିବର୍ତ୍ତନ କରିଛି ଓ ତାକୁ ଦିରହମ୍‌ରେ ପୈଠ ନ କରି ଚୀନ୍ ମୁଦ୍ରା ୟୁଆନ୍‌ରେ ପୈଠ କରିବା ପାଇଁ ଭାରତକୁ କହିଛି । ୟୁଆନ୍ ଭାରତ ପାଇଁ ଅଧିକ ମହଙ୍ଗା ପଡ଼ିବ । କାରଣ ଭାରତୀୟ ମୁଦ୍ରା ସମ୍ପୂର୍ଣ୍ଣ ଭାବେ ପରିବର୍ତ୍ତନୀୟ ନୁହେଁ । ୟୁଆନ୍‌ର ବିନିମୟ ମୂଲ୍ୟ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟଠାରୁ ଢେର୍ ଅଧିକ ଓ ଏଥିପାଇଁ ଅଲଗା ଚାର୍ଜ ମଧ୍ୟ ଦେବାକୁ ପଡ଼ିବ। ଏଣୁ ଆଗାମୀ ଦିନରେ ଡଲାରରେ ନେଣଦେଣ ହେବା ସ୍ପଷ୍ଟ ଓ ଏହାର ପ୍ରଭାବ ସାଧାରଣ ଉପଭୋକ୍ତା ବସ୍ତୁ ଉପରେ ପଡ଼ିବ । ଏଥିସହିତ ବିଦେଶୀ ମୁଦ୍ରାଭଣ୍ଡାର କମିବ ଓ ଅନେକ ଆର୍ଥିକ ଅବ୍ୟବସ୍ଥା ଦେଖାଯିବ ।

ୟୁକ୍ରେନ୍ ଯୁଦ୍ଧର ପ୍ରାରମ୍ଭରେ ଋଷ ଭାରତ ସହ ଭାରତୀୟ ମୁଦ୍ରାରେ ବ୍ୟବସାୟ କରିବା ପାଇଁ ରାଜି ହୋଇଥିଲା । ଗତବର୍ଷ ଜୁଲାଇ ମାସରେ ଋଷ ସମେତ ଅନେକ ଦେଶ ସହ ଭାରତୀୟ ମୁଦ୍ରାରେ ବ୍ୟବସାୟ କରାଯିବା ପାଇଁ ପ୍ରସ୍ତାବ ମଧ୍ୟ ଆସିଥିଲା । ଋଷ ଏହାକୁ ସ୍ୱୀକାର କରିଥିଲା । ଋଷର ବ୍ୟାଙ୍କ ମାନଙ୍କୁ ଭାରତରେ ବୋଷ୍ଟ୍ରୋ ଆକାଉଣ୍ଟ ଖୋଲିବା ପାଇଁ ରିଜର୍ଭ ବ୍ୟାଙ୍କ ମଧ୍ୟ ଅନୁମତି ଦେଇଥିଲା । ସେତେବେଳେ ଋଷ ଆର୍ଥିକ ସଂକଟ ଘେରରେ ଥିଲା । ଆମେରିକା ପକ୍ଷରୁ ଋଷର ବ୍ୟାଙ୍କ ମାନଙ୍କୁ ସ୍ୱିଫ୍ଟ ମେସେଜିଙ୍ଗ ସିଷ୍ଟମ୍‌ରୁ ବାହାର କରିଦିଆଯିବା କାରଣରୁ ଡଲାର ସମେତ ଅନେକ ଦେଶର ମୁଦ୍ରାରେ ଋଷିଆର ବ୍ୟବସାୟୀକ ନେଣଦେଣ ବନ୍ଦ ହୋଇଯାଇଥିଲା । ୟୁକ୍ରେନ୍ ସହ ଯୁଦ୍ଧ ଓ ଆମେରିକୀୟ ପ୍ରତିବନ୍ଧ ଯୋଗୁଁ ଦୁର୍ବଳ ଅବସ୍ଥାକୁ ଆସିଯାଇଥିବା ନିଜର ଅର୍ଥ ବ୍ୟବସ୍ଥାକୁ ସମ୍ଭାଳିବା ପାଇଁ ଆୟର ଆବଶ୍ୟକତା ଦୃଷ୍ଟିରୁ ଶସ୍ତାରେ ତୈଳ ଉତ୍ପାଦ, କୋଇଲା ଆଦି ଦେବାପାଇଁ ଭାରତୀୟ ମୁଦ୍ରା ନେବାକୁ ଋଷ ରାଜି ହୋଇଯାଇଥିଲା । କିନ୍ତୁ ଯେତେବେଳେ ଭାରତ ସହ ଋଷର ବ୍ୟବସାୟ ବଢ଼ିଲା, ସେତେବେଳେ ତା'ର ଟ୍ରେଡ୍ ସରପ୍ଲସ୍ ମଧ୍ୟ ବଢ଼ିବାରେ ଲାଗିଲା । ଋଷ ପାଖରେ ଏବେ ୪୦ ଅରବ ଡଲାରର ଭାରତୀୟ ମୁଦ୍ରା ରହିଛି ଓ ଏହି ଅର୍ଥରେ ଅନ୍ୟ ଦେଶରୁ ସାମଗ୍ରୀ କିଣିବା ଋଷ ପାଇଁ କଷ୍ଟସାଧ୍ୟ ହୋଇପଡ଼ିଛି । ସବୁଠୁ ବଡ଼କଥା ହେଉଛି, ଭାରତୀୟ ମୁଦ୍ରାକୁ କୌଣସି ବିଦେଶୀ ମୁଦ୍ରାରେ ବଦଳାଇବା ମଧ୍ୟ ମହଙ୍ଗା ହୋଇଛି । ଋଷ ଶସ୍ତାରେ ଏବଂ ଭାରତୀୟ ମୁଦ୍ରା ବିନିମୟରେ ଭାରତ ସହ ବ୍ୟବସାୟ କରିବ ବୋଲି କହିଥିଲା ଓ ଭାରତ ମଧ୍ୟ ତୈଳ ଓ କୋଇଲା ଅଧିକ ମାତ୍ରାରେ ଋଷରୁ ଆମଦାନୀ କରିବାରେ ଲାଗିଲା ।

ୟୁକ୍ରେନ୍ ଯୁଦ୍ଧ ପୂର୍ବରୁ ଭାରତ ଯେତେ ପରିମାଣର ପେଟ୍ରୋଲିୟମ ପଦାର୍ଥ ବିଦେଶରୁ ଆମଦାନୀ କରୁଥିଲା ତା'ର ଏକ ପ୍ରତିଶତ ମାତ୍ର ଋଷରୁ ଆମଦାନୀ କରୁଥିଲା । କିନ୍ତୁ ଏହି ପ୍ରତିଶତ ୩୫କୁ ବୃଦ୍ଧି ପାଇଥିଲା । ଋଷରୁ ଭାରତର ଆମାଦାନୀ ୧୧ ଅରବ ଡଲାରରୁ ବୃଦ୍ଧି ପାଇ ଏବେ ୫୧ ଅରବ ଡଲାରରେ ପହଞ୍ଚିଛି । ଭାରତ ସରକାରଙ୍କ ପକ୍ଷରୁ କୁହାଯାଉଛି ଯେ, ଋଷଠାରୁ ଶସ୍ତାରେ ତେଲ କିଣି ଭାରତ ୩୫ ହଜାର କୋଟି ଟଙ୍କା ସଂଚୟ କରିପାରିଛି । ଋଷରୁ ଅଧିକ ତୈଳ ଆମଦାନୀ କାରଣରୁ ଦେଶର ତୈଳ ବିଶୋଧନାଗାରମାନଙ୍କର ଅଧିକ କାର୍ଯ୍ୟଭାର ବଢ଼ିଛି ଏବଂ ଭାରତ ମଧ୍ୟ ବିଶୋଧିତ ତୈଳ ୟୁରୋପୀୟ ବଜାରରେ ବିକ୍ରି କରୁଛି । ଏଥିରୁ ମଧ୍ୟ ଭାରତ ସରକାରଙ୍କର ଲାଭ ହୋଇଛି । ଋଷରୁ କୋଇଲା କିଣି ଭାରତ ଲାଭବାନ ହୋଇଛି । ସରକାର ଏ ଯେଉଁ ଲାଭ ହେଲା ବୋଲି କହୁଛନ୍ତି, ତାହା କ'ଣ ସତ୍ୟ? ସନ୍ଦେହ ସୃଷ୍ଟି ହେବାର କାରଣ ହେଉଛି, ଋଷରୁ ଆମଦାନୀ କରାଯାଉଥିବା ସାମଗ୍ରୀ ପାଇଁ ଭାରତକୁ ଦିରହମ୍‌ରେ ପୈଠ କରିବାକୁ ପଡ଼ୁଛି । ଋଷର କଥା ଅନୁସାରେ ଏବେ ଯଦି ଭାରତ ୟୁଆନ୍‌ରେ ପୈଠ କରିବ, ତେବେ ଲାଭ ହେବ ନା କ୍ଷତି ହେବ? ଏହା ଭାରତର ଅର୍ଥ ବ୍ୟବସ୍ଥାକୁ ପ୍ରଭାବିତ କରିବ ଓ ବିଦେଶୀ ମୁଦ୍ରା ଭଣ୍ଡାର ମଧ୍ୟ ପ୍ରଭାବିତ ହେବ । ଋଷ ସହ ଭାରତୀୟ ମୁଦ୍ରାରେ ବ୍ୟବସାୟ ପାଇଁ ଯଦି ଭାରତ ଓ ଋଷ ମଧ୍ୟରେ ଚୁକ୍ତି ହୋଇଥିଲା, ତେବେ ଋଷ ଏବେ ଚୁକ୍ତିରୁ ଓହରୁଛି କାହିଁକି ? ସେତେବେଳେ ଋଷର ଅବସ୍ଥା ଦୃଷ୍ଟିରୁ ଭାରତୀୟ ମୁଦ୍ରାରେ ବ୍ୟବସାୟ ପାଇଁ ଋଷ ରାଜି ହୋଇଯାଇଥିଲା । କିନ୍ତୁ ଏବେ ମନା କରିବା ପରେ ଭାରତ ପାଖରେ ଋଷର କଥା ମାନିବା ଛଡା ଅନ୍ୟ ରାସ୍ତା ନାହିଁ, ଯେଉଁଥିପାଇଁ ଭାରତକୁ ମାତ୍ରାଧିକ କ୍ଷତି ସହିବାକୁ ପଡ଼ିବ । ଏଣୁ ସରକାର ଶସ୍ତାରେ ତେଲ କିଣୁଛନ୍ତି ଯାହା କହୁଥିଲେ, ତାହା ଏବେ ଦେଶ ପାଇଁ ମହଙ୍ଗା ସାବ୍ୟସ୍ତ ହେବନି ତ ?


ରାମଚନ୍ଦ୍ରପୁର, ରଣପୁର
ମୋ-୯୪୩୮୪୮୫୦୯୪


## ନିଶାମୁକ୍ତ ଓଡିଶା ଓ ରାଷ୍ଟ୍ରପତିଙ୍କ ଆହ୍ୱାନ



**ଅଧ୍ୟାପକ ଗୋପବନ୍ଧୁ**

'ନିଶା ଯୁବପିଢ଼ିକୁ ପଥଭ୍ରଷ୍ଟ କରୁଛି। ପରିବାର କିମ୍ବା ବ୍ୟକ୍ତି ନୁହେଁ; ପୁରା ସମାଜକୁ ବିଗାଡୁଛି।' ଏହାଥିଲା ଭାରତବର୍ଷର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଅଭିବ୍ୟକ୍ତି। ସେ ମୟୂରଭଞ୍ଜର ହାତବାଦଡା ନିକଟରେ ଥିବା ସାତପଉଟିଆ ଗ୍ରାମର ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ତରଫରୁ ଆୟୋଜିତ ନିଶାମୁକ୍ତ ଓଡିଶା ଅଭିଯାନକୁ ଉଦଘାଟନ କରିବା ଅବସରରେ ଏହା କହିଛନ୍ତି। ସେ ଭାରତବର୍ଷର ସର୍ବୋଚ୍ଚ ପଦରେ ଅଧିଷ୍ଠିତ ହେବାପରେ ଏହା କହିଛନ୍ତି ତାହା ନୁହେଁ, ସେ ଝାଡଖଣ୍ଡ ରାଜ୍ୟର ରାଜ୍ୟପାଳ ଥିବା ସମୟରେ ମଧ୍ୟ ସେ ରାଜ୍ୟରେ ନିଶାନିବାରଣ ହେବା ଜରୁରୀ ବୋଲି ଅନେକ ଥର କହିଛନ୍ତି। ଏହା ତାଙ୍କ ଅନ୍ତରର କଥା। ସେ ଏକ ନିଶାମୁକ୍ତ ଓ ଘୃଣା-ହିଂସା ରହିତ ସୁନ୍ଦର ସମାଜର ପରିକଳ୍ପନା କରନ୍ତି। କରୁଣା, ପ୍ରେମ, ସ୍ନେହ ଓ ଭଲପାଇବା ମାଧ୍ୟମରେ ବ୍ୟକ୍ତି ନିଜକୁ ବଦଳାଇବା ସହିତ ସମଗ୍ର ସମାଜକୁ ବଦଳାଇ ଦେଇପାରିବ ବୋଲି ତାଙ୍କ ବିଶ୍ୱାସ।

ମହାମହିମ ରାଷ୍ଟ୍ରପତିଙ୍କ ବିଗତ ମୟୂରଭଞ୍ଜ ଗସ୍ତ କାଳରେ ନିଶାନିବାରଣ ଉପରେ ବକ୍ତବ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। କିନ୍ତୁ କେତେକ ମୁଷ୍ଟିମେୟ ସାମାଜିକ କର୍ମୀ ବ୍ୟତୀତ ରାଜନୀତି ମହଲରେ କିମ୍ବା ସାଧାରଣ ଜନତାଙ୍କ ମଧ୍ୟରେ ଏହା ଆଲୋଚନାର ଖୋରାକ ଯୋଗାଇ ପାରିଲା ନାହିଁ। ଏପରିକି ମଦବିରୋଧୀ ଆନ୍ଦୋଳନର ସାମାଜିକ କର୍ମୀଙ୍କୁ ମଧ ଏହା ବିଶେଷ ପ୍ରଭାବିତ କରିପାରି ନାହିଁ। ଏହାର କାରଣ ହେଉଛି ଓଡିଶାର କୌଣସି ରାଜନୈତିକ ଦଳ ନିଶାନିବାରଣକୁ ନିଜ ଦଳୀୟ ଇସ୍ୟୁଭାବେ ଗ୍ରହଣ କରିନାହାଁନ୍ତି। ଏପରିକି ରାଷ୍ଟ୍ରପତିଙ୍କ ପୂର୍ବ ରାଜନୈତିକ ଦଳ ବିଜେପି ପାଇଁ ମଧ୍ୟ ଏହା ଏକ ଅଦରକାରୀ ବିଷୟ। ସମସ୍ତ ରାଜନୈତିକ ଦଳର ମଦୁଆମାନଙ୍କୁ ଭିଷଣ ଭୟ। ଏମାନେ ଭୋଟ ଗଣିତକୁ ଏପଟ ସେପଟ କରିଦେଇ ପାରିବେ। ଏହା ଛଡା ବିଭିନ୍ନ ଦଳରେ ମଦୁଆଙ୍କ ସଂଖ୍ୟା କିଛି କମ୍ ନୁହେଁ। ରାଜନୈତିକ ଲବିରେ ମଦ ମାଫିଆମାନେ ଆଗରେ ଅଛନ୍ତି। ତେଣୁ ମଦ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବ କିଏ ? ରାଷ୍ଟ୍ରପତିଙ୍କ ଅଭିଭାଷଣକୁ ନେଇ ସାମାଜିକ କମ୍ପନ ସୃଷ୍ଟି କରିବ କିଏ ? ଯେଉଁମାନେ ବି ସମ୍ବେଦନଶୀଳ ସେମାନେ ଭାବୁଛନ୍ତି ଚାରିଆଡ଼େ ନିଶାର ବନ୍ୟା ବହୁଥିବା ବେଳେ ତାଙ୍କ କଥା କୋଉଠି କୂଳ ଧରିବ। ରାଷ୍ଟ୍ରପତି କହିବା କଥା କହିଲେ ଆମେ ଶୁଣିବା କଥା ଶୁଣିଲୁ। ବାସ ସେତିକି ଯଥେଷ୍ଟ। ସମାଜ ପୁରୁଣା ଢଙ୍ଗରେ ଚାଲିଛି। ନୂତନ ଓ ଉନ୍ନତ ସମାଜର ପରିକଳ୍ପନା ବୃଥା।

ଜଣେ ଆଦିବାସୀ ମହିଳା ଭାରତବର୍ଷ ପରି ସର୍ବବୃହୋତ୍ତମ ରାଷ୍ଟ୍ରର ସର୍ବୋଚ୍ଚ ପଦରେ ଅଧିଷ୍ଠିତ ହେବା ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ ନିଶ୍ଚୟ। ଆମର ଗର୍ବ ସେତିକିରେ ସମାପ୍ତ ହେଲେ ଚଳିବ ନାହିଁ। ତାଙ୍କ କଥାକୁ ଗୁରୁତ୍ୱ ଦେଲେ ଏ ଗର୍ବର ମହତ୍ତ୍ୱ ରହିବ। ତାଙ୍କ ଅଭିଜ୍ଞତା ଓ ସାମାଜିକ ଅନୁଭୂତି ଆମର ପାଥେୟ ହେବା ଉଚିତ। ପିଲାଦିନରୁ ଦେଖି ଆସିଥିବା ଘଟଣା ପ୍ରବାହର ଆଧାରରେ ସେ ଏହା କହିଛନ୍ତି। ଏ ମୂଲ୍ୟବାନ୍ ଅନୁଭୂତିକୁ ରାଷ୍ଟ୍ର କାର୍ଯ୍ୟରେ ଲଗାଇବା ଉଚିତ୍। ରାଜତନ୍ତ୍ରରେ ସିନା ରାଜା କହିବା ମାତ୍ରେ ତାହା ନିୟମରେ ପରିଣତ ହୁଏ, କିନ୍ତୁ ଗଣତନ୍ତ୍ରରେ ଏଥିପାଇଁ ଜନମତ ତିଆରି କରିବାକୁ ପଡେ। ଏଦିଗରେ ରାଜନୈତିକ ଦଳ, ବୁଦ୍ଧିଜୀବି, ସାମାଜିକ କର୍ମୀ ଓ ସାମଗ୍ରିକ ଭାବେ ସାଧାରଣ ଜନତା ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। କେତେକ କ୍ଷେତ୍ରରେ ରାଷ୍ଟ୍ରପତିଙ୍କ ଦ୍ୱାହିଦେଇ ଜନମତ ତିଆରି କରାଯାଇପାରେ। ଅତୀତରେ ସେ ଅନେକଥର ଏକଥା କହିଛନ୍ତି, କିନ୍ତୁ ରାଷ୍ଟ୍ରମୁଖ୍ୟ ଭାବେ କହିବାର ସ୍ୱତନ୍ତ୍ର ପ୍ରଭାବ ରହିଛି। ଓଡିଶାବାସୀ ନିଶ୍ଚିତଭାବେ ତାଙ୍କ ବାଣୀକୁ ଗୁରୁତ୍ୱର ସହିତ ନେବେ। ଆଗାମୀ ଦିନରେ ଯଦି ରାଜ୍ୟରେ କେବେ ନିଶା ନିବାରଣ ହୁଏ, ତେବେ ସେ ସମୟରେ ତାଙ୍କ ଏ ବାଣୀର ସ୍ୱତନ୍ତ୍ର ମର୍ଯ୍ୟାଦା ରହିବ। ଏତଦ୍ ବ୍ୟତୀତ ସାମାଜିକ ବିକାଶ ଦିଗରେ ତାଙ୍କ ଏ ଆଭିମୁଖ୍ୟ ଅବିସ୍ମରଣୀୟ ହୋଇ ରହିବ।

ପିଲାଟି ଦିନରୁ ସେ ନିଶାର କୁପରିଣତିକୁ ଦେଖି ବଢ଼ିଛନ୍ତି। ନିଶା ଯୋଗୁଁ କେତେ ପରିବାର ଧ୍ୱଂସ ହୋଇଯାଇଛି, କେତେ ପରିବାର ତଳିତଳାନ୍ତ ହୋଇଯାଇଛି, କେତେ ଯୁବପ୍ରତିଭା ଅସମୟରେ ମୃତ୍ୟୁବରଣ କରିଛନ୍ତି, ଏ ସମସ୍ତ ଘଟଣାବଳିକୁ ସେ ଅତି ନିକଟରୁ ଦେଖିଛନ୍ତି। ବିଶେଷକରି ଆଦିବାସୀ, ଦଳିତ ଓ ଅନଗ୍ରସର ଅଞ୍ଚଳମାନଙ୍କରେ ନିଶା ଏକ ଗୁରୁତର ସାମାଜିକ ସମସ୍ୟା। ଏମାନଙ୍କ ବିକାଶରେ ଏହା ମୁଖ୍ୟ ପ୍ରତିବନ୍ଧକ। ଶିକ୍ଷା, ସ୍ୱାସ୍ଥ୍ୟ ଓ ଆର୍ଥିକ ଅବସ୍ଥା ଉପରେ ଏହା ପ୍ରତିକୂଳ ପ୍ରଭାବ ପକାଏ। ସାମାଜିକ ଓ ପାରିବାରିକ ଶାନ୍ତିକୁ ବ୍ୟାହତ କରେ। ନିଶାଗ୍ରସ୍ତ ସ୍ୱାମୀଙ୍କ ଦ୍ୱାରା ସ୍ତ୍ରୀ ଉପରେ ଅତ୍ୟାଚାର ହୁଏ। ମାଡ଼ଗୋଳ ଓ ଗାଳିଗୁଲଜଠାରୁ ଆରମ୍ଭ କରି ହତ୍ୟା ଓ ଧର୍ଷଣ ପର୍ଯ୍ୟନ୍ତ କଥା ଯାଏ। ସାମଗ୍ରିକଭାବେ ସମସ୍ତ କ୍ଷେତ୍ରରେ ଓ ସମସ୍ତଙ୍କ ପାଇଁ ନିଶା ବିକାଶର ମୁଖ୍ୟ ପ୍ରତିବନ୍ଧକ। ସମାଜର ତଳ ସ୍ତରର ଲୋକମାନଙ୍କର ବିକାଶ ପାଇଁ ସରକାର ବିଭିନ୍ନ ପ୍ରକାର ଯୋଜନା କାର୍ଯ୍ୟକାରୀ କରୁଛନ୍ତି। କିନ୍ତୁ ନିଶାର ବହୁଳ ପ୍ରସାର ସବୁକିଛି ବିଗାଡି ଦେଉଛି। ବିଶେଷକରି ଯୁବସମାଜ ଯେଉଁମାନେ ଦେଶର ବିକାଶରେ ଯେଉଁ ସମୟରେ ଭାଗୀଦାରୀ ହେବା କଥା ସେହି ସମୟରେ ନିଶାଗ୍ରସ୍ତ ହୋଇ ଗଡିବା ଦୁଃଖଦାୟକ। ତେଣୁ ରାଷ୍ଟ୍ର ନିର୍ମାଣ ପାଇଁ ନିଶା ରାକ୍ଷସର ବହିଷ୍କାର ଅତ୍ୟନ୍ତ ଜରୁରୀ। ଓଡିଶାର ବହୁସମୁଦାୟ ଅନଗ୍ରସର ବର୍ଗର ଅନ୍ତର୍ଭୁକ୍ତ। ଏମାନଙ୍କ କ୍ଷିପ୍ର ବିକାଶ ପାଇଁ ସମସ୍ତଙ୍କୁ ନିଶାନିବାରଣ ଉପରେ ଚିନ୍ତା କରିବାକୁ ପଡିବ।

ସାମ୍ପ୍ରତିକ ଅବସ୍ଥାରେ ତାଙ୍କ ନିଶାମୁକ୍ତ ଓଡିଶା ଗଠନର ଆହ୍ୱାନ ଯଥେଷ୍ଟ ଗୁରୁତ୍ୱ ବହନ କରୁଛି। ଯେତେବେଳେ ରାଷ୍ଟ୍ରର ସର୍ବମୟ କର୍ତ୍ତା ଏ କଥା କହିଛନ୍ତି ଏହାକୁ ହାଲୁକାଭାବେ ନିଆଯାଇ ପାରିବ ନାହିଁ। ରାଜ୍ୟ ସରକାର ଏ ବିଷୟରେ ପଦକ୍ଷେପ ନେବାକୁ ବାଧ୍ୟ। ଅନ୍ୟଥା କଥାଟି ତାଙ୍କ ପ୍ରତି ଅବମାନନା ବୋଲି ଗ୍ରହଣୀୟ ହେବ। ଯେ କୌଣସି ରାଷ୍ଟ୍ରରେ ଜଣେ ରାଷ୍ଟ୍ରମୁଖ୍ୟଙ୍କ କଥାକୁ ସମସ୍ତେ ସମ୍ମାନ ଜଣାଇବା ପ୍ରତ୍ୟେକଙ୍କ ପାଇଁ ନାଗରିକ କର୍ତ୍ତବ୍ୟ। ସମସ୍ତେ ସଚେତନ ହୋଇ ନିଶା ଛାଡିବା ଓ ସରକାର ଏହାକୁ ନିଷିଦ୍ଧ କରିବା ମଧ୍ୟରେ ପାର୍ଥକ୍ୟ ରହିଛି। ସରକାର ନିଶାନିବାରଣ ଉପରେ ପଦକ୍ଷେପ ନେଲେ ଅଧିକ ଫଳପ୍ରଦ ହୁଏ। ତେବେ ପ୍ରତ୍ୟେକଟି ନାଗରିକ ନିଶାର କୁପ୍ରଭାବ ବିଷୟରେ ସଚେତନ ହୋଇ ଏହାକୁ ପରିହାର କରିବାର ମଧ୍ୟ ଆବଶ୍ୟକତା ରହିଛି। ଏ ଦିଗରେ ରାଷ୍ଟ୍ରୀୟ ଜାଗରଣ ଜରୁରୀ।

ଯେଉଁ ସମୟରେ ଗାଁ ଗହଳିରେ, ସହର ବଜାରରେ, ସମାଜର ବିଭିନ୍ନ ବର୍ଗ ମଧ୍ୟରେ ନିଶାସେବନ ଉପରେ ପ୍ରତିଯୋଗିତା ଚାଲିଛି ଓ ମଦୁଆମାନେ ସାମାଜିକ ମୂଲ୍ୟବୋଧର ପ୍ରତୀକ ସାଜିଛନ୍ତି, ସେ ସମୟରେ ମହାମହିମ ରାଷ୍ଟ୍ରପତିଙ୍କ ନିଶାମୁକ୍ତ ଓଡିଶା ଗଠନର ଆହ୍ୱାନ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ବୋଲି ପ୍ରତୀୟମାନ ହେଉଛି।


ଦର୍ଶନ ବିଭାଗ (ଅବସରପ୍ରାପ୍ତ)
ବାରିପଦା, ମୟୂରଭଞ୍ଜ,
ମୋ: ୭୦୦୮୯୭୬୧୮୦





### ରଙ୍ଗକୁ ନେଇ କଳି

**ଜଗଦୀଶ ସାହୁ**



ସାରା ବରଷ ହୋଇ ହରଷ
ବଡ଼ ଖୁସିରେ ଏକାଠି ଚଳୁଥିଲେ
ରଙ୍ଗକୁ ନେଇ ମୁହଁ ଫୁଲେଇ
ନିଜ ଭିତରେ କଳି କଜିଆ କଲେ !

ଛି ଛି ଲୋ ସୁନାରୀ ଫୁଲ
ଦେଖାନା ଭାଉ କହିଲା କୃଷ୍ଣଚୂଡ଼ା
ଅଦିନ ସାଙ୍ଗ ହଳଦୀ ରଙ୍ଗ
ଯିବଲୋ ଛାଡି ମିଛରେ କରୁ ଆଡା !

ହଳଦୀ ବେଶୀ ପଡ଼ିଲେ ପରା
ଭଜା ତିଅଣ ସୁଆଦ ଲାଗେ ନାହିଁ
କହେ ସୁନାରୀ କୃଷ୍ଣଚୂଡ଼ାଲୋ
ଫୁଟାଣି ମାରି ଯାଉଛୁ କେତେ କହି !

ତୋ' ଫୁଲରଙ୍ଗ ରକତ ପରି
ଦେଖିଲେ ପିଲେ ଯାଆନ୍ତି ସିନା ଡ଼ରି
କାହିଁକି ତୋର ବହପ ଏତେ
ତୁଚ୍ଛାରେ ମୋତେ କହୁଛୁ ଆଣ୍ଟକରି !

ନାଲି ରଙ୍ଗରେ ଛକି ବାଜିଲେ
ପଢ଼ା ପିଲାଙ୍କୁ ଶୂନ ନମ୍ବର ମିଳେ
ହଳଦୀ ରଙ୍ଗ କେଡ଼େ ଆଦର
ସୁଭଦ୍ରା ମୁହଁ ଦେଖିବୁ ନୀଳାଚଳେ !

ଦୁହିଁଙ୍କ କଳି ବଢ଼ିବା ଦେଖି
ଧରଣୀ ମାତା ବୁଢ଼ୀ ବେଶରେ ଆସି
କହିଲେ ସବୁ ରଙ୍ଗର ମୂଲ୍ୟ
ଅଛି ମିଛରେ ଝଗଡା କର ବେଶି !

ଇନ୍ଦରଧନୁ ଗଢ଼ିଛି ବିହି
ସାତରଙ୍ଗକୁ ଏକାଠି ନେଇ କରି
ସେଇ ଭିତରେ ନାଲି ହଳଦୀ
ମିଶିକି ଅଛ ଅତି ନିଜର ପରି !

ବୁଢ଼ୀ ମାଉସୀ କଥାକୁ ଶୁଣି
ହସି କହିଲେ ସୁନାରୀ କୃଷ୍ଣଚୂଡ଼ା
ରଙ୍ଗକୁ ନେଇ ଗରବ ବହି
ନିଜ ଭିତରେ ନକରିବୁ ଝଗଡା !


ସଂଜପଡା, ହିନ୍ଦୋଳ
ଢେଙ୍କାନାଳ,୭୫୯୧୨୮
ମୋ : ୯୦୭୮୧୮୫୬୧୬


### କୋଣାର୍କ

**ନୀଳମଣି ଚାନ୍ଦ**



କୋଣାର୍କ ନୁହଁଇ ଅଜନ୍ତା, ଏଲୋରା
ଅବା ସୀତାବିଞ୍ଜି, ହାମ୍ପି
ଇଛା ନ ଥାଇବି ହୃଦୟ ଭିତରେ
ରଖିଛି ବାଲୁକା ଚାପି ।

ତା ଦେହରେ ଛୁଆଁ ବାରଶତ ଶିଳ୍ପୀ
କଳାର ସେ ଯାଦୁକରୀ
ଧରମା ଆଖ୍ୟାନ କରିଯାଏ ବ୍ୟାଖ୍ୟା
ପ୍ରବଚକଟିଏ ପରି ।

ସିଏ ବସି ଶୁଣେ ଝାଉଁ ବଣ ଗୀତି
ଏକାନ୍ତେ ନୀରବ ରହି
ବେଦନା ସିକ୍ତ ତା ମନର ଭାଷାକୁ
ପାରେନି କାହାକୁ କହି ।

ବିଶୁ, ଶିବେଇର କଥା କହୁ କହୁ
ସିଏରେ ଢୁଳେଇ ପଡେ
ରାଜା ନରସିଂହ କଥା ଶୁଣୁଶୁଣୁ
ନୟନୁ ଲୋତକ ଗଡେ ।

ପାଷାଣ ହେଲେ ବି ହୃଦୟ ରହିଛି
'ବ୍ଲାକ ପାଗୋଡା' କୁହ
କୋଉ ଶତାବ୍ଦୀର କଥାଣି କହେ ସେ
ବିଷର୍ଣ୍ଣ କରି ତା ମୁହଁ ।


ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭


### ସ୍ୱପ୍ନ

**ରମାକାନ୍ତ ଦାସ**



ସ୍ୱପ୍ନ,
କେବେ ସଦ୍ୟ ଫୁଲର ମହକ
କେବେ ପୁଣି ପୀଡ଼ାର ଲୋତକ ।

ସ୍ୱପ୍ନ,
କେବେ ଅତୀତର ପ୍ରତିଶୃତି
କେବେ ଅନ୍ଧାର ରାତିର ସାଥୀ ।

ସ୍ୱପ୍ନ,
କେବେ ଛବିଟିଏ ଅତୀତର
କେବେ ପ୍ରତାରଣାର ସହର ।

ସ୍ୱପ୍ନ,
କେବେ ପାହାନ୍ତିଆ ଭାବନା
କେବେ କୃଷ୍ଣପକ୍ଷର ଜ୍ୟୋତ୍ସ୍ନା ।

ସ୍ୱପ୍ନ,
କେବେ ଅଛିଣ୍ଡା ଅଙ୍କର ସୂତ୍ର
କେବେ ଅନ୍ଧାର ରାତିର ଚିତ୍ର ।

ସ୍ୱପ୍ନ,
କେବେ ବିଶ୍ୱାସର ଭଙ୍ଗା କୁଟୀର
କେବେ ଆଶା ନିରାଶାର ବାଲିଘର ।

ସ୍ୱପ୍ନ,
କେବେ ପ୍ରାପ୍ତି ଅପ୍ରାପ୍ତିର ସହର
କେବେ ଛବିଟିଏ ବାସ୍ତବର ।

ସ୍ୱପ୍ନ,
କେବେ ଛଟପଟ କରାଏ
କେବେ ହସାଏ, କେବେ କନ୍ଦାଏ ।

ସ୍ୱପ୍ନ,
କେବେ ଅନ୍ଧାର ରାତିର ତରଙ୍ଗ
କେବେ ଯନ୍ତ୍ରଣା ସହର ବିହଙ୍ଗ ।

ସ୍ୱପ୍ନ,
କେବେ ନିର୍ଜନ ରାତିର ସାଥୀ
କେବେ ପ୍ରତାରଣା କେବେ ପ୍ରୀତି ।


ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର
ମୋ -୯୬୬୮୮୧୫୩୬୯

# ଅମୃତଭଣ୍ଡା ମଞ୍ଜି ଖାଇଲେ ମିଳିଥାଏ ଅନେକ ରୋଗରୁ ମୁକ୍ତି: ଜାଣନ୍ତୁ କେଉଁ ରୋଗକୁ ଏଡ଼ାଇ ପାରିବେ




ଅମୃତଭଣ୍ଡା ଏପରି ଏକ ଫଳ ଯାହା ଉଭୟ ଶୀତ ଏବଂ ଗରମ ଦିନେ ଖିଆଯାଏ । ଏହା ସ୍ୱାଦରେ ଚମତ୍କାର ହେବା ସହିତ ସ୍ୱାସ୍ଥ୍ୟ ପାଇଁ ମଧ ବହୁତ ଭଲ ହୋଇଥାଏ । ଏହା ଖାଇବା କେବଳ ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ କିନ୍ତୁ ଏହାର ମଞ୍ଜି ଅନେକ ରୋଗରେ ମଧ ଲାଭଦାୟକ ପ୍ରମାଣିତ ହୁଏ । ତେବେ ଅମୃତଭଣ୍ଡା ମଞ୍ଜି ଆମ ଶରୀର ଉପରେ କେଉଁ ପ୍ରକାର ପ୍ରଭାବ ପକାଇଥାଏ ତାହା ଜାଣି ରଖନ୍ତୁ । ଅଧିକାଂଶ ଫଳର ମଞ୍ଜି ସ୍ୱାସ୍ଥ୍ୟ ପାଇଁ ଭଲ ହୋଇନଥାଏ କିନ୍ତୁ ଅମୃତଭଣ୍ଡା ମଞ୍ଜି ଅନ୍ୟ ଫଳର ମଞ୍ଜି ଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଏହି ମଞ୍ଜି ଚର୍ବି ତରଳାଇବାରେ ଭଲ କାମ କରିଥାଏ । କାରଣ ଏଥିରେ ବହୁତ ଫାଇବର ରହିଥାଏ, ଯାହା ଚର୍ବି କମ କରିବା ପାଇଁ କାମ କରେ । ଅମୃତଭଣ୍ଡା ମଞ୍ଜି ମଧ ପିରିୟଡ ଯନ୍ତ୍ରଣାରେ ଆରାମ ଦେଇଥାଏ । ଏହା ପେଟ କଷ୍ଟକୁ ହ୍ରାସ କରିଥାଏ । ଏହି ମଞ୍ଜି କୋଲେଷ୍ଟ୍ରଲକୁ ନିୟନ୍ତ୍ରଣ କରିବା ପାଇଁ ମଧ କାର୍ଯ୍ୟ କରିଥାଏ । ଏଥିରେ ମୋନୋ ସାଚୁରେଟେଡ୍ ଫ୍ୟାଟି ଏସିଡ୍ ଥାଏ । ଏହା ମଧ ଅନ୍ତନଳୀକୁ ସୁସ୍ଥ ରଖିବା ପାଇଁ କାର୍ଯ୍ୟ କରିଥାଏ । ଏଥିରେ ପ୍ରୋଟୋଲାଇଟିକ୍ ଏନଜାଇମ୍ ରହିଥାଏ । ଏହାର ମଞ୍ଜି ଥଣ୍ଡା ଏବଂ ଜ୍ୱରରେ ଆରାମ ଯୋଗାଇବା ପାଇଁ ମଧ କାମ କରେ । ଏହାକୁ ଖାଇବା ଦ୍ୱାରା ପୁରୁଣା ରୋଗରୁ ମୁକ୍ତି ମିଳିଥାଏ । ଏହା ହୃଦୟ ପାଇଁ ମଧ ବହୁତ ଭଲ ବୋଲି କୁହାଯାଏ । ଏହାର ଫାଇବର ରକ୍ତଚାପକୁ ନିୟନ୍ତ୍ରଣ କରିବା ପାଇଁ କାମ କରିଥାଏ ।

# ଏହି ଅକ୍ଷରର ମହିଳାମାନଙ୍କୁ ଜୀବନ ସାଥି କରିବା ପରେ ଚମକି ଉଠେ ଆପଣଙ୍କ ଭାଗ୍ୟ : ଭାଗ୍ୟଶାଳୀ ହୁଅନ୍ତି ପୁରୁଷ

ଭାଗ୍ୟଶାଳୀ ନାମ: ସମସ୍ତେ ସଫଳ ହେବାକୁ ଚାହାଁନ୍ତି। ଅନେକ ଲୋକ ଏଥିପାଇଁ ବହୁତ ପରିଶ୍ରମ କରନ୍ତି। ତଥାପି, ଭାଗ୍ୟର ଅଭାବ ହେତୁ ସେ ସଫଳତା ହାସଲ କରିବାକୁ ସକ୍ଷମ ନୁହଁନ୍ତି, କିନ୍ତୁ ବିବାହ ପରେ ହଠାତ୍ ତାଙ୍କ ଭାଗ୍ୟ ଉଜ୍ଜ୍ୱଳ ହେବାକୁ ଲାଗେ । ଯେତେବେଳେ ଭାଗ୍ୟର ଦ୍ୱାର ଖୋଲିଯାଏ, ସେମାନେ ସଫଳତାର ସିଡ଼ି ଚଢ଼ିବା ଆରମ୍ଭ କରନ୍ତି । ଏହି ସମୟରେ, ଜୀବନ ସାଥୀ ମଧ ବହୁତ ସମର୍ଥନ ପାଇଥାଏ । ଜ୍ୟୋତିଷ ଶାସ୍ତ୍ରରେ ଏପରି ଲୋକମାନଙ୍କ ବିଷୟରେ କୁହାଯାଇଛି। ଏପରି ପରିସ୍ଥିତିରେ, ଆଜି ଆମେ ଜାଣିବା ଯେ ବିବାହ ପରେ କେଉଁ ଲୋକଙ୍କ ଭାଗ୍ୟ ଖୋଲି ଥାଏ ।

ଅକ୍ଷର ଏଫ : ଯେଉଁମାନଙ୍କର ନାମ ଏଫ ଅକ୍ଷରରୁ ଆରମ୍ଭ ହୁଏ ସେମାନଙ୍କ ଭାଗ୍ୟ ମଧ ବିବାହ ପରେ ହିଁ ଖୋଲିବା ଆରମ୍ଭ ହୁଏ । ଏପରି ଲୋକମାନେ କଠିନ ପରିଶ୍ରମ ଆଧାରରେ ବିବାହ ପରେ ବହୁତ ଟଙ୍କା ରୋଜଗାର କରନ୍ତି । ସେମାନଙ୍କର ଜୀବନରେ କିଛି ଅଭାବ ଆସେ ନାହିଁ । ଏହି ଅକ୍ଷର ଲୋକମାନଙ୍କର ପତି-ପତ୍ନୀ ବହୁତ ଭାଗ୍ୟବାନ ହେଇଥାନ୍ତି ।




ଅକ୍ଷର ଏଚ: ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ବିବାହ ପରେ ଏହିପରି ଲୋକଙ୍କ ଭାଗ୍ୟ ବଦଳିଥାଏ, ଯାହାର ନାମ ଏଚ୍ ଅକ୍ଷରରୁ ଆରମ୍ଭ ହୋଇଥାଏ । ଏହିପରି ଲୋକମାନେ ହଠାତ୍ ବିବାହ ପରେ ସଫଳତାର ସିଡ଼ି ଚଢ଼ିବା ଆରମ୍ଭ କରନ୍ତି । ଏହି ଲୋକମାନେ ମଧ ନିଜ ଜୀବନସାଥୀଙ୍କଠାରୁ ବହୁତ ସହଯୋଗ ସମର୍ଥନ ପାଆନ୍ତି ।

ଅକ୍ଷର ଏମ : ଯେଉଁମାନଙ୍କର ନାମର ପ୍ରଥମ ଅକ୍ଷର ହେଉଛି ଏମ ସେମାନଙ୍କ ବିବାହ ପରେ ଭାଗ୍ୟ ଉଜ୍ଜ୍ୱଳ ହୋଇଥାଏ । ବିବାହ ପୂର୍ବରୁ କଠିନ ପରିଶ୍ରମ ପରେ ମଧ ସେମାନେ ଫଳାଫଳ ପାଆନ୍ତି ନାହିଁ, ବିବାହ ପରେ ସେମାନେ କଠିନ ପରିଶ୍ରମର ଫଳ ପାଇବା ଆରମ୍ଭ କରନ୍ତି । ବିବାହ ପରେ ସେମାନେ ସମାଜରେ ଏକ ଭଲ ପ୍ରତିଷ୍ଠା ପାଆନ୍ତି ।

ଅକ୍ଷର ପି : ପି ଅକ୍ଷରରୁ ଆରମ୍ଭ ହୋଇଥିବା ନାମ, ଯେଉଁମାନେ ବିବାହ ପୂର୍ବରୁ ସଂଘର୍ଷ କରନ୍ତି, କିନ୍ତୁ ବିବାହ ପରେ ସେମାନଙ୍କର ଶୋଇ ରହିଥିବା ଭାଗ୍ୟ ଜାଗ୍ରତ ହୁଏ । ଜୀବନ ସାଥୀଙ୍କ ସହ ଭଲ ଦିନ ଆରମ୍ଭ ହୁଏ । ବିବାହ ପରେ, ଏହି ଲୋକମାନେ ଜୀବନରେ ବହୁତ ଅଗ୍ରଗତି କରନ୍ତି।

# ବୁଲି ଯାଆନ୍ତୁ କୋଣାର୍କରେ ଥିବା ଏହି ତନ୍ତ୍ର ପୀଠ



## ମଠ ପ୍ରତିଷ୍ଠା ହେବା ଦିନରୁ ଜଳୁଛି ତ୍ରିକୋଣିୟ ଅଗ୍ନି କୁଣ୍ଡ

ଆପଣ ସେହି ମଠକୁ ଗଲେ ସୂର୍ଯ୍ୟ ନାରାୟଣଙ୍କ ଏକ ସୁନ୍ଦର ମୂର୍ତ୍ତି ଦେଖିବାକୁ ପାଇବେ। ସେଠାରେ ଓଁକାର ରୂପୀ ନିରାକାର ବ୍ରହ୍ମାଙ୍କର ମୂର୍ତ୍ତି ମଧ ଆପଣ ଦେଖିବାକୁ ପାଇବେ। ମଠ ପ୍ରତିଷ୍ଠା ହେବା ଦିନଠାରୁ ସେଠାରେ ଜ୍ୱଳନ୍ତ ଅବସ୍ଥାରେ ତ୍ରୀକୋଣିୟ ଅଗ୍ନିକୁଣ୍ଡ ରହିଛି।

ଆପଣ କେବେ ନା କେବେ କୋଣାର୍କ ବୁଲି ଯାଇଥିବେ। ଏହାର ସୌନ୍ଦର୍ଯ୍ୟ ଭାଷାରେ ବର୍ଣ୍ଣନା କରିବା ଅସମ୍ଭବ। ତେବେ ଆପଣ କୋଣାର୍କ ଗଲେ ସୂର୍ଯ୍ୟମନ୍ଦିର, ପାଖରେ ଥିବା ରାମଚଣ୍ଡୀ ଆଉ ଚନ୍ଦ୍ରଭାଗା ସମୁଦ୍ରକୂଳ ଯାଇଥିବେ। କିନ୍ତୁ ଆଜି ଆପଣଙ୍କୁ ସେହି କୋଣାର୍କର ଏପରି ଏକ ସ୍ଥାନ ବିଷୟରେ କହିବୁ ଯାହା ବିଷୟରେ ବହୁତ କମ୍ ଲୋକ ଜାଣିଥିବେ। ତେବେ ଆସନ୍ତୁ ଜାଣିବା ସେହି ସ୍ଥାନକୁ ଗଲେ ଆପଣ କ'ଣ ଦେଖିବେ ଆଉ କ'ଣ ସବୁ ବିଷେଶତ୍ୱ ରହିଛି।

ବିଶ୍ୱପ୍ରସିଦ୍ଧ ଅର୍କକ୍ଷେତ୍ର କୋଣାର୍କ ସୂର୍ଯ୍ୟ ମନ୍ଦିରର ଦକ୍ଷିଣ ଦିଗରେ ଶହ ଶହ ବର୍ଷ ତଳର ପ୍ରାଚୀନ ଅନନ୍ତ ଅବଧୂତ ମଠ ଅବସ୍ଥିତ। ବହୁତ କମ୍ ଲୋକ ସେହି ପ୍ରାଚୀନ ମଠ ସମ୍ପର୍କରେ ଜାଣିଛନ୍ତି। ସେଥିପାଇଁ ସେଠାରେ ଲୋକଙ୍କର ଏତେ ଗହଳି ମଧ ଦେଖାଯାଏନାହିଁ। କିମ୍ବଦନ୍ତି ଅନୁସାରେ, ଭଗବାନ ଶିବ ସେଠାରେ ଅଗ୍ନି କୁଣ୍ଡ ସ୍ଥାପନ କରି ସୂର୍ଯ୍ୟଙ୍କ ଉଦ୍ଦେଶ୍ୟରେ ଯଜ୍ଞ କରିଥିଲେ। ଦ୍ୱାପର ଯୁଗରେ କୃଷ୍ଣଙ୍କର ପୁଅ ସାମ୍ବ ସେହି ସ୍ଥାନରେ ସୂର୍ଯ୍ୟଙ୍କ ଉପାସନା କରି ରୋଗ ମୁକ୍ତ ହୋଇଥିଲେ।

ମାଦଳା ପାଞ୍ଜିରେ ମଧ ଅବଧୂତ ମଠର ବର୍ଣ୍ଣନା ରହିଛି। ସେହି ସ୍ଥାନ ଏକ ତନ୍ତ୍ର ପୀଠ ଭାବେ ମଧ ଜଣାଶୁଣା। ସେଠାରେ ତାନ୍ତ୍ରିକ ରୀତିରେ ପୂଜାର୍ଚ୍ଚନା କରାଯାଇଥାଏ।



ଏହାକୁ ବାଦ୍ ଦେଲେ ଆପଣ ସେଠାରେ ଅନେକ ପ୍ରାଚିନ ମୂର୍ତ୍ତୀ ଦେଖିବାକୁ ପାଇବେ। ତାହା ଏକ ତନ୍ତ୍ର ପୀଠ ହୋଇଥିବାକୁ ସେଠାରେ ଅନେକ ତନ୍ତ୍ର ପୋଥି ସାଇତା ହୋଇରହିଛି। ଇତିହାସ ଅନୁସାରେ, ଅନେକ ସେହି ମଠକୁ ଭାଙ୍ଗିବାକୁ ଚେଷ୍ଟା କରିଥିଲେ। ତେଣୁ ଏଥିରୁ ଉଦ୍ଧାର ପାଇବା ପାଇଁ ସେଠାକାର ତତ୍କାଳୀନ ମଠାଧିସ ନରସିଂହ ଅବଧୂତ ଘୁଷୁରି ମାଂସ ସହ ତୁଳସୀ ପତ୍ର ପ୍ରସାଦ ବ୍ୟବସ୍ଥା ଆରମ୍ଭ କରିଥିଲେ। ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ ବକୁଳ ଅମାବାସ୍ୟା ତିଥିରେ ସେଠାରେ ଘୁଷୁରୀ ମାଂସ ତରକାରୀ ଏବଂ ତୁଳସୀ ପତ୍ର ଲାଗି କରାଯାଏ।



ଅନନ୍ତ ଅବଧୂତ ମଠ ପ୍ରତିଷ୍ଠା ହେବା ଦିନଠାରୁ ଦାୟିତ୍ୱରେ ଥିବା ମଠାଧିଷମାନଙ୍କର ସମାଧି ମଧ ଆପଣ ଦେଖିବାକୁ ପାଇବେ। ଏହା କେବଳ ଇତିହାସ ଦୃଷ୍ଟିରୁ ନୁହେଁ ପରମ୍ପରା ଦୃଷ୍ଟିରୁ ମଧ ସେହି ମଠର ବହୁତ ଗୁରୁତ୍ୱ ରହିଛି।

ଆପଣ ଏହି ମଠକୁ ଯିବାକୁ ଚାହିଁଲେ ରାଜଧାନୀ ଭୁବନେଶ୍ୱରରୁ ବସ୍, ଟ୍ରେନ୍, ଟ୍ୟାକ୍ସି କିମ୍ବା ନିଜ ଗାଡ଼ିରେ ମଧ ଯାଇପାରିବେ। ଭୁବନେଶ୍ୱରରୁ ଏହା ୬୫ କି.ମି.। ସେହି ସ୍ଥାନକୁ ଆପଣ ବର୍ଷର ଯେ କୌଣସି ସ୍ଥାନରେ ଯାଇ ବୁଲି ଆସି ପାରିବେ।

# ଘରେ ପ୍ରସ୍ତୁତ କରନ୍ତୁ ଚିକେନ ଗୋଲମରିଚ

**ଆବଶ୍ୟକ ସାମଗ୍ରୀ:**

ଚିକେନ
ପିଆଜ
ଲଙ୍କାଗୁଣ୍ଡ
ଜିରାଗୁଣ୍ଡ
ଗରମ ମସଲା
ଗୋଲମରିଚ ଗୁଣ୍ଡ
ଲେମ୍ବୁ ରସ
ଦହି
କସ୍ତୁରୀ ମେଥି
ହଳଦି ଗୁଣ୍ଡ
ରିଫାଇନ୍ ତେଲ
ଗୁଜୁରାତି
ଲବଙ୍ଗ
ଡାଲଚିନି
ଲୁଣ




**ପ୍ରସ୍ତୁତି ପ୍ରଣାଳୀ:**

ପ୍ରଥମେ ଚିକେନକୁ ଧୋଇ ଦିଅନ୍ତୁ। ଏହା ପରେ ଚିକେନରେ ଲଙ୍କାଗୁଣ୍ଡ, ଜିରାଗୁଣ୍ଡ, ଗରମ ମସଲା, ଗୋଲମରିଚ ଗୁଣ୍ଡ, ଲେମ୍ବୁ ରସ, ଦହି, କସ୍ତୁରୀ ମେଥି, ହଳଦି ଗୁଣ୍ଡ ପକାଇ ମ୍ୟାରିନେଟ କରନ୍ତୁ। ସେହିଭଳି ପିଆଜକୁ ଭାଜି ଅଳ୍ପ ବାଟି ରଖନ୍ତୁ । କଡ଼େଇରେ ତେଲ ଗରମ କରି ଗୋଟା ମସଲା (ଗୁଜୁରାତି, ଲବଙ୍ଗ, ଡାଲଚିନି ) ପକାନ୍ତୁ। ଏହାପରେ ମ୍ୟାରିନେଟ୍ ଚିକେନକୁ ପକାଇ ୧୦ ମିନିଟ୍ ଘୋଡ଼ାଇ ଦିଅନ୍ତୁ। କିଛି ସମୟ ପରେ ଘୋଡ଼ଣି ବାହାର କରି ଚିକେନ୍‌କୁ ଚଳାନ୍ତୁ। ଏହାପରେ ପୁଣି ଘୋଡ଼ାଇ ଦିଅନ୍ତୁ। ୫ରୁ ୭ ମିନିଟ୍ ପରେ ଘୋଡ଼ଣି ବାହାର କରି ସେଥିରେ ଭଜା ପିଆଜ ବଟା ଓ ଗୋଲମରିଚ ଗୁଣ୍ଡ ପକାଇ ଗୋଳାନ୍ତୁ। ପ୍ରସ୍ତୁତ ହୋଇଗଲା ଚିକେନ୍ ଗୋଲମରିଚ।

# ସ୍ମୃତିଶକ୍ତିର ଉତ୍ତମ ଖୋରାକ୍

କିଶୋରବସ୍ଥାରୁ ହିଁ ପିଲାଙ୍କ ସ୍ମୃତିଶକ୍ତି ବୃଦ୍ଧି ନିମନ୍ତେ ପିତାମାତା ବିଭିନ୍ନ ପଦକ୍ଷେପ ନେଇଥାନ୍ତି । ସେମାନଙ୍କ ଖାଦ୍ୟପାନୀୟ ସହ ଅନ୍ୟାନ୍ୟ ଦିଗ ପ୍ରତି ମଧ ଦୃଷ୍ଟି ଦିଆଯାଏ । ଯେପରି ସେମାନେ କେତେ ସମୟ ଖେଳିବେ, କେଉଁ ସମୟରେ ଟିଭି ଅବା କମ୍ପ୍ୟୁଟରରେ ଗେମ ଖେଳିବେ ଇତ୍ୟାଦିଇତ୍ୟାଦି । ବିଶେଷଜ୍ଞଙ୍କ ମତରେ ଏସବୁ ବାଦ ଉତ୍ତମ ପୋଷାକତତ୍ତ୍ୱଯୁକ୍ତ ଖାଦ୍ୟ ଓ ନିଦ୍ରା, ସ୍ମୃତି ଶକ୍ତି ବଢ଼ାଇବାରେ ଖୁବ ସହାୟକ ।




ନିୟମିତ ଭାବେ ଯଦି କୌଣସି ବ୍ୟକ୍ତି ଯୋଗ, ପ୍ରାଣାୟମ କରୁଥାନ୍ତି, ତାଙ୍କ ସ୍ମୃତି ଶକ୍ତି କ୍ଷିପ୍ର ବେଗରେ ବଢ଼ିଥାଏ । ସକାଳବେଳା କିଛି ସମୟ ଧ୍ୟାନ କରିବା ଶରୀର ନିମନ୍ତେ ମଧ ଖୁବ୍ ହିତକାରୀ । ପିଲାମାନେ ମଧ ଏହା ଅଭ୍ୟାସ କରିବା ଉଚିତ ।

କାମର ଚାପରେ ଥକ୍କାପଣ ବଢ଼େ, କିନ୍ତୁ ଅବିରତ ବା ନିରନ୍ତର ପରିଶ୍ରମରେ ବ୍ୟତିବ୍ୟସ୍ତ ଲାଗିଥାଏ । ଏସବୁ ସହିତ ନିଦ ଠିକ୍ ଭାବେ ଓ ଠିକ୍ ସମୟରେ ନ ହେଲେ, ଅସୁବିଧା ଅଧିକ ହୋଇଥାଏ । ଦୈନିକ ପିଲା ଠାରୁ ବୟସ୍କ ସମସ୍ତ ବର୍ଗର ଲୋକ ୬-୭ ଘଣ୍ଟା ଶୋଇବା ଭଲ । ଏହା ସ୍ମୃତିଶକ୍ତି ବଢ଼ାଇଥାଏ । ନିଦ ଅଧାରୁ ଭାଙ୍ଗିଲେ ତାହା ସର୍ବପ୍ରଥମେ ଆମ ମାନସିକ ସ୍ଥିତି ଓ ସ୍ମୃତିଶକ୍ତିକୁ ପ୍ରଭାବିତ କରିଥାଏ ବୋଲି ବିଶେଷଜ୍ଞଙ୍କ ମତ ।

କର୍ମଜୀବୀ ବ୍ୟକ୍ତି ହୋଇଥିଲେ ଦିନବେଳା ଭୋଜନ ପରେ ୧୦-୧୫ ମିନିଟ୍ ନିଜ ଥକ୍କାପଣ ମେଣ୍ଟାଇବା ନିମନ୍ତେ ଆରାମ କରନ୍ତୁ । ଏପରି କଲେ ଶରୀରକୁ ଫର୍ତ୍ତି ଲାଗିଥାଏ ।

# ବିୟର - ରମେନ

ବିୟର ସହ ହ୍ୱାଇଟ୍ ନୁଡୁଲ୍ସର ମିଶ୍ରିତ ଖାଇବା, ଶୁଣିଲା ବେଳକୁ ଅଜିବ୍ ଲାଗିଲେ ବି ଏହା ଏକ ଖାଦ୍ୟ ଯାହାର ଚାହିଦା ଖୁବ ଅଧିକ। ହୁଏତ ଭାରତରେ ଏ ଖାଦ୍ୟ ସେତେ ପ୍ରସିଦ୍ଧ ନୁହେଁ କିନ୍ତୁ କାନାଡ଼ାରେ ଏହା ଖୁବ ଫେମସ । କାନାଡାରେ ମିଳୁଥିବା ଏହିବ ବିୟର-ରେମନର ମଜା ଛୋଟପିଲାମାନେ ମଧ ଉଠାନ୍ତି । ପ୍ରକୃତରେ କହିବାକୁ ଗଲେ ଏହା କୌଣସି ବିୟରରୁ ପ୍ରସ୍ତୁତ ଫ୍ଲେକ୍ସ ଆଉ ଏହାର ଉପର ଅଂଶଟି ହେଉଛି ଅଣ୍ଡାର ଧଳାଅଂଶ ଓ ଜିଲେଟିନର ଏକ ମିଶ୍ରଣ, ବିଶେଷ କରି ଏହା କୌଣସି ବିୟର ବା ନିଶାଶକ୍ତ ପଦାର୍ଥରୁ ପ୍ରସ୍ତୁତ ହୁଏନାହିଁ, ସେଥିପାଇଁ ଏହାର ମଜା କାନାଡାର ଛୋଟ ପିଲାମାନେ ମଧ ଉଠାଇଥାନ୍ତି ।



# ଘରେ ତିଆରି କରନ୍ତୁ ଗୋଲାପ ଘିକୁଆଁରୀ ମିଶ୍ରଣ

ଘିକୁଆଁରୀ ରସ କବକ ଓ କୀଟାଣୁନାଶକ । ଏହା ତ୍ୱଚାର ଯତ୍ନ ନିଏ । କଳା ଦାଗ ଦୂର ସହିତ ତ୍ୱଚାକୁ ଉଜ୍ଜ୍ୱଳ ରଖେ । ତେବେ, ଘିକୁଆଁରୀ ରସ ଓ ଗୋଲାପ ଜଳର ମିଶ୍ରଣ ତ୍ୱଚା ପାଇଁ ଆହୁରି ଉପକାରୀ । ବଜାରରେ ତାହା ମିଳୁଥିଲେ ହେଁ, ଅଧିକ ଦିନ ପର୍ଯ୍ୟନ୍ତ ସଂରକ୍ଷଣ ଲାଗି ସେଥିରେ ରାସାୟନିକ ମିଶିଥାଏ । ଘରେ ମିଶ୍ରଣ ପ୍ରସ୍ତୁତ କରି ଲଗାନ୍ତୁ, ଅଧିକ ସୁଫଳ ମିଳିବ। । ପ୍ରସ୍ତୁତି ପ୍ରଣାଳୀ:- ଗୋଟିଏ ଘିକୁଆଁରୀ ପତ୍ରକୁ ମୂଳରୁ କାଟିଆଣନ୍ତୁ । ଭଲ ଭାବେ ଧୋଇବା ପରେ, ପତ୍ରର ଗୋଟିଏ ପାଖ କାଟି ଉପର ଅଂଶକୁ ହାତରେ ଟାଣି କାଢ଼ିଦିଅନ୍ତୁ । ଏହା ଦ୍ୱାରା ରସ ସଂଗ୍ରହ ସହଜ ହୁଏ । ଚାମଚରେ ରସ କାଢ଼ି ନିର୍ଦ୍ଦିଷ୍ଟ ପାତ୍ରରେ ରଖନ୍ତୁ । ଯେପରି ଆଦୌ ସବୁଜ ଅଂଶ ବାହାରି ନ ଆସେ, ସେଥି ପ୍ରତି ଧ୍ୟାନ ରଖନ୍ତୁ । ସେଥିରେ ଦଶ-ବାର କେଇ ବୁନ୍ଦା ଗୋଲାପ ଜଳ ପକାଇ ଭଲ ଭାବେ ଫେଣ୍ଟିଦିଅନ୍ତୁ । ଏହା ଦ୍ୱାରା ମିଶ୍ରଣ ସୁଗନ୍ଧିତ ହୁଏ । ଅଧିକ ଲାଭ ପାଇଁ ଭିଟାମିନ ଇ-ତୈଳ ମିଶାଇପାରିବେ ।



# ଶ୍ରୀଲିଙ୍ଗରାଜଙ୍କ ଶୀତଳଷଷ୍ଠୀ ପ୍ରସ୍ତୁତି : ବାଜିବନି ଡିଜେ, ଗୋଟିଏ ସ୍ଥାନରେ ଫୁଟିବ ବାଣ



ପୁରୁଣା ଭୁବନେଶ୍ୱର, ୧୬/୦୫ (ନି.ପ୍ର) : ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ବିବାହ ଓ ଶୀତଳଷଷ୍ଠୀ ପାଇଁ ବିଭିନ୍ନ ନିଯୋଗ ପ୍ରତିନିଧି ଓ ସେବାୟତମାନଙ୍କୁ ନେଇ ମନ୍ଦିର କାର୍ଯ୍ୟାଳୟରେ ପ୍ରଶାସନ ଆଲୋଚନା କରିଛି । ଚଳିତ ବର୍ଷ ଶୀତଳଷଷ୍ଠୀ ଯାତ୍ରା ଓ ବିବାହ ଯାତ୍ରା ବେଳେ ଡିଜେ ବାଜିବ ନାହିଁ । ସେହିପରି ରାତି ୧୦ଟା ମଧ୍ୟରେ ଗୋଟିଏ ସ୍ଥାନରେ ବାଣ ଫୁଟିବ । ତାହା ପୁଣି ଲାଇସେନ୍ସ ପ୍ରାପ୍ତ ବାଣୁଆ ଏହି ବାଣ ଫୁଟାଇ ପାରିବେ । ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲୀପ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ମନ୍ଦିର କାର୍ଯ୍ୟାଳୟଠାରେ ଏହି ବୈଠକ କରାଯାଇ ଯାତ୍ରାର ନୀତି ନିର୍ଘଣ୍ଟ ସମ୍ପର୍କରେ ଆଲୋଚନା ହୋଇଥିଲା । ପ୍ରଶାସନର ଘୋଷଣା ଅନୁଯାୟୀ ଆସନ୍ତା ମେ' ୨୪ରେ ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ବିବାହ ଶୋଭାଯାତ୍ରା ରାତି ୧୧ଟା ସୁଦ୍ଧା ବାହାରିବ । ୧୧ଟା ୪୫ ମଧ୍ୟରେ କେଦାରଗୌରୀ ମନ୍ଦିରରେ ପହଞ୍ଚିବ । ସେହିପରି ତା' ପରଦିନ ମେ' ୨୫ ରାତି ୧୦ଟାସୁଦ୍ଧା କେଦାରଗୌରୀ ମନ୍ଦିରରୁ ଦେବଦମ୍ପତି ବାହାରିବେ । ଆସିବା ବେଳେ ବାଟରେ ୪ଟିସ୍ଥାନରେ ଭୋଗ ଖାଇବେ । ଯୌତୁକ ଇନ୍ଦ୍ରହାତୀ ଉପରେ ବସି ଇନ୍ଦ୍ରରାଜା ସେବାୟତ ପାଛୋଟି ଆଣିବେ । ବିବାହ ଓ ଶୀତଳଷଷ୍ଠୀ ଯାତ୍ରା ପାଇଁ ମନ୍ଦିରକୁ ଫୁଲରେ ସଜାଯିବ । ବିବାହ ବେଦୀ ଓ ପାଲିଙ୍କି ବିମାନ ସଜାଯିବ । ସେହିପରି ରାସ୍ତାରେ ଅଧିକ ଲାଇଟ୍ ଲଗାଯିବ । କେଦାରଗୌରୀ ମନ୍ଦିର ଭିତରେ ବେଦୀ ମଣ୍ଡପ ଓ ମନ୍ଦିର ପରିସରରେ ଲାଇଟ୍ ଲଗାଯିବ । ବିଭିନ୍ନ ପାରମ୍ପରିକ ବାଦ୍ୟ ସହ ମଶାଲ, ଘଣ୍ଟ, କାହାଳୀ ବାଜି ଠାକୁର ଯାତ୍ରା କରିବେ । ପାଲିଆ ସେବାୟତ ଠାକୁରଙ୍କ ସଙ୍ଗେ ଯିବେ । ସେମାନେ କର୍ଡନ ଭିତରେ ରହିବେ । ଶ୍ରୀଲିଙ୍ଗରାଜ ମନ୍ଦିର, କେଦାରଗୌରୀ ମନ୍ଦିର ଓ ଠାକୁରଙ୍କ ଯିବାଆସିବା ରାସ୍ତାରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁଲିସ ମୁତୟନ କରାଯିବ । ଏହି ବୈଠକରେ ଶ୍ରୀ ମହାପାତ୍ରଙ୍କ ସମେତ ଭୁବନେଶ୍ୱର ଶୀତଳଷଷ୍ଠୀ କମିଟି ସଭାପତି ବିଧାୟକ ସୁରେଶ କୁମାର ରାଉତରାୟ, ଟ୍ରଷ୍ଟବୋର୍ଡର ବରିଷ୍ଠ ସଦସ୍ୟ ତଥା ବିଏମ୍‌ସିର ପୂର୍ବତନ ଅତିରିକ୍ତ କମିସନର ଅବନୀକାନ୍ତ ପଟ୍ଟନାୟକ ଓ ବ୍ରାହ୍ମଣ ନିଯୋଗ ସମ୍ପାଦକ ବିରଞ୍ଚି ନାରାୟଣ ପତି, ବଡୁ ନିଯୋଗର ସମ୍ପାଦକ କମଳା ବଡୁ, ସମର୍ଥ ନିଯୋଗର ସମ୍ପାଦକ ପ୍ରଶାନ୍ତ କୁମାର ସମର୍ଥ, ମନ୍ଦିର ସୁପରଭାଇଜର ରାଜକିଶୋର ମହାପାତ୍ର, ବିଶୋଇ, ଆପଟିଆ, ପୁରୋହିତ, ମନ୍ଦିର ଜ୍ୟୋତିଷ, ଭଣ୍ଡାର ମେକାପ, ଚର୍ଚ୍ଚେଇତ, ସୁପରଭାଇଜର, ନୀତିକରିଣୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବାପାଙ୍କ ମୃତ୍ୟୁ ପରେ ପର ପୁରୁଷ ସହିତ ଚାଲିଗଲା ମା' : ଅସହାୟ ଅବସ୍ଥାରେ ଦୁଇ ଭାଇ ଭଉଣୀ

ଚମ୍ପୁଆ, ୧୬/୦୫ (ନି.ପ୍ର): ବାପାଙ୍କ ମୃତ୍ୟୁର ଚାରି ବର୍ଷ ଗଲାନି, ପର ପୁରୁଷ ସହିତ ଚାଲି ଗଲା ମା' । ମା' ବାପାଙ୍କୁ ହରାଇ ସମ୍ପୂର୍ଣ୍ଣ ଅସହାୟ ହୋଇ ପଡିଥିବା ଦୁଇ ଭାଇ ଭଉଣୀଙ୍କ ଉପରେ ନା ପଡୁଛି ଚମ୍ପୁଆ ବ୍ଲକ ପ୍ରଶାସନର ନଜର ନା ପଡୁଛି କାଳିକା ପ୍ରସାଦ ସରପଂଚଙ୍କ ନଜର । ପିଲାଙ୍କ ପାଇଁ ତାଙ୍କ କକା ସାଜିଛନ୍ତି ଏକମାତ୍ର ସାହାଭରଷା । ଏପରି ଏକ କରୁଣ ଦୃଶ୍ୟ ଦେଖିବାକୁ ମିଳିଛି ଚମ୍ପୁଆ ବ୍ଲକ ଅନ୍ତର୍ଗତ କାଳିକାପ୍ରସାଦ ପଂଚାୟତ କୃଷ୍ଣପୁର ଗ୍ରାମରେ । ସୂଚନା ଅନୁଯାଇ, କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ କାଳିକାପ୍ରସାଦ ପଂଚାୟତ କୃଷ୍ଣପୁର ଗ୍ରାମର ଗୋବିନ୍ଦ ମୁଣ୍ଡା ଗତ ଚାରିବର୍ଷ ତଳେ ମୃତ୍ୟୁବରଣ କରିଥିବାବେଳେ ତାଙ୍କ ସ୍ତ୍ରୀ ମନ୍ଦାକିନୀ ମୁଣ୍ଡା ଦୁଇ ଶିଶୁଙ୍କୁ ନେଇ ରହି ଆସୁଥିଲେ । କିନ୍ତୁ ଏବେ ପ୍ରାୟ ଏକ ମାସ ପୂର୍ବରୁ ମନ୍ଦାକିନୀ ଅନ୍ୟ ଏକ ପର ପୁରୁଷର ହାତ ଧରି ଚାଲିଯିବା ପରେ ବାପା, ମାଙ୍କୁ ହରାଇ ସମ୍ପୂର୍ଣ୍ଣ ଅସହାୟ ହୋଇ ପଡିଛନ୍ତି ଦୁଇ ଶିଶୁ ପୁଅ ଆକାଶ ମୁଣ୍ଡା(୯) ଝିଅ ସୁଲୋଚନା ମୁଣ୍ଡା(୭) । ଖେଳି ବୁଲି ପାଠ ପଢିବା ସମୟରେ ମୁଣ୍ଡରୁ ଉଠିଗଲା ମା ବାପାଙ୍କ ହାତ । ଫଳରେ ଏହି ଦୁଇ ନା ବାଳକ ଶିଶୁ ସମ୍ପୂର୍ଣ୍ଣ ଅସହାୟ ଅବସ୍ଥାରେ ଏକମାତ୍ର ଭଙ୍ଗା ଦଦରା ଚାଳ ଘରେ ମୁଣ୍ଡ ଗୁଞ୍ଜି ରହିଛନ୍ତି । ପିଲାଙ୍କ ଦୁର୍ଦ୍ଦିନରେ ତାଙ୍କ କକା ବଳିଆ ମୁଣ୍ଡା ସାଜିଛନ୍ତି ଏକ ମାତ୍ର ସାହା ଭରଷା । ତାଙ୍କ କକା ବଳିଆଙ୍କ ପରିବାରରେ ତାଙ୍କ ସ୍ତ୍ରୀ ଏବଂ ଦୁଇ ପିଲାଙ୍କ ସହିତ ଦୁଇ ଜଣ ବଡ଼ ଭାଇ ଗୁଟକା ମୁଣ୍ଡା ଓ କାଳିଆ ମୁଣ୍ଡା ରହିଛନ୍ତି । ଗୁଟକା ମୁଣ୍ଡା (୬୦)ଙ୍କ ବୟସ ଅଧିକ ହେତୁ କୌଣସି କାମ କରି ପାରୁନଥିବାବେଳେ କାଳିଆ ଦୀର୍ଘ ଦିନରୁ ଟିବି ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି । ଏବେ ବୋଝ ଉପରେ ନଳିତା ବିଡା ପରି ପୁଣି ଯୋଡି ହେଲେ ମା ବାପାଙ୍କୁ ହରାଇ ଥିବା ଦୁଇ ଶିଶୁ ଆକାଶ ଓ ସୁଲଚନା । ଫଳରେ ବର୍ତମାନ ଏହି ଆଠ ଜଣିଆ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ବଳିଆ ମୁଣ୍ଡା । ବଳିଆ ପରିବାର ଚଳେଇବା ପାଇଁ ପରଘରେ ମୁଲ ଲାଗି କୌଣସି ମତେ ଆହାର ଯୋଗାଡ଼ କରୁଥିବାବେଳେ ଜଣଙ୍କ ରୋଜଗାରରେ ଆଠ ପ୍ରାଣୀ ଚଳିବା କଷ୍ଟକର ହୋଇ ପଡିଛି । ଏପରି ଅବସ୍ଥାରେ ଆଗକୁ ଏହି ଦୁଇ ଅସହାୟ ଭାଇ ଭଉଣୀଙ୍କ ଭବିଷ୍ୟତ କଣ ହେବ ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ଏହି ଦୁଇ ଭାଇ ଭଉଣୀ ସରକାରଙ୍କ ଆହାର ଯୋଜନାରେ ମଧ ସାମିଲ ହୋଇ ନ ଥିବାରୁ ରେସନ କାର୍ଡରେ ପାଂଚ କିଲୋ ଚାଉଳ ମଧ ପାଉନାହାନ୍ତି । ବର୍ତମାନ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଲିଷ୍ଟରେ ମା ମନ୍ଦାକିନୀଙ୍କ ନାମ ରହିଛି, କିନ୍ତୁ ମନ୍ଦାକିନୀ ପିଲାଙ୍କୁ ଛାଡି ଅନ୍ୟତ୍ର ଚାଲିଯିବାପରେ ପିଲାମାନଙ୍କୁ ଅବାସ ଯୋଜନାରେ ଘର ମିଳିବକି ନାହିଁ ସନ୍ଦେହ ସୃଷ୍ଟି ହୋଇଛି । ପୁଅ ଆକାଶ କୃଷ୍ଣପୁର ପ୍ରାଥମିକ ବିଦ୍ୟାଳୟରେ ଦ୍ୱିତୀୟ ଶ୍ରେଣୀରେ ପଢୁଥିବାବେଳେ ପାଠ ପଢିବାକୁ ଇଚ୍ଛା ଥାଇବି ସ୍କୁଲରେ ପାଦ ଥାପି ପାରିନି ଝିଅ ସୁଲୋଚନା । ଆଶାଥିଲା ପାଠ ପଢିବେ, ନିଜ ଭବିଷ୍ୟତ ଗଢିବେ, ହେଲେ ବାପାଙ୍କ ମୃତ୍ୟୁ ପରେ ମା ଅନ୍ୟର ହାତ ଧରି ଚାଲିଗଲା । ଏବେ ଆଗକୁ ଏହି ଦୁଇ ଭାଇ ଭଉଣୀଙ୍କ ଭବିଷ୍ୟତ ତଥା ଖାଦ୍ୟପେୟ ଠାରୁ ଆରମ୍ଭ କରି ପାଠ ପଢି ପାରିବେ କି ନାହିଁ ସନ୍ଦେହ ଦେଖା ଦେଇଛି । ତେଣୁ ଏହି ଦୁଇ ଅସହାୟ ନାବାଳକ ଭାଇ ଭଉଣୀ ଙ୍କ ପାଠ ପଢା ଓ ଭବିଷ୍ୟତ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ଏସ୍‌ସିବିରେ ହେବ ରାଜ୍ୟର ପ୍ରଥମ ବୋନ୍ ବ୍ୟାଙ୍କ



କଟକ, ୧୬/୦୫ (ନି.ପ୍ର): କଟକ ବଡ଼ଡାକ୍ତରଖାନା (ଏସ୍‌ସିବି)ରେ ଖୋଲିବ ରାଜ୍ୟର ପ୍ରଥମ ବୋନ୍ ବ୍ୟାଙ୍କ । ଏଥିପାଇଁ ଅସ୍ଥିଶଲ୍ୟ (ଅର୍ଥୋପେଡିକ୍) ବିଭାଗରେ ସମସ୍ତ ପ୍ରସ୍ତୁତି ସରିଛି । ଅନ୍ୟପଟେ ଏଥିପାଇଁ ଆବଶ୍ୟକୀୟ ଭିତ୍ତିଭୂମି ପ୍ରସ୍ତୁତି ସରିଥିବାବେଳେ ମେସିନ୍ ପାଇଁ ଟେଣ୍ଡର ଡକାଯାଇଛି । ଯାହାକି ଆସନ୍ତା ୨୯ତାରିଖରେ ଖୋଲାଯିବ । ବର୍ତ୍ତମାନ ସମୟରେ ଦୁର୍ଘଟଣା ହେଉ ବା ଅନ୍ୟ କିଛି କାରଣ ପାଇଁ ହାଡ଼ ନଷ୍ଟ ହେଉଥିଲା । ଏପରିକି କୌଣସି ଅସ୍ତ୍ରୋପଚାର ସମୟରେ ହାଡ଼କୁ କାଟି ଫିଙ୍ଗି ଦିଆଯାଉଥିଲା । କିନ୍ତୁ ବୋନ୍ ବ୍ୟାଙ୍କ ସ୍ଥାପନ ହେଲେ ହାଡ଼ ନଷ୍ଟ ହେବନି । ଏହାକୁ ସଂରକ୍ଷିତ କରି ରଖାଯାଇପାରିବ । ଯାହାକି ପରବର୍ତ୍ତୀ ସମୟରେ ଅନ୍ୟ ରୋଗୀଙ୍କ ଦେହରେ ପ୍ରତିରୋପଣ କରାଯିବ । ବୋନ୍ ବ୍ୟାଙ୍କ ପ୍ରତିଷ୍ଠା କରାଯାଇ ହାଡ ପ୍ରତିରୋପଣ ଆରମ୍ଭ ନିମନ୍ତେ ଏସ୍‌ସିବି କର୍ତ୍ତୃପକ୍ଷ ପ୍ରସ୍ତୁତ ହେଉଛନ୍ତି । ଅସ୍ଥିଶଲ୍ୟ ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ନିର୍ମଳ ଚନ୍ଦ୍ର ମହାପାତ୍ରଙ୍କ କହିବା ଅନୁସାରେ, ବୋନ୍ ବ୍ୟାଙ୍କ ବ୍ୟବସ୍ଥା ସମ୍ପ୍ରତି ଓଡ଼ିଶାରେ ଉପଲବ୍ଧ ନାହିଁ । ଖୁବଶୀଘ୍ର ଏସ୍‌ସିବିରେ ବୋନ ବ୍ୟାଙ୍କ ଖୋଲାଯିବା ପାଇଁ ଉଦ୍ୟମ କରାଯାଉଛି । ବୋନ ବ୍ୟାଙ୍କରେ ହାଡ ଅସୀମିତ ସମୟ ପାଇଁ ମହଜୁଦ ରହି ପାରିବ । ଏବେ ବୋନ ବ୍ୟାଙ୍କ ପ୍ରତିଷ୍ଠା ପାଇଁ ଅସ୍ଥିଶଲ୍ୟ ବିଭାଗରେ ଏକ ଗୃହକୁ ପ୍ରସ୍ତୁତ କରାଯାଉଛି ।

# ସୁଧୁରୁନି ସ୍ୱର୍ଗଦ୍ୱାର ସ୍ଥିତି : ଏବେ ବି ଶବଦାହ ପାଇଁ ଅପେକ୍ଷା

## ପୂଜାକାର୍ଯ୍ୟ ପାଇଁ ବ୍ରାହ୍ମଣ ଅଭାବ, ଝୁଲିଛି ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶ, ପରିଚାଳନା କମିଟି ନିଷ୍ପତ୍ତି

ପୁରୀ, ୧୬/୦୫ (ନି.ପ୍ର): ଶବଦାହକୁ ବ୍ୟବସ୍ଥିତ କରିବା ସହ ଶୃଙ୍ଖଳା ଆଣିବା ଲକ୍ଷ୍ୟରେ ସ୍ୱର୍ଗଦ୍ୱାରର ନବକଳେବର ହେଲା । ତଥାପି ସ୍ଥିତିରେ ସୁଧାର ଆସୁନଥିବା ଅଭିଯୋଗ ହୋଇଛି । ଏବେ ବି ଶବଦାହ ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଥିବା ମୃତକଙ୍କ ଆତ୍ମୀୟସ୍ୱଜନମାନେ ଅଭିଯୋଗ କରିଛନ୍ତି । ଅନ୍ତ୍ୟେଷ୍ଟିକ୍ରିୟାର ପୂଜା ଓ ପଥଶ୍ରାଦ୍ଧ କାର୍ଯ୍ୟ ପାଇଁ ପର୍ଯ୍ୟାପ୍ତ ବ୍ରାହ୍ମଣ ନ ଥିବାରୁ ପ୍ରତିଦିନ ଏଭଳି ଶବଦାହରେ ବିଳମ୍ବ ହେଉଥିବା ବେଳେ ପ୍ରଶାସନ ଏହାକୁ ଅଣଦେଖା କରି ଚାଲିଥିବା ଅଭିଯୋଗ ହୋଇଛି । ସେପଟେ ବାହାର ବ୍ରାହ୍ମଣଙ୍କୁ ପୂଜାକାର୍ଯ୍ୟ ପାଇଁ ଅନୁମତି ନ ଥିବାରୁ ଆତ୍ମୀୟସ୍ୱଜନମାନେ ମୃତକଙ୍କ ଶବକୁ ଧରି ଅପେକ୍ଷା କରିବାକୁ ବାଧ୍ୟ ହେଉଛନ୍ତି । ମିଳିଥିବା ସୂଚନା ମୁତାବକ, ବର୍ତ୍ତମାନ ସ୍ୱର୍ଗଦ୍ୱାରକୁ ଦୈନିକ ୫୦ରୁ ୮୦ ଶବ ଦାହ ପାଇଁ ଆସୁଛି । ଦିନେ ଦିନେ ଏହି ସଂଖ୍ୟା ୯୦ ଟପିଯାଉଛି । ଶବଦାହ ପାଇଁ ସ୍ୱର୍ଗଦ୍ୱାରରେ ସ୍ୱତନ୍ତ୍ର ଶବଦାହକ ଥିବା ବେଳେ ସ୍ୱତନ୍ତ୍ର ପୂଜକ ବି ରହିଛନ୍ତି । ଏମାନେ ତିନିଟି ସିଫ୍ଟରେ କାମ କରୁଛନ୍ତି । ତିନିଟି ସିଫ୍ଟରେ ଯେଉଁ ଯେଉଁମାନେ କାମ କରୁଛନ୍ତି, ସେମାନଙ୍କୁ ସ୍ୱର୍ଗଦ୍ୱାର ସେବା ସମିତି ଶବ ପିଛା ନିର୍ଦ୍ଦିଷ୍ଟ ଦେୟ ଦେଉଛି । ଯେଉଁ ଅର୍ଥ ମୃତକଙ୍କ ଆତ୍ମୀୟସ୍ୱଜନଙ୍କଠାରୁ ଆଦାୟ କରାଯାଉଛି । ଯେଉଁମାନେ ହରିଶ୍ଚନ୍ଦ୍ର ଯୋଜନାରେ ଶବଦାହ କରୁଛନ୍ତି, ସେମାନଙ୍କ ହରିଶ୍ଚନ୍ଦ୍ର ଯୋଜନା ଦେୟରୁ ପୂଜକ ଓ ଶବଦାହ ବାବଦ ଅର୍ଥ ପ୍ରଦାନ କରାଯାଉଛି । ବାକି ଯେଉଁମାନେ ହରିଶ୍ଚନ୍ଦ୍ର ଯୋଜନାରେ ସାମିଲ୍ ନୁହନ୍ତି, ସେମାନେ ସ୍ୱର୍ଗଦ୍ୱାର ସେବା ସମିତି ନିକଟରେ ନିର୍ଦ୍ଦିଷ୍ଟ ଦେୟ ଜମା ଦେଇ ଶବଦାହ କରୁଛନ୍ତି । ଯେଉଁ ବ୍ରାହ୍ମଣମାନେ ଅନ୍ତ୍ୟେଷ୍ଟିକ୍ରିୟା ପୂଜା କାର୍ଯ୍ୟ କରୁଛନ୍ତି, ସେମାନଙ୍କୁ ପ୍ରତି ଶବ ପିଛା ସ୍ୱର୍ଗଦ୍ୱାର ସେବା ସମିତି ୪୫୦ ଟଙ୍କା ପାରିଶ୍ରମିକ ଦେଉଛି । ବ୍ରାହ୍ମଣ ସଂଖ୍ୟା ଦେଖିଲେ, ସ୍ୱର୍ଗଦ୍ୱାରରେ ମାତ୍ର ୪ଜଣ କାମ କରୁଛନ୍ତି । ୪ଜଣରୁ ତିନିଜଣ ସର୍ବାଧିକ ସମୟ କାମ କରୁଛନ୍ତି । ଏମାନେ ୮ ଘଣ୍ଟା ହିସାବରେ ତିନି ସିଫ୍ଟରେ ପୂଜାକାର୍ଯ୍ୟ କରୁଛନ୍ତି । ଯଦି ପାରିଶ୍ରମିକ କଥା ହିସାବ କରାଯାଏ, ଦୈନିକ ହାରାହାରି ୫୦ଟି ଶବ ଦାହ ପାଇଁ ସ୍ୱର୍ଗଦ୍ୱାରକୁ ଆସିଲେ, ପୂଜା ବାବଦକୁ ବ୍ରାହ୍ମଣମାନଙ୍କୁ ଦୈନିକ ୨୨ହଜାର ୫୦୦ ଟଙ୍କା ପ୍ରଦାନ କରାଯାଉଛି । ମାସିକ ହିସାବ କଲେ, ବ୍ରାହ୍ମଣମାନଙ୍କୁ ଲକ୍ଷାଧିକ ଟଙ୍କା ସ୍ୱର୍ଗଦ୍ୱାର ସେବା ସମିତି ପ୍ରଦାନ କରୁଛି । ଯାହା ମୃତକଙ୍କ ଦେୟରୁ ଅବା ମୃତକଙ୍କ ବାବଦକୁ ମିଳୁଥିବା ହରିଶ୍ଚନ୍ଦ୍ର ଯୋଜନା ଅର୍ଥରୁ ପ୍ରଦାନ କରାଯାଉଛି । ସ୍ୱର୍ଗଦ୍ୱାର ସେବା ସମିତି ଅବା ପ୍ରଶାସନ ଚାହିଁଲେ, ଅଧିକ ବ୍ରାହ୍ମଣ ନିଯୁକ୍ତି କରି ଶବଦାହ ବ୍ୟବସ୍ଥାକୁ ସରଳୀକରଣ କରିପାରନ୍ତା । ଲୋକେ ସୁବିଧାରେ ଓ ସଅଳ ଶବଦାହ କରି ଫେରିପାରନ୍ତେ । କିନ୍ତୁ ସେଭଳି କିଛି ବ୍ୟବସ୍ଥା କରାଯାଉନି । ଫଳସ୍ୱରୂପ ଲୋକେ ମୃତକଙ୍କ ଶବ ସହ ଘଣ୍ଟା ଘଣ୍ଟା ଅପେକ୍ଷା କରୁଛନ୍ତି । ତତ୍କାଳୀନ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଗସ୍ତ କାଳରେ ବି ଅଧିକ ବ୍ରାହ୍ମଣ ନିଯୁକ୍ତି ପ୍ରସଙ୍ଗ ଉଠିଥିଲା । ଶ୍ରୀ ମହାପାତ୍ର ପ୍ରଶାସନକୁ ଅଧିକ ବ୍ରାହ୍ମଣ ନିଯୁକ୍ତି କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେପଟେ ସ୍ୱର୍ଗଦ୍ୱାର ସେବା ସମିତିର ପରିଚାଳନା କମିଟି ବୈଠକରେ ବି ଏହି ପ୍ରସଙ୍ଗ ଉଠିଥିଲା । ଆଉ ଦୁଇରୁ ତିନିଜଣ ଅଧିକ ବ୍ରାହ୍ମଣ ନିଯୁକ୍ତି ପାଇଁ ପରିଚାଳନା କମିଟି ନିଷ୍ପତ୍ତି ନେଇଥିଲା । କିନ୍ତୁ ଏପର୍ଯ୍ୟନ୍ତ ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶ ଅବା ପରିଚାଳନା କମିଟି ନିଷ୍ପତ୍ତି କାର୍ଯ୍ୟକାରୀ ହୋଇନାହିଁ । ଏ ସମ୍ପର୍କରେ ସ୍ୱର୍ଗଦ୍ୱାର ସେବା ସମିତି ସମ୍ପାଦକ ତଥା ଉପଜିଲ୍ଲାପାଳ ଭବତାରଣ ସାହୁ କହିଛନ୍ତି, ମୁଖ୍ୟ ସଚିବ ସଫେଇ ପାଇଁ ଅଧିକ କର୍ମଚାରୀ ନିଯୁକ୍ତି କଥା କହିଥିଲେ । ତାହା ଆମେ କରିଛୁ । ବାକି ଅଧିକ ବ୍ରାହ୍ମଣ ନିଯୁକ୍ତି ସମ୍ପର୍କରେ ବିଚାର କରିବୁ । ସ୍ୱର୍ଗଦ୍ୱାରରେ କାମ କରିବାକୁ ବ୍ରାହ୍ମଣମାନେ ଆଗ୍ରହୀ ନୁହନ୍ତି । ତଥାପି ଯେଉଁମାନେ ପୂଜା କାର୍ଯ୍ୟ କରିବାକୁ ଆଗ୍ରହୀ, ତାହା ଦେଖିବା ପରେ ଯାହା କିଛି କରିପାରିବୁ ବୋଲି ଶ୍ରୀ ସାହୁ କହିଛନ୍ତି ।



# ନବନିର୍ମିତ ବୁଢ଼ିମା ମନ୍ଦିରର ପ୍ରତିଷ୍ଠା ମହୋତ୍ସବ ପାଇଁ ପ୍ରସ୍ତୁତି ଆରମ୍ଭ

ସୁବର୍ଣ୍ଣପୁର, ୧୬/୦୫ (ନି.ପ୍ର): ସହରର ଢେରାପଡା ଠାରେ ସଂପୂର୍ଣ୍ଣ ଦକ୍ଷିଣଭାରତୀୟ ଢାଂଚାରେ ନୂତନଭାବେ ନିର୍ମିତ ମା ବୁଢିମା ଙ୍କର ମନ୍ଦିର ପ୍ରତିଷ୍ଠା ଉତ୍ସବ ଆସନ୍ତା ୨୧ରୁ ୨୫ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ମାଧ୍ୟମରେ ମହା ସମାରୋହରେ ପାଳନ କରାଯିବ । ଏଥିପାଇଁ ସମସ୍ତ ପ୍ରସ୍ତୁତି ସରିଛି । ଗତକାଲି ସନ୍ଧ୍ୟାରେ ଢେରାପଡା ସ୍ଥିତ ବୁଢିମା ଯୁବକ ସଂଘ ଠାରେ ଏକ ଖବରଦାତା ସମ୍ମିଳନୀରେ କମିଟି ପକ୍ଷରୁ ସମସ୍ତ କାର୍ଯ୍ୟକ୍ରମର ସୂଚନା ପ୍ରଦାନ କରାଯାଇଛି । ବର୍ତମାନ ପର୍ଯ୍ୟନ୍ତ ମାଙ୍ଗଳିକ, ବାସୁଦେବ ପୂଜା ତଥା ଦେବନିମନ୍ତ୍ରଣ, ଭୂମିପୂଜା, ନୃସିଂହ ଯଜ୍ଞ, ବରାହ ଓ କୂର୍ମ ଅନନ୍ତ ପୂଜାନ୍ତେ ଯଜ୍ଞଧ୍ୱଜା ଉତ୍ତୋଳନ କାର୍ଯ୍ୟକ୍ରମ ସରିଥିବା ବେଳେ ଅଙ୍କୁରାରୋପଣ, ଶୁକ୍ଳ ଦ୍ୱିତୀୟା ରବିବାର ୨୧ ତାରିଖରେ କଳସାଧିବାସ ଓ ମଣ୍ଡଳବିଧାନ ସହ କଳସାନୟନ, ମଣ୍ଡପ ପୂଜାବିଧାନ ଚତୁର୍ଥୀ ଲଗ୍ନେ ଶାଖାମୂର୍ତୀ ମହାସ୍ନାନ, ଶୁକ୍ଳପଂଚମୀରେ ମନ୍ଦିର ଅଧ ଉର୍ଦ୍ଧ୍ୱ ଶୋଧନ ସହିତ ଦେବ ଦେବ ମହାଦେବ ଲିଙ୍ଗ ଓ ପାର୍ଶ୍ୱଦେବତା ମନ୍ଦିରେ ସ୍ଥାପନ ଓ ଅଷ୍ଟପ୍ରହରୀ ନାମଯଜ୍ଞ ଆରମ୍ଭ ହେବ । ୨୫ ତାରିଖ ଜ୍ୟେଷ୍ଠ ଶୁକ୍ଳ ଷଷ୍ଠୀ ଗୁରୁବାର ପୂର୍ଣ୍ଣାହୂତି ପୂର୍ବକ ମା ବୁଢିମା ଠାକୁରାଣୀଙ୍କ ମନ୍ଦିର ବିଜେ କାର୍ଯ୍ୟକ୍ରମ ରହିଛି । ପ୍ରକାଶ ଯୋଗ୍ୟଯେ, ସଂପୂର୍ଣ୍ଣ ଦକ୍ଷୀଣ ଭାରତୀୟ ଢାଂଚାରେ ନିର୍ମିତ ଏହି ମନ୍ଦିର ନିର୍ମାଣରେ ପ୍ରାୟ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ହୋଇଥିବା ବେଳେ ଏହା ମନ୍ଦିର ମାଳିନୀ ସୁବର୍ଣ୍ଣପୁରକୁ ଆସୁଥିବା ପର୍ଯ୍ୟଟକଙ୍କୁ ବହୁମାତ୍ରାରେ ଆକୃଷ୍ଟ କରିବ ବୋଲି କମିଟି ପକ୍ଷରୁ ଆଶାବ୍ୟକ୍ତ କରାଯାଇଛି । ଏହି ଅବସରରେ ପ୍ରତି ସଂଧ୍ୟାରେ ସୁନ୍ଦରାକାଣ୍ଡ, ଭଜନ ସଂଧ୍ୟା ସହ ଅନେକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ଏବଂ ଦୁଇ ଦିନ ଧରି ଶ୍ରଦ୍ଧାଳୁଙ୍କ ପାଇଁ ସାମୁହିକ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି । ଆଜିର ଏହି ଖବରଦାତା ସମ୍ମିଳନୀରେ ମନ୍ଦିର ନିର୍ମାଣ କମିଟିର ସଂପାଦକ ଜନ୍ମେଜୟ ପାତ୍ର, ଉପସଭାପତି ବି.ସତ୍ୟନାରାୟଣ ରାଓ, ବୁଢିମା ଯୁବକ ସଂଘ ସଭାପତି ଦିଲ୍ଲୀପ ପାତ୍ର, ବରିଷ୍ଠ ସଭ୍ୟ ଆନନ୍ଦ ପାତ୍ର, କୋଷାଧ୍ୟକ୍ଷ ଶ୍ୟାମ ସୁନ୍ଦର ପାତ୍ର ଓ କାଉନସିଲର ରାଜକିଶୋର ରାଓ ତଥା ପଡାର ଅନେକ ସଦସ୍ୟ ଉପସ୍ଥିତ ଥିଲେ ।

# ଷାଠିଏ ଘର ଡୁମାଳ ସମାଜର ଜାଗୃତି ସଭା ଅନୁଷ୍ଠିତ

ବଲାଙ୍ଗିର, ୧୬/୦୫ (ନି.ପ୍ର): ବଲାଙ୍ଗିର ବ୍ଲକ ଅନ୍ତର୍ଗତ କେରମେଲି ଗ୍ରାମ ସ୍ଥିତ ମା ମାହେଶ୍ୱରୀଙ୍କ ଡାଲତଳ ପ୍ରାଙ୍ଗଣରେ ଟିକେଶ୍ୱର କର୍ମୀଙ୍କ ସଭାପତିତ୍ୱରେ ଷାଠିଏ ଘର ଡୁମାଲ ସମାଜର ଜାଗୃତି ସଭା ତିର୍ଥ ପଧାନଙ୍କ ମଂଚ ପରିଚାଳନା ସହ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ସମଗ୍ର ବଲାଙ୍ଗିର ଜିଲ୍ଲାର ଡୁମାଲ ସମାଜର ସର୍ବାଙ୍ଗୀନ ବିକାଶ ପାଇଁ ସଚେତନତା, ଜାଗରଣ, ମନ୍ଥନ, ଯୋଗାଯୋଗ, ଗୁରୁ ଆଶିର୍ବାଦ, ପିତାମାତାଙ୍କ ଚରଣ ବନ୍ଦନା ଇତ୍ୟାଦି କାର୍ଯ୍ୟକ୍ରମର ତତ୍ୱାବଧାରକ ତଥା ପ୍ରମୁଖ ଜଗନ୍ନାଥ କରନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ମାନିତ ଅତିଥି ଭାବେ ପ୍ରକାଶ ମେର୍ଲି, ରମାକାନ୍ତ ପଧାନ, ଇନ୍ଦୁଭୂଷଣ ଡାଙ୍ଗ, ଇଶ୍ୱର କରନ, ବରୁଣ ବଘାର, ଗୁରୁଦେବ କର୍ମୀ, ବ୍ୟାସଦେବ ଦେହୁରୀ, ଶମ୍ଭୁ ମହାକୁର, ଶୀତଳ ଅମାତ, ଜୟସିଂ ଖମାରୀ, ସନାତନ ବଘାର, ଗୁପ୍ତେଶ୍ୱର ପାତ୍ର, ରାମଚନ୍ଦ୍ର ପଧାନ, ଗଙ୍ଗାଧର କର୍ମୀ, ରାଜକୁମାର ପଧାନ, ଶେଷଦେବ କର୍ମୀ, ଅଭି ପଧାନ ପ୍ରମୁଖ ମଂଚାସିନ ହୋଇ ଡୁମାଲ ସମାଜ କିପରି ଶିକ୍ଷାଗତ, ସାମାଜିତ, ଆର୍ଥିକ, କୃଷି, ବ୍ୟବସାୟିକ ତଥା ସର୍ବାଙ୍ଗୀନ ବିକାଶ ହୋଇ ପାରିବ ଅତିଥି ବୃନ୍ଦ ନିଜ ନିଜ ବକ୍ତବ୍ୟ ରେ ସଭାରେ ମତାମତ ଉପସ୍ଥାପନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ସଫଳ ରୂପାୟନ ଦେବା ପାଇଁ ଯୁବ ସମାଜସେବୀ ପୁରୁଷୋତମ କର୍ମୀ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ମନମୋହନ କର୍ମୀ, ଗୋପବନ୍ଧୁ କର୍ମୀ, ସୁନା ପଧାନ, ଟଙ୍କଧର ପାତ୍ର, ସନ୍ୟାସୀ ପଧାମ, ସୁରେନ୍ଦ୍ର ପଧାନ, ଇନ୍ଦ୍ରମଣି ପଧାନ, ଜଳନ୍ଧର ପଧାନ, ଗୁଣ୍ଡୁ ପଧାନ, ରମେଶ କର୍ମୀ, ଦୟାନିଧି ପଧାନ, ଅଖିଳ ପଧାନ, ଫଗୁନୁ କର୍ମୀ, ନବୀନ କର୍ମୀ, ନନ୍ଦୀ କିଶୋର ପାତ୍ର, ବେଣୁଧର ଗଡୁଆ, ଟଙ୍କଧର ପାତ୍ର, ଅଜିତ କର୍ମୀ, ରାମ ପଧାନ, ଦୁର୍ଯୋଧନ କର୍ମ, ଢେକଲ ପଧାନ, ଅର୍ଜୁନ ପଧାନ, ସିଦ୍ଧେଶ୍ୱର କର୍ମୀ, ବୀଣା ପଧାନ, ଘନଶ୍ୟାମ ଡାଙ୍ଗ, ଇହଦେବ ପଧାନ, ମୁରଲୀ ର୍କୀ, ପବିତ୍ର ପଧାନ, କୁଲ କର୍ମୀ, ବଳରାମ ପଧାନ, ଘାସି କ୍ଷେତି, ଯେହେରୁ ମହାକୁର, ବିଜୟ ପଧାନ, ଅନିରୁଦ୍ଧ ପଧାନ, ଭରତ ଦନ୍ତା, ପରମେଶ୍ୱର ପଧାନ ପ୍ରମୁଖଖ ତଥା କର୍ଲାଟିଟା, ବରପିଟା, ଢୁଲୁସର ଇତ୍ୟାଦି ଗ୍ରାମରୁ ବହୁ ସଂଖ୍ୟାରେ ଯୋଗଦେବା ସହିତ ପ୍ରାୟ ପାଞ୍ଚ ଶହରୁ ଉର୍ଦ୍ଧ୍ୱ ମହିଳାମାନେ ଉପସ୍ଥିତ ରହି ପ୍ରତି ବର୍ଷ ଏପରି ସମାଜ ସୁଧାରକ କାର୍ଯ୍ୟକ୍ରମ ଅନୁଷ୍ଠିତ କରିବାକୁ ଆହ୍ୱାନ ଦେଇଥିଲେ । ଶେଷରେ ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ତିର୍ଥ ପଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା କାର୍ଯ୍ୟ ଶେଷ କରିଥିଲେ ।

# ପୁଅକୁ ଟାଙ୍ଗିଆରେ ହାଣି ହତ୍ୟା କଲା ନୃଶଂସ ବାପା : ଅଭିଯୁକ୍ତ ଥାନାରେ ଅଟକ

ଦାମନଯୋଡ଼ି, ୧୬/୦୫ (ନି.ପ୍ର): ନିଜ ପୁଅକୁ ନୃଶଂସ ବାପା ହତ୍ୟା କରିଥିବା ଘଟଣା କୋରାପୁଟ ଜିଲ୍ଲା ଦାମନଯୋଡ଼ି ଥାନା ଅନ୍ତର୍ଗତ ଆମ୍ବଗାଁରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ମୃତ ଯୁବକ ହେଲେ ସମରା ବୁଢ଼ିଆଙ୍କ ପୁଅ ସୁରେନ୍ଦ୍ର ବୁଢ଼ିଆ(୧୮) । ସୂଚନା ଅନୁଯାୟୀ, ଗତକାଲି ବାପା ସମରା ନିଶାସକ୍ତ ଅବସ୍ଥାରେ ଖରାବେଳେ ଘରକୁ ଫେରିଥିଲେ । କୌଣସି କଥାକୁ ନେଇ ପୁଅ ସହ ତାଙ୍କର ବଚସା ହୋଇଥିଲା । ପରେ ସମରା ଉତକ୍ଷିପ୍ତ ହୋଇ ଟାଙ୍ଗିଆ ଆଣି ପୁଅକୁ ହାଣି ଦେଇଥିଲା । ପରିବାର ଲୋକେ ପୁଅର ଚିତ୍କାର ଶୁଣି ଦୌଡ଼ି ଆସିଥିଲେ । ସୁରେନ୍ଦ୍ରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ଖବର ପାଇ ଦାମନଯୋଡ଼ି ଥାନା ଏଏସଆଇ ଦୀପକ କୁମାର ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ ଜବତ କରିଥିଲେ । ଆଜି ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି । ତେଣେ ଗତକାଲି ହତ୍ୟାକାଣ୍ଡ ପରେ ଫେରାର ଥିବା ବାପା ସମରା ବୁଢ଼ିଆକୁ ଆଜି ସକାଳେ ଧରିବାରେ ପୁଲିସ ସକ୍ଷମ ହୋଇଛି । ତାକୁ ଥାନାରେ ଅଟକ ରଖି ପୁଲିସ ପଚରାଉଚରା କରୁଛି ।



# ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ

ଭଦ୍ରକ, ୧୬/୦୫ (ନି.ପ୍ର): ସଡ଼କ ସୁରକ୍ଷା, ଜୀବନ ରକ୍ଷା ନେଇ ଆଜି ଆଭାସି ଜରିଆରେ ଭଦ୍ରକ ଜିଲ୍ଲା ସ୍ତରୀୟ ସଡ଼କ ସୁରକ୍ଷା କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ଅଧ୍ୟକ୍ଷ ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଏସ୍.ପି. ବରୁଣ ଗୁଣ୍ଟୁପାଲି, ଉପଜିଲ୍ଲାପାଳ ମନୋଜ ପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର, ଡି.ଏସ୍.ପି. କ୍ରାଇମ୍ ରଶ୍ମିରଞ୍ଜନ ସେନାପତି, ଜାତୀୟ ରାଜପଥ କର୍ତ୍ତୃପକ୍ଷ ଜେ.ପି. ବର୍ମା। ପ୍ରମୁଖଙ୍କ ସହ ସଂପୃକ୍ତ ବିଭାଗୀୟ ଅଧିକାରୀ ଓ କମିଟି ସଦସ୍ୟମାନେ ଏହି ମିଟିଂରେ ଯୋଡ଼ି ହୋଇ ଆଲୋଚନାରେ ମତାମତ ପ୍ରକାଶ କରିଥିଲେ । ଏହି ବୈଠକର ଆବାହକ ଭାରପ୍ରାପ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଖଗେଶ୍ୱର ମୁର୍ମୁଙ୍କ ଦ୍ୱାରା ସଡ଼କ ଦୁର୍ଘଟଣା ଓ ସଡ଼କ ସୁରକ୍ଷା ନେଇ ବିଭିନ୍ନ ବିଷୟ ଆଧାରରେ ବିବରଣୀ ଉପସ୍ଥାପନ କ୍ରମେ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ପ୍ରଦତ୍ତ ତଥ୍ୟ ଅନୁଯାୟୀ ୨୦୨୩ ବର୍ଷରେ ଜାନୁୟାରୀ ରୁ ଏପ୍ରିଲ ୪ ମାସରେ ୪୫ଟି ମୃତ୍ୟୁ, ୫୦ଟି ଗୁରୁତର ଆହତ ଓ ୬ଟି ସାମାନ୍ୟ ଆହତ ଏବଂ ଆହତ ହୋଇନଥିବା ୧୨ଟି ଦୁର୍ଘଟଣାର କେଶ୍ ରିପୋର୍ଟିଂ କରାଯାଇଛି। ଏଥିରେ ୪୫ ଜଣଙ୍କର ମୃତ୍ୟୁ ଘଟିଥିଲାବେଳେ ସମୁଦାୟ ୬୪ଜଣ ଗୁରୁତର ଓ ୧୯ ଜଣ ସାମାନ୍ୟ ଆହତ ଭାବେ ପ୍ରଭାବିତ ହୋଇଛନ୍ତି। ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ଓ ଆହତ ସଂଖ୍ୟା ହ୍ରାସ ପାଇଁ ଦୁର୍ଘଟଣା ଘଟିବାର କାରଣ ନିର୍ଣ୍ଣୟ ପୂର୍ବକ ନିରାକରଣ ପାଇଁ ପଦକ୍ଷେପ ନେବାକୁ ସଂପୃକ୍ତ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ନିଶା ସେବନ କରି ଗାଡ଼ି ଚଳନା, ଦ୍ରୁତ ଗତି, ବିନା ହେଲମେଟ୍ ଓ ବିନା ସିଟ୍ ବେଲଟରେ ଗାଡ଼ି ଚଳନା, ଦ୍ରୁତ ଗତିରେ ଅତିକ୍ରମ କରିବା, ବିପଦାପନ୍ନ ଯାତ୍ରୀ ପରିବହନ, ଗାଡ଼ିଚଳନା ସମୟରେ ମୋବାଇଲ ବ୍ୟବହାର ଆଦି ଘଟଣାକୁ ଧରପଗଡ଼ କରାଯିବା ସହିତ ସଚେତନତାର ଆବଶ୍ୟକତା ଅଛି ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ ॥ ବିଶେଷ କରି ଦୁର୍ଘଟଣା ପ୍ରବଣ ରାସ୍ତା, ବୁଲାଣି, ସ୍କୁଲ ଆଦି ଜାଗା ମାନଙ୍କରେ ସବୁ ଜାଗାରେ ସାଇନେଜ୍ ଦୃଶ୍ୟମାନ ହେଉନଥିବା କିମ୍ବା ଲଗାଯାଇଥିବା ଫଳକକୁ କିଏ କାଢ଼ି ନେଉଥିବା ଘଟଣା ଯୋଗୁ ରେଡ଼ିୟମ୍ ସାଇନେଜ୍ ଓ ରାସ୍ତାରେ ପେଣ୍ଟିଂ ଦ୍ୱାରା ସତର୍କତା ଚିହ୍ନ ବ୍ୟବହାର ଉପରେ ଜିଲ୍ଲାପାଳ ଅଧିକ ଗୁରୁତ୍ୱ ପ୍ରଦାନ କରିଥିଲେ। ରାସ୍ତା ନିର୍ମାଣ ସମୟରେ ସଡ଼କ ସୁରକ୍ଷା ଚିନ୍ତା ମନରେ ରଖିବାକୁ ମଧ୍ୟ ସେ ପରାମର୍ଶ ପ୍ରଦାନ କରିଥିଲେ। ଅଧିକ ଗତିରେ ଯାନ ବାହାନ ଚାଳନା ପ୍ରବଣ ଅଞ୍ଚଳରେ ଅସ୍ଥାୟୀ ଭ୍ରାମ୍ୟମାଣ ପୋଲିସ୍ ବିଭାଗ ସୂଚନା ଥିବା ଲୌହ ବ୍ୟାରିକେଡ୍ ଦ୍ୱାରା ଜିଗ୍‌ଜାଗ୍ ବ୍ୟବସ୍ଥା ପ୍ରଚଳନ ପାଇଁ ମଧ୍ୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଜେ.ପି. ବର୍ମା। ପ୍ରସ୍ତାବ ପ୍ରଦାନ କରିଥିଲେ। କମିଟି ସଦସ୍ୟ ରୋଟାରିଆନ୍ ଅତିସ୍ ବେହେରା ସହରରେ ଟ୍ରାକ୍ଟର ଚଳାଉଥିବା ଅଧିକାଂଶ ଗାଡ଼ି ଚଳନା ଲାଇସେନ୍‌ସ ନଥିବା ନାବାଳକ ଡ୍ରାଇଭର ସମସ୍ୟା, ଡ଼ାଲା ଅଟୋ, ଖାଦ୍ୟ ପରିବହନ ଗାଡ଼ିରେ ବିପଦାପନ୍ନ ଶ୍ରମିକ ପରିବହନ ଏବଂ ଅଧିକ ଉଚ୍ଚତା ସମ୍ପନ ହମ୍ପସ୍ ଯୋଗୁଁ ଦୁର୍ଘଟଣା ବଢ଼ୁଥିବାରୁ ତାର ସମାଧାନ ଦିଗରେ ପଦକ୍ଷେପ ନେବାପାଇଁ ପ୍ରସ୍ତାବ ରଖିଥିଲେ। ରାସ୍ତାରେ ବେନିୟମ୍ ଗାଡ଼ିପାର୍କିଂ, ସର୍ଭିସ୍‌ରୋଡ୍ କି ରାଜପଥକୁ ଲାଗି ରହିଥିବା ଦୋକାନ ଆଦି ଉଚ୍ଛେଦ ପାଇଁ ମଧ୍ୟ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଏ.ଆର.ଟି.ଓ. ଶ୍ରୀକାନ୍ତ ଦାସ, ସଡ଼କ ସୁରକ୍ଷା ଅଧିକାରୀ ଏସ୍.କେ. ରହିମ୍ ଙ୍କ ସହ ପୂର୍ତ୍ତ ଅଧୀକ୍ଷଣ ଯନ୍ତ୍ରୀ, ଆଉ.ଡ଼ି. ୧ ଓ ୨ ର ନିର୍ବାହୀ ଯନ୍ତ୍ରୀ, ବସ୍ ମାଲିକ୍ ସଂଘର ଶ୍ରୀନିବାସ ପତି, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ପ୍ରମୁଖ ଜୁମ୍ ଜରିଆରେ ଏହି ବୈଠକ ସହ ଯୋଡ଼ି ହୋଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### ୧୮ ତାରିଖରେ ପ୍ରକାଶ ...

ପିଲାମାନେ ମୋବାଇଲରେ ଏସଏମଏସ କରି ମଧ୍ୟ ଜାଣିପାରିବେ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ଛାତ୍ରଛାତ୍ରୀ ମାନେ ୱେବସାଇଟରୁ ବି ଫଳ ଜାଣିପାରିବେ । ବୋର୍ଡ ୱେବସାଇଟରେ ଛାତ୍ରଛାତ୍ରୀ ରେଜଲ୍ଟ ଜାଣିପାରିବେ। ଏହାସହିତ ନିଜର ମୋବାଇଲରୁ ଓଆର୧୦ ଏବଂ ନିଜର ରୋଲ ନମ୍ବରକୁ ଟାଇପ କରି ୫୬୭୬୭୫୦କୁ ପଠାଇଲେ ପରୀକ୍ଷା ଫଳ ଜାଣିହେବ। ଏଥର ୫ ଲକ୍ଷ ୧୮ ହଜାର ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ଏଥର ପରୀକ୍ଷାଫଳକୁ ତ୍ରୁଟିଶୂନ୍ୟ କରିବା ଲାଗି ପ୍ରୟାସ କରାଯାଇଛି। ସୂଚନାଯୋଗ୍ୟ, ମାଟ୍ରିକ୍, ମଧ୍ୟମା, ମୁକ୍ତବିଦ୍ୟାଳୟ ପାଇଁ ମୋଟ ୫ଲକ୍ଷ ୪୧ହଜାର ୨୪୭ ପରୀକ୍ଷାର୍ଥୀ ଫର୍ମପୂରଣ କରିଥିବା ବେଳେ ରାଜ୍ୟର ୩୨୧୮ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ପ୍ରଶ୍ନପତ୍ର ରଖିବା ପାଇଁ ୩୧୬ଟି ନୋଡାଲ ସେଣ୍ଟର କରାଯାଇଥିଲା। ରାଜ୍ୟରେ ୫୫ଟି ମୂଲ୍ୟାୟନ କେନ୍ଦ୍ରରେ ପରୀକ୍ଷାର୍ଥୀଙ୍କ ଉତ୍ତର ଖାତାର ମୂଲ୍ୟାୟନ ଏପ୍ରିଲ ୩ ତାରିଖରୁ ଆରମ୍ଭ ହୋଇ ୧୨ ଦିନ ପର୍ଯ୍ୟନ୍ତ ଚାଲିଥିଲା।

### ବେଆଇନ ବାଣ ....

ରାଜ୍ୟ ସିଆଇଡି ଏହି ବିସ୍ଫୋରଣର ତଦନ୍ତ କରିବ । ସେ କହିଛନ୍ତି ଯେ କାରଖାନାଟି ଓଡ଼ିଶା ସୀମା ନିକଟରେ ଅବସ୍ଥିତ । ପୂର୍ବରୁ ଅଭିଯୁକ୍ତକୁ ଗିରଫ କରାଯାଇଥିଲା। ତା' ବିରୋଧରେ ଚାର୍ଜସିଟ୍ ଥିଲା। ପରେ ତାକୁ ଜାମିନ ମିଳିଥିଲା। ସେ ପୁଣି ବେଆଇନ ଭାବେ ନିଜର ବ୍ୟବସାୟ ଆରମ୍ଭ କରିଥିଲା । ଆଜିର ବିସ୍ଫୋରଣ ପରେ ସେ ଓଡ଼ିଶା ଫେରାର ହୋଇଯାଇଛି ବୋଲି ମମତା ବାନାର୍ଜୀ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଏହି ବିସ୍ଫୋରଣ ଘଟଣାର ଏନଆଇଏ ତଦନ୍ତ ଦାବି କରିଛନ୍ତି ବିଜେପି ରାଜ୍ୟ ସଭାପତି ।

### ପୂର୍ବତନ ମନ୍ତ୍ରୀ ଶଶିଭୂଷଣ....

ଉଲ୍ଲେଖଯୋଗ୍ୟ, ରୋନାଲିଙ୍କ ବାପା ଜଣେ ଅବସରପ୍ରାପ୍ତ କର୍ମଚାରୀ। ଏଣେ ଅଭିଯୋଗ ପରେ ସଫେଇ ରଖିଛନ୍ତି ଶଶିଭୂଷଣ ବେହେରା। ସେ କହିଛନ୍ତି, ବିବାଦର ସମାଧାନ ପାଇଁ ଉଦ୍ୟମ ଚାଲିଛି। ଯୌତୁକ ନିର୍ଯାତନା ଅଭିଯୋଗର ପ୍ରାସଙ୍ଗିକତା ନାହିଁ। ମନ୍ତ୍ରିମଣ୍ଡଳ ପ୍ରସଙ୍ଗ ଚର୍ଚ୍ଚାରେ ଥିବାରୁ ଏହା ବିରୋଧୀଙ୍କ ଏକ ଷଡ଼ଯନ୍ତ୍ର। ବୋହୂ ଆମ ପାଖରେ ଅଧିକ ସମୟ ରୁହନ୍ତି ନାହିଁ ।

### ଆଜି ଘୋଷଣା...

ସୂଚନାଯୋଗ୍ୟ, ୨୨୪ ଆସନ ବିଶିଷ୍ଟ କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ କଂଗ୍ରେସ ପ୍ରଚଣ୍ଡ ବହୁମତ ହାସଲ କରି ୧୩୫ ସିଟ୍‌ରେ ବାଜିମାତ୍ କରିଥିବା ବେଳେ ବିଜେପି ୬୬ ଏବଂ ଜେଡିଏସକୁ ୧୯ଟି ସିଟ୍ ମିଳିଛି। ରବିବାର ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ କର୍ଣ୍ଣାଟକରେ ନିଯୁକ୍ତ କଂଗ୍ରେସର ତିନି ଜଣ ପର୍ଯ୍ୟବେକ୍ଷକଙ୍କ ସହ ବେଙ୍ଗାଲୁରୁରେ ଆଲୋଚନା କରିଥିଲେ।

### ରାଜପରିବାରରେ....

ଅର୍କେଶ ପରାସ୍ତ ହେବା ପରେ ଡେରାଡୁନରେ ଥିବା ଅନଙ୍ଗ ଉଦୟଙ୍କ ଘରେ ରହୁଥିଲେ ସ୍ୱାମୀ-ସ୍ତ୍ରୀ । ଉଭୟଙ୍କ ଦାମ୍ପତ୍ୟ ଜୀବନ ଠିକ ଚାଲିଥିବା ବେଳେ ଗତ ବର୍ଷ ସେପ୍ଟେମ୍ବରରେ ଅଦ୍ରୀଜା ଆଣିଥିଲେ ନିର୍ଯାତନା ଅଭିଯୋଗ। ସ୍ୱାମୀ ତାଙ୍କ ପ୍ରତି ଅତ୍ୟାଚାର କରିଥିବାର ଅଭିଯୋଗ ଆଣିଥିଲେ ଅଦ୍ରୀଜା । ଏପରିକି ଡେରାଡୁନରେ ତାଙ୍କ ଘରେ ନିୟୋଜିତ କର୍ମଚାରୀମାନେ ମଧ୍ୟ ତାଙ୍କୁ ମାନସିକ ନିର୍ଯାତନା ଦେଉଥିବା ସେ ଅଭିଯୋଗ କରିଛନ୍ତି । ଏହା ମଧ୍ୟରେ ୮ ମାସରୁ ଅଧିକ ସମୟ ବିତିଗଲାଣି । ଆଉ ଏବେ ପୁଣି ଥରେ ଅଦ୍ରୀଜା ଉତ୍ତରାଖଣ୍ଡ ପୋଲିସ ଡିଜିଙ୍କୁ ଭେଟି ନିଜ ପାଇଁ ସୁରକ୍ଷା ମାଗିଛନ୍ତି । ସେପଟେ ଘଟଣା ଜଣାପଡିବା ପରେ ପ୍ରତିକ୍ରିୟା ରଖିଛନ୍ତି ଅର୍କେଶ ସିଂହଦେଓ । ସେ କହିଛନ୍ତି ଅଭିଯୋଗରେ ନାହିଁ କୌଣସି ସତ୍ୟାସତ୍ୟ । ଓଲଟା ଆଦ୍ରୀଜାଙ୍କ ପରିବାର ଅନେକ ସମୟରେ ତାଙ୍କୁ ମାନସିକ ସ୍ତରରେ ନିର୍ଯାତନା ଦେଉଥିବା ସେ ପାଲଟା ଅଭିଯୋଗ କରିଛନ୍ତି । ସେ କହିଛନ୍ତି ଅନେକ ସମୟରେ ତାଙ୍କ ଘରେ ଅଦ୍ରୀଜାଙ୍କ ବାପା ଆସି ରୁହନ୍ତି । ଘରକୁ ଗୁଣ୍ଡା ଆଣୁଥିଲେ ଆଦ୍ରୀଜାଙ୍କ ବାପା। ଏମିତିକି ଜମି ମାଫିଆଙ୍କ ସହ ତାଙ୍କର ସମ୍ପର୍କ ରହିଛି ବୋଲି ଅର୍କେଶ କହିଛନ୍ତି । ଆହୁରି ମଧ୍ୟ ସେ କହିଛନ୍ତି 'ଛଅ, ଆଠ ମାସ ହେଲା ଆଦ୍ରୀଜା ମୋ ନାଁରେ ଘରୋଇ ହିଂସା ମାମଲା କରିଛନ୍ତି । କେସ୍ ଫାଇଲ ପରେ ମୁଁ ସେ ଘର ଛାଡ଼ି ଦେଇଛି । ସେ କରୁଥିବା ଡିମାଣ୍ଡ ଆମ କାପାସିଟି ବାହାରେ ବୋଲି ଅର୍କେଶ ପ୍ରତିକ୍ରିୟାରେ ଜଣାଇଛନ୍ତି ।

### କଂଗ୍ରେସ କାହାର....

ମମତା ବାନାର୍ଜୀ ନିର୍ବାଚନ ମଇଦାନରେ କଂଗ୍ରେସକୁ ଦୁର୍ବଳ ଓ ପରାସ୍ତ କରିବା ପାଇଁ ଯଥାସମ୍ଭବ ପ୍ରୟାସ କରିଥିଲେ । ଅଧୀର ରଞ୍ଜନ ଚୌଧୁରୀ ଆହୁରି ମଧ୍ୟ କହିଛନ୍ତି, କଂଗ୍ରେସ କେତେ ଆସନରେ ଲଢିବ ତାହା ମମତା ସ୍ଥିର କରିପାରିବେ ନାହିଁ । ସେ କହିଛନ୍ତି ଯେ ମମତା ବାନାର୍ଜୀଙ୍କ ପ୍ରାସଙ୍ଗିକତା ଆଉ ନାହିଁ। କଂଗ୍ରେସ ବିନା ବିଜେପି ବିରୋଧରେ ଲଢ଼ିବା ଓ ଜିତିବା ଅସମ୍ଭବ ବୋଲି ସେମାନେ ଅନୁଭବ କରିବା ଆରମ୍ଭ କରିଛନ୍ତି । ସେଥିପାଇଁ ସେମାନଙ୍କ ସ୍ୱର ନରମ ଲାଗୁଛି ।

# ପୁରୀରେ ସାମୁହିକ ବ୍ରତୋପୟନ ଅନୁଷ୍ଠିତ

ପୁରୀ, ୧୬/୦୫ (ନି.ପ୍ର): ଉତ୍କଳ ବିଦ୍ୱତ ପରିଷଦ ଏବଂ ଆପଣଙ୍କ ସେବାରେ ଅନୁଷ୍ଠାନ ପକ୍ଷରୁ ମିଳିତ ଆନୁକୂଲ୍ୟରେ ପୁରୀ ଗୁଣ୍ଡିଚା ଭକ୍ତ ନିବାସ ପରିସରରେ ମାଗଣା ବ୍ରତୋପନୟନ ଅନୁଷ୍ଠିତ ହୋଇଛି। ଏହି ପବିତ୍ର ଉତ୍ସବ ରେ ଶ୍ରୀ ମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ, ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି, ବିଜେପି ର ରାଷ୍ଟ୍ରୀୟ ମୁଖପାତ୍ର ଡ.ସମ୍ବିତ ପାତ୍ର, ପଟ୍ଟାମୁଣ୍ଡାଇ ରାଧାରମଣ ଆଶ୍ରମ ର ମହନ୍ତ ଆସୀମାନନ୍ଦ ମହାରାଜ, ହାତିଆଖଡ଼ା ମଠର ମହନ୍ତ ସୁଖରାମ ଦାସ,ମହନ୍ତ ବଳରାମ କୋଟ, ମହନ୍ତ ବଳଗଣ୍ଡି ମଠ, ମହନ୍ତ ମଣୀରାମ ଆଶ୍ରମ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଦୁର୍ଗାଦାସ ମହାପାତ୍ର , ମାଧବ ପୂଜାପଣ୍ଡା,ଶ୍ରୀ ମନ୍ଦିର ସେବକ ଜଗନ୍ନାଥ ପୂଜାପଣ୍ଡା , ଜିଲ୍ଲା ସୁଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ପ୍ରମୁଖ ବିଶିଷ୍ଟ ଅତିଥିରୁପେ ଯୋଗଦେଇ ନବ ବ୍ରହ୍ମଚାରୀ ମାନଙ୍କୁ ଆଶ୍ରିବାଦ ପ୍ରଦାନ କରିଥିଲେ ।

# 'ବନ୍ଦେ ଭାରତ ଏକ୍ସପ୍ରେସ'ର ଉଦ୍‌ଘାଟନ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି

## ବାଲେଶ୍ୱର ରେଳ ଷ୍ଟେସନରେ ହେବ ସିଧା ପ୍ରସାରଣ



ବାଲେଶ୍ୱର, ୧୬/୦୫ (ନି.ପ୍ର): ଆସନ୍ତା ୧୮ ତାରିଖରୁ ପୁରୀରୁ ଯାତ୍ରା ଶୁଭାରମ୍ଭ କରୁଥିବା ବନ୍ଦେ ଭାରତ ଏକ୍ସପ୍ରେସକୁ ଆଭାସି ଜରିଆରେ ପ୍ରଧାନମନ୍ତ୍ରୀ ଉଦଘାଟନ କରୁଛନ୍ତି। ବାଲେଶ୍ୱର ରେଳ ଷ୍ଟେସନରେ ଏହାର ସିଧା ପ୍ରସାରଣ ହେବାକୁ ଯାଉଥିବା ବେଳେ ସଦର ବିଜେପ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି ।ଏନେଇ ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପ-ସଭାପତି ତଥା ସଦର ନିର୍ବାଚନମଣ୍ଡଳୀର ନେତା ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମଙ୍ଗଳବାର ରେଳ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି। କାର୍ଯ୍ୟକ୍ରମକୁ ସୁରୁଖୁରୁରେ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ।ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ସହର ଓ ଏହାର ଆଖପାଖ ଅଞ୍ଚଳରୁ ୫ ହଜାରରୁ ଉର୍ଦ୍ଧ୍ୱ ଲୋକ ଯୋଗଦାନ କରିବେ ବୋଲି ଶ୍ରୀ ଦତ୍ତ ଆଶା ପ୍ରକାଶ କରିଛନ୍ତି। ଓଡିଶାରେ ରେଳ ଭିତ୍ତିଭୂମି ବିକାଶକୁ ମୋଦି ସରକାର ପ୍ରାଥମିକତା ଦେଇ ଆସିଥିବା ବେଳେ ଏହି ବନ୍ଦେ ଭାରତ ଏକ୍ସପ୍ରେସ ଓଡିଶା ଏବଂ ପଶ୍ଚିମବଙ୍ଗର ସମନ୍ୱିତ ସଂସ୍କୃତି ଏବଂ ଐତିହ୍ୟକୁ ଯୋଡିବ ବୋଲି ସେ କହିଛନ୍ତି। ଏହି ସ୍ୱଦେଶୀ ଟ୍ରେନର ଶୁଭ ଉଦଘାଟନ ଅବସରରେ ବାଲେଶ୍ୱରର ସମସ୍ତ ବୁଦ୍ଧିଜୀବୀ, ଜନସାଧାରଣ, ଶିକ୍ଷାନୁଷ୍ଠାନରେ ପଢୁଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଶ୍ରୀ ଦତ୍ତ ଅନୁରୋଧ କରିଛନ୍ତି। ରେଳ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ବେଳେ ବାଲେଶ୍ୱର ରେଳ ବିଭାଗର ଷ୍ଟେସନ ମ୍ୟାନେଜର ଏସ କେ ଜେନା, ଖଡଗପୁର ସିଆଇ ଗୌରାଙ୍ଗ ସ୍ୱ, ବାଲେଶ୍ୱର ସିଆଇ ଏସ୍ ସାହା, ଅରୁଣ ପଲେଇଙ୍କ ସହ ବିଜେପି ରାଜ୍ୟ ସମ୍ପାଦିକା ଶିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ବରିଷ୍ଠ ନେତା ରବିନାରାୟଣ ମହାପାତ୍ର, ଉପେନ୍ଦ୍ର ଶତପଥୀ, ସୁଜିତ ଦେବ, ସୀତାକାନ୍ତ ସ୍ୱାଇଁ, ଗଙ୍ଗାଧର ରାଉତ, ଗୌରାଙ୍ଗ ଦାସ, ଲୋକନାଥ ଭୂୟାଁ, ଅନନ୍ତ ନାୟକ, ପ୍ରବୀର ଶଙ୍କର ଦାଶ, କାଉନସିଲର ରୋଜାଲିନ ପାଣି, ନିତ୍ୟଗୋପାଳ ସିଂ, ସତ୍ୟଶିବ ସୁନ୍ଦର ଦାଶ, ପ୍ରତିମା ବେହେରା, ସସ୍ମିତା ନାଥ, ନିରୁପମା ଦାଶ, ଚନ୍ଦ୍ରଶେଖର ନନ୍ଦ, ରାଜେନ୍ଦ୍ର ଚାଟାର୍ଜୀ, ହରେନ୍ଦ୍ର ପ୍ରଧାନ, ବିକାଶ ପାଢୀ, ସୌଭାଗ୍ୟ ମାନସ ନାୟକ, ଉମେଶ ବେହେରା, ଜୀବନ ପାଣି, ଅରବିନ୍ଦ ଜେନା, ପିତାମ୍ବର ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

# ୨ୟ ଶ୍ରୀକ୍ଷେତ୍ର ବାରିପଦାର ରଥ ନିର୍ମାଣରେ ବିଳମ୍ବ

## ସମୟ ମୁତାବକ ପହଂଚି ପାରୁନି ରଥକାଠ

## ନନ୍ଦିଘୋଷ ରଥର ଚକ-ଅଖ ଲାଗି କାମ ବି ସରିନି



ବାରିପଦା , ୧୬/୦୫ (ନି.ପ୍ର): ବିଶ୍ୱରେ ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବରେ ପ୍ରସିଦ୍ଧି ଲାଭ କରିଥିବା ବାରିପଦାର ଶ୍ରୀ ଶ୍ରୀ ହରିବଳଦେବ ଜୀଉ ବିଜେ ମହାପ୍ରଭୁ ଙ୍କର ରଥଯାତ୍ରା ପାଇଁ ବାରିପଦା ରଥଖଳାରେ ତିନିରଥର ନିର୍ମାଣକାମ ଚାଲିଛି. ରଥଯାତ୍ରାକୁ ଆଉ ମାସେ ୪ଦିନ ସମୟ ଥିବାବେଳେ ବର୍ତ୍ତମାନସୁଦ୍ଧା ତାଳଧ୍ୱଜ ଏବଂ ଦେବଦଳନ ରଥର ନାହାକ ପର୍ଯ୍ୟନ୍ତ ଅର୍ଥାତ ୫୦ଶତକଡା କାମ ସରିଥିବା ବେଳେ, ନନ୍ଦିଘୋଷ ରଥର ଚକ-ଅଖ ଲାଗି କାମ ମଧ୍ୟ ସରିନି. ରଥ ନିର୍ମାଣ ପାଇଁ କଟାଯାଇଥିବା କାଠ ରଥ ଖଳାରେ ସମୟ ମୁତାବକ ପହଂଚି ନପାରିବାରୁ ରଥ ନିର୍ମାଣ କାମ ଚଳିତ ବର୍ଷ ପଛେଇ ଯାଇଛି। ପ୍ରଶାସନ ପକ୍ଷରୁ କାଠ ଯୋଗାଇ ଦେବାର ତ୍ୱରିତ ବ୍ୟବସ୍ଥା ହେଉନଥିବାରୁ କାରିଗରମାନଙ୍କୁ ହାତବାନ୍ଧି ବସିବାକୁ ପଡୁଛି । ଏଭଳି ମନ୍ଥର ଗତିରେ ରଥ ନିର୍ମାଣ କାମ ଚାଲିଲେ ଜୁନ ୨୦ ରଥ ଯାତ୍ରା ପୂର୍ବରୁ ରଥ ନିର୍ମାଣ କାମ ଶେଷ ହେବା ନେଇ ଆଶଙ୍କା ଦେଖା ଦେଇଛି । ରଥ କାରିଗର ମାନଙ୍କ ଉପରେ ବାଣ୍ଠିଆ (ସାନ) ଜଗନ୍ନାଥ ମହାପ୍ରଭୁଙ୍କ ରଥ ନିର୍ମାଣ କାମର ଦାୟିତ୍ୱ ମଧ୍ୟ ରହିଛି। ଆବଶ୍ୟକ କାଠ ଆସି ପାରି ନଥିବାରୁ କାରିଗର ଓ ଶ୍ରଦ୍ଧାଳୁ ଉଭୟ ଚିନ୍ତାରେ ଥିବା ବେଳେ ୨/୪ଦିନ ମଧ୍ୟରେ ସବୁ କାଠ ପହଞ୍ଚି ପାରିଲେ ନିର୍ଦ୍ଧାରିତ ସମୟ ପୂର୍ବରୁ ରଥ ନିର୍ମାଣ କାମ ଶେଷ ହୋଇଯିବ ବୋଲି କହିଛନ୍ତି ରଥ ମହାପାତ୍ର ମୃତ୍ୟୁଞ୍ଜୟ ମହାପାତ୍ର । ତେବେ ରଥ କାଠ ଯଥାଶୀଘ୍ର ପହଞ୍ଚିବାର ବ୍ୟବସ୍ଥା କରାଯାଉଛି ଏବଂ ସବୁ କାରିଗର କାମରେ ଲାଗିବେ ଓ ନିର୍ଦ୍ଧାରିତ ସମୟ ପୂର୍ବରୁ ରଥ ନିର୍ମାଣ କାର୍ଯ୍ୟ ଶେଷ ହୋଇଯିବ ବୋଲି ବାରିପଦା ଉପଜିଲ୍ଲାପାଳ ତଥା ଦେବୋତ୍ତର ନିର୍ବାହୀ ଅଧିକାରୀ ଈଶ୍ୱର ଚନ୍ଦ୍ର ନାଏକ କହିଛନ୍ତି।

# ସେଲ ଆରଏସପିର ଷ୍ଟିଲ ମେଲ୍ଟିଂ ସପ-୨ ବିଭାଗରେ କାଷ୍ଟର-୪ର ପ୍ରକଳ୍ପ କାର୍ଯ୍ୟର ଦୃତ ଅଗ୍ରଗତି



ରାଉରକେଲା, ୧୬/୦୫ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର ଷ୍ଟିଲ ମେଲ୍ଟିଂ ସପ-୨ ବିଭାଗରେ କାଷ୍ଟର-୪ ସ୍ଥାପନର ପ୍ରକଳ୍ପ କାର୍ଯ୍ୟ ଦୃତ ଗତିରେ ଆଗେଇଚାଲିଛି। ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଅତନୁ ଭୌମିକ ୨୦୨୨ ଜୁନ ୨୧ ତାରିଖରେ ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସୂଚନାଯୋଗ୍ୟ ଯେ ଏସଏମଏସ-୨ ବିଭାଗର ସ୍ଲାବ କାଷ୍ଟର-୧ ନିକଟରେ ଏକ ଅତ୍ୟାଧୁନିକ ଉନ୍ନତ ବୈଷୟିକ ଜ୍ଞାନକୌଶଳ ସମ୍ପନ୍ନ, ଶକ୍ତି ନିପୁଣ ତଥା ପରିବେଶ ଅନୁକୂଳ ସ୍ଲାବ କାଷ୍ଟର ଓ ଲାଡେଲ ଫର୍ଣ୍ଣେସ ପ୍ରାୟ ୭୯୨ କୋଟି ଟଙ୍କା ପ୍ରକଳ୍ପ ବ୍ୟୟରେ ନିର୍ମାଣ କରାଯାଉଛି। ଏହି ନୂତନ ସୁବିଧା ସମୂହ ବିଭାଗରେ କାଷ୍ଟର ଉପଲବ୍ଧତାରେ ଯଥେଷ୍ଟ ଉନ୍ନତି ଆଣିବା ସହ ବିବିଧ ଗ୍ରେଡ୍ ବିଶିଷ୍ଟ ଷ୍ଟିଲ କାଷ୍ଟିଙ୍ଗ କ୍ଷମତା ସମେତ ସାଂପ୍ରତିକ ଉତ୍ପାଦନ ବ୍ୟବଧାନ ଦୂର କରିବ ଓ ଭବିଷ୍ୟତ ଆବଶ୍ୟକତା ପୂରଣ କରିବ। ଏହା ବ୍ୟତୀତ ଏହା ବାଣିଜ୍ୟିକ ଏବଂ ମୂଲ୍ୟଯୁକ୍ତ ଷ୍ଟିଲ୍ ଗ୍ରେଡ୍ ଉତ୍ପାଦନ କରିବାରେ ସକ୍ଷମ ହେବ ଯାହା ମଧ୍ୟରେ ଏପିଆଇ (ତୈଳ ଏବଂ ଗ୍ୟାସ୍ ପାଇପ୍), ବଏଲର ମାନର ପ୍ଲେଟ୍, ସେଲ ଫର୍ମିଙ୍ଗ ଅଟୋ ଉପକରଣ, ଡବ୍ଲୁଟିସିଆର , ଏଚର୍ଟିଏଚଏସଏଲଏ , ସେଲଏମସି (ଚେନ, କ୍ଲଚ୍ ପ୍ଲେଟ୍), ଏଲପିଜି (ଏଲପିଜି ସିଲିଣ୍ଡର), ତମ୍ବା ଧାରଣକାରୀ ଷ୍ଟିଲ୍, ସେଲକର, ସିଆରଏନଓ (ବୈଦ୍ୟୁତିକ ଷ୍ଟିଲ) ଇତ୍ୟାଦି ସାମିଲ ରହିଛି । ପ୍ଲାଣ୍ଟ ମୁଖ୍ୟ ରାସ୍ତାରୁ ଏସଏମଏସ-୨ ପର୍ଯ୍ୟନ୍ତ ଥିବା ରାସ୍ତା ନିର୍ମାଣ ତଥା ଟଣ୍ଡିସ୍ ଟ୍ରାକ ଏକ୍ସଟେନ୍ସନ୍ ନିର୍ମାଣ ପାଇଁ କେତେକ ପୁରାତନ ସୁବିଧା ଭଙ୍ଗାଯାଇ ସେଗୁଡିକୁ ଅପସାରିତ କରାଯାଇଛି। କାର୍ଯ୍ୟ ସମାପ୍ତ ପରେ ବିଭାଗକୁ ବହୁ ନୂତନ ସୁବିଧା ହସ୍ତାନ୍ତର କରାଯାଇଛି। ତନ୍ମଧ୍ୟରେ ସ୍ଥାନାନ୍ତରିତ ନୂତନ ପିସି ରୁମ୍ , ତିନୋଟି ଭର୍ଟିକାଲ୍ ଲାଡଲ୍ ଷ୍ଟାଣ୍ଡ, ମେକାନିକାଲ୍ ଏବଂ ଇଲେକ୍ଟ୍ରିକାଲ୍ ଷ୍ଟୋର ବିଲଡିଂ , ଦୁଇଟି ଭର୍ଟିକାଲ୍ କୁଲର୍ , ୪ଟି ଲେଡଲ ରିଲାଇନିଙ୍ଗ୍ ପିଟ ଏବଂ ଦୁଇଟି ଟଣ୍ଡିସ୍ ଷ୍ଟାଣ୍ଡ ଅନ୍ତର୍ଭୁକ୍ତ ଅଛି। ଟଣ୍ଡିଶ୍ ରିଲାଇନିଙ୍ଗ ସେବା ସୁଗମ କରିବା ପାଇଁ ଜିବ୍ କ୍ରେନ୍ କୁ କେ.ଏଲ୍ ବେ'କୁ ସ୍ଥାନାନ୍ତରିତ କରାଯାଇଛି। ସେହିଭଳି ମୁଖ୍ୟ ସଡକରୁ ଏସଏମଏସ-୨ ପର୍ଯ୍ୟନ୍ତ ବିଦ୍ୟମାନ ଇଲେକ୍ଟ୍ରିକଲ ଷ୍ଟୋର ପର୍ଯ୍ୟନ୍ତ ଆପ୍ରୋଚ ସଡକର ସିଭିଲ କାମ ଶେଷ ହୋଇଛି।
ବର୍ତ୍ତମାନ ଚାଲିଥିବା ନିର୍ମାଣ କାର୍ଯ୍ୟରେ ଏମର୍ଜେନ୍ସି ଓଭର ହେଡ୍ ୱାଟର ଟ୍ୟାଙ୍କ, ଅଫିସ୍ ବିଲଡିଂ, ବିସ୍ତାରିତ ମେନ୍ ଶେଡ୍ ବିଲଡିଂ, ବଲ୍କ ଅଏଲ୍ ଷ୍ଟୋରେଜ୍, ଇଲେକ୍ଟ୍ରିକାଲ୍ ବିଲଡିଂ, ବୁଷ୍ଟର୍ ପମ୍ପ ହାଉସ୍ ଟଣ୍ଡିଶ୍ ରିଲାଇନିଙ୍ଗ ଷ୍ଟାଣ୍ଡ, ଟଣ୍ଡିସ୍ ଟ୍ରାକ୍ ଏକ୍ସଟେନ୍ସନ୍, ଟଣ୍ଡିସ୍ ଟିଲ୍ଟର୍ ଏବଂ ଏଫଇଏସ ଷ୍ଟାକ ଫାଉଣ୍ଡେସନ୍ ସ୍କେଲ୍ ପିଟ୍ ଇତ୍ୟାଦି ଅନ୍ତର୍ଭୁକ୍ତ ରହିଛି। ଏହି ସମସ୍ତ ପ୍ରକଳ୍ପ କାର୍ଯ୍ୟକୁ ଏସଏମଏସ-୨ ବିଭାଗର ସିଜିଏମ ତଥା ପ୍ରକଳ୍ପ ସ୍ୱତ୍ୱାଧିକାରୀ ଶ୍ରୀ ଟି ପି ଶିବଶଙ୍କର, ପ୍ରକଳ୍ପ ବିଭାଗର ଜିଏମ ତଥା ପ୍ରକଳ୍ପ ପ୍ରବନ୍ଧକ ଶ୍ରୀ ଡ଼ି ପ୍ରସାଦ ଏବଂ ଏସଏମଏସ-୨ ବିଭାଗର ଜିଏମ ଶ୍ରୀ ଏସ୍.କେ.ନାୟକ ଏହି ପ୍ରକଳ୍ପ କାର୍ଯ୍ୟର ତତ୍ତ୍ୱାବଧାନ କରୁଛନ୍ତି।
ମେସର୍ସ ଏସଏମଏସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ, ନୂଆଦିଲ୍ଲୀ ଏବଂ ମେସର୍ସ ଏସଏମଏସ ଗ୍ରୁପ ଜିଏମବିଏଚ, ଜର୍ମାନୀକୁ ନେଇ ଗଠିତ କନସ୍ୱର୍ଟିୟମ ଏହି ପ୍ରକଳ୍ପର କାର୍ଯ୍ୟନିର୍ବାହୀ ଏଜେନ୍ସି ହୋଇଥିବାବେଳେ ସେଣ୍ଟର ଫର ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି, ରାଞ୍ଚି ଏହାର ପରାମର୍ଶଦାତା ରହିଛି ।

# ନୀଳକଣ୍ଠେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆର୍ଟ ଅଫ ଗିଭିଂ ଦିବସ




ବାଲେଶ୍ୱର, ୧୬/୦୫ (ନି.ପ୍ର): ସହର ଉପକଣ୍ଠ ଖାନନଗର ପଞ୍ଚାୟତର ବାଙ୍ଗରାସ୍ଥିତ ନୀଳକଣ୍ଠେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦଶମ 'ଇଣ୍ଟରନ୍ୟାସନାଲ ଆର୍ଟ ଅଫ ଗିଭିଂ' ଦିବସ କିଟ ବିଶ୍ୱବିଦ୍ୟାଳୟ ସହଯୋଗରେ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଶଶିଭୂଷଣ କର ସଭାପତିତ୍ୱ କରିଥିଲେ। ସ୍ଥାନୀୟ ସରପଞ୍ଚ ଅଞ୍ଜନ କୁମାର ନାୟକ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜରେ ପରସ୍ପରକୁ ସାହାଯ୍ୟ ସହଯୋଗ ଓ ଶାନ୍ତିମୈତ୍ରୀ ସୃଷ୍ଟିରେ ଏହି ଚିନ୍ତାଧାରା ସହାୟକ ହେବ ବୋଲି ଆଶା ପ୍ରକାଶ କରିଥିଲେ। ଯୁବ ରେଡ଼କ୍ରସର କାଉନସିଲର ମାନସ ରଂଜନ ମିଶ୍ର ବିଶିଷ୍ଟ ଶିକ୍ଷାବିତ ଓ ସମାଜସେବୀ ଡ. ଅଚ୍ୟୁତ ସାମନ୍ତଙ୍କ ପ୍ରୟାସ ଓ ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ସମିତିସଭ୍ୟା ରଶ୍ମି ଦାସ, ନାଏବ ସରପଞ୍ଚ ନରେନ୍ଦ୍ର ଦାସ ପ୍ରମୁଖ ଏଥିରେ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପଞ୍ଚାୟତର ଗରିବ ଅସହାୟ ବ୍ୟକ୍ତିଙ୍କୁ ଛତା ଓ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଥିଲା। ଅଧ୍ୟାପକ ଜଗତାନନ୍ଦ ବିଶ୍ୱାଳ, ଗୌରାଙ୍ଗ ଚରଣ ବେହେରା, ଜ୍ୟୋତ୍ସ୍ନାରାଣୀ ସିଂ, ପୂର୍ଣ୍ଣଚନ୍ଦ୍ର ନାୟକ, ହେମନ୍ତ କୁମାର ନାୟକ ପ୍ରମୁଖ ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ।

# ଜିଲାପାଳଙ୍କ ଅଫିସ ଆଗରେ ସଫେଇ କର୍ମଚାରୀଙ୍କ ଧାରଣା

ବାଲେଶ୍ୱର, ୧୬/୦୫ (ନି.ପ୍ର): ବିଭିନ୍ନ ଦାବି ନେଇ ଗତ ଶୁକ୍ରବାରଠାରୁ ପୌରପାଳିକା ନିର୍ବାହୀ ଅଧିକାରୀଙ୍କ ଅଫିସ, ପୌରାଧକ୍ଷା, ପୌର ଉପାଧକ୍ଷ ଏବଂ ବିଧାୟକଙ୍କ ଘର ଆଗରେ ଧାରଣା ଦେବା ପରେ ସଫେଇ କର୍ମଚାରୀମାନେ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସେମାନଙ୍କ ସମସ୍ୟା ସମାଧାନ ସହ ସରକାରୀ ନିୟମ ଭିତ୍ତିରେ କାର୍ଯ୍ୟ କରିବା ଦାବିରେ ସେମାନେ ଜିଲାପାଳଙ୍କୁ ଗୁହାରୀ କରିବାକୁ ଯାଇଥିଲେ। ମାତ୍ର ଦୁଇଘଣ୍ଟା ଧାରଣାରେ ବସିବା ପରେ ଜିଲାପାଳଙ୍କ ସାକ୍ଷାତ ନ ପାଇ ସେମାନେ ପଳାଇ ଯାଇଥିଲେ। ପୌର କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁଁ ସହରକୁ ପରିଷ୍କାର ପରିଚ୍ଛନ୍ନ ରଖୁଥିବା ସଫେଇ କର୍ମଚାରୀଙ୍କୁ ଏବେ ବାରଦ୍ୱାର ହେବାକୁ ପଡୁଛି ବୋଲି ସେମାନେ ଆରୋପ ଉଠାଇଛନ୍ତି। ସହରର ବର୍ଜ୍ୟବସ୍ତୁ ପରିଚାଳନାରେ ସରକାରୀ ନିୟମ ପାଳନ କରିବା ପରିବର୍ତ୍ତେ ପୌର କର୍ତ୍ତୃପକ୍ଷ ସେମାନଙ୍କୁ ଠକି ଚାଲିଥିବା ସଫେଇ କର୍ମଚାରୀ ନେତା ଲକ୍ଷ୍ମଣ ବେହେରା ଅଭିଯୋଗ ଉଠାଇଛନ୍ତି। ଜିଲାପାଳ ଯଦି ଉଚିତ ପଦକ୍ଷେପ ନ ନିଅନ୍ତି ତାହେଲେ ଆଗାମୀ ଦିନରେ ବାଲେଶ୍ୱର ସହରରେ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ ସହ ଅହୋରାତ୍ର ଧାରଣା ଭଳି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି ।

ବୁଧବାର, ମଇ ୧୭, ୨୦୨୩

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ହେଲଦି ଲାଇଫରେ ମାନସିକ ବିକାଶ ଯୋଗ ଶିବିର

ବାଲେଶ୍ୱର, ୧୬/୦୫ (ନି.ପ୍ର): ସହରର ଚିଡ଼ିଆପୋଲ ସ୍ଥିତ ହେଲଦି ଲାଇଫ ଯୋଗ ମହାବିଦ୍ୟାଳୟ 'ଇନଷ୍ଟିଚ୍ୟୁଟ ଅଫ ନେଚର କିୟର ଏଣ୍ଡ ଯୋଗିକ ସାଇନ୍ସ'ରେ ଶିଶୁ ଓ କିଶୋରଙ୍କ ମାନସିକ ବିକାଶ ଆଧାରିତ ଗ୍ରୀଷ୍ମକାଳୀନ ଯୋଗଶିକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହା ୧୧ ତାରିଖରୁ ଆରମ୍ଭ ହୋଇ ୧୬ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ମଙ୍ଗଳବାର ଆୟୋଜିତ ଉଦଯାପନୀ ଉତ୍ସବରେ ରେମୁଣା ମହାବିଦ୍ୟାଳୟ ଅଧ୍ୟାପିକା ପ୍ରିୟଙ୍କା ପାଣି ଯୋଗଦେଇ ଛାତ୍ରଛାତ୍ରୀଙ୍କ ପାଇଁ ଯୋଗ, ପ୍ରାଣାୟମ ଓ ଧ୍ୟାନ ଶିକ୍ଷାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଶିଶୁ ଓ କିଶୋରଙ୍କ ମାନସିକ ବିକାଶରେ ହେଲଦି ଲାଇପ ଅନୁଷ୍ଠାନର ଏହି ଉଦ୍ୟମ ବେଶ ପ୍ରଶଂସନୀୟ ବୋଲି ସେ କହିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଡାକ୍ତର ଚିତ୍ତରଂଜନ ସାହୁ ଏଥିରେ ଯୋଗଦେଇ ଯୋଗାସନ ସହିତ ଧ୍ୟାନ, ପ୍ରାଣାୟମ ଓ ଯୋଗ ଆଦି ଖେଳ ମାଧ୍ୟମରେ ପିଲାଙ୍କ ମାନସିକ ବିକାଶ କରାଯାଇଥାଏ ବୋଲି କହିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା ଦେବୀ ଅର୍ଚ୍ଚନା ଦାସ ଏହି ଶିବିର ଆୟୋଜନ ଓ ପରିଚାଳନା ସମ୍ପର୍କରେ ସୂଚନା ଦେଇଥିଲେ। ଗ୍ରୀଷ୍ମଛୁଟିରେ ପିଲାମାନଙ୍କୁ ପ୍ରାକୃତିକ ଜୀବନ ଶୈଳୀ ସମ୍ପର୍କରେ ଶିକ୍ଷାଦାନ କରାଯାଇଥାଏ ବୋଲି ସେ କହିଥିଲେ। ଏହି ଅବସରରେ ଶିବିରାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।



# ଭାରତ ସଞ୍ଚାର ନିଗମର ଖାମଖିଆଲ ନୀତି

## ବିପଦ ଆଣିପାରେ ଭଙ୍ଗା ପୁରୁଣା ମୋବାଇଲ ଟାୱାର

ଲଙ୍ଗଳେଶ୍ୱର, ୧୬/୦୫ (ନି.ପ୍ର): ବାଲିଆପାଳ ବ୍ଲକ ଦେଭୋଗ ପଞ୍ଚାୟତର ବିଷ୍ଣୁପୁର ଦେବେନ୍ଦ୍ର ପ୍ରସାଦ ରଣାଙ୍କ ଘରବାଡ଼ି ନିକଟରେ ଅନ୍ୟଏକ ପ୍ଲଟ ନମ୍ବର ୪୯୫ ଜମିରେ ଥିବା ଭାରତ ସଞ୍ଚାର ନିଗମର ବହୁ ପୁରୁଣା ଅକାମି ଟାୱାର ରହିଛି।ଏହି ଟାୱାର କେତେବେଳେ ଯେ ବିପଦ ନ ଘଟାଇବ ତାହା କେହି କହିପାରିବେ ନାହିଁ।କାରଣ ପ୍ରାୟ ଦଶ ବର୍ଷ ହେଲା ଏହା ଅକାମି ହୋଇ ପଡିଛି। ଯାହାକି ଲୁହା ଖମ୍ବ ଗୁଡ଼ିକ କଳଙ୍କି ଲାଗି ଖଣ୍ଡ ଖଣ୍ଡ ଝଡି ପଡ଼ିଲାଣି। ବାତ୍ୟା କି ଝଡ଼ ତୋଫାନରେ କେତେବେଳେ ଯଦି ଭାଙ୍ଗିଯାଏ ତେବେ ପାଖରେ ଥିବା ବହୁ ଘରଦ୍ୱାର ଭାଙ୍ଗି ଚୋରମାର ହେବା ସହିତ ଧନ ଜୀବନ ହାନି ମଧ ହେବାର ସମ୍ଭାବନା ରହିଛି।ଟାୱାରଟିକୁ ଭାଙ୍ଗି ନେବାକୁ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର କହିବା ସତ୍ତ୍ୱେ କେହି ଧ୍ୟାନ ଦେଉ ନାହାନ୍ତି ବୋଲି ଦେବେନ୍ଦ୍ର ରଣା, ରଥୀ ପ୍ରଧାନ, ଦିଗମ୍ବର ରଣା, ମିଟିକା ପ୍ରଧାନ, ଶିବ ପ୍ରଧାନ, ଅମୂଲ୍ୟ ପ୍ରଧାନ, ଗିରିଧାରୀ ମାଣିକ,ରାଜେନ୍ଦ୍ର ମାଣିକ,ବନମାଳୀ ମାଣିକ ପ୍ରମୁଖ ଅଭିଯୋଗ କରିଛନ୍ତି।କାର୍ଯ୍ୟରେ ଆସୁ ନ ଥିବା ଏଏହି ଟାୱାର କାହିଁକି ରହିଛି ବୋଲି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି।ବିଭାଗୀୟ ଭାରତ ସଞ୍ଚାର ନିଗମର ଅଧିକାରୀ ମାନେ ଯଦି ତୁରନ୍ତ କାର୍ଯ୍ୟକାରୀ ନ କରନ୍ତି ଟାୱାର ଚାରିପଟେ ଥିବା ଘରର ପରିବାର ସଦସ୍ୟମାନେ ମିଳିତ ଭାବରେ ଜିଲ୍ଲାପାଳଙ୍କଠାରେ ଆମରଣ ଅନଶନରେ ବସିବେ ବୋଲି ଜିଲ୍ଲାପାଳଙ୍କୁ ଜଣାଇଥିବା ଶ୍ରୀ ରଣା କହିଛନ୍ତି।



# ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ବିଶ୍ୱ ମାତୃତ୍ୱ ଦିବସ ପାଳିତ

ଲଙ୍ଗଳେଶ୍ୱର, ୧୬/୦୫ (ନି.ପ୍ର): ବାଲିଆପାଳ ବ୍ଲକ ଜଗାଇ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ରବିବାର ସନ୍ଧ୍ୟାରେ ବିଶ୍ୱ ମାତୃତ୍ୱ ଦିବସ ପାଳିତ ହୋଇଯାଇଛି। ବ୍ରହ୍ମାକୁମାରୀ ରମାଙ୍କ ସଞ୍ଚାଳନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପିକା ଡ଼ଃ କନକଲତା ଦତ୍ତ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉକ୍ତ ଦିବସ ବିଷୟରେ ଆଲୋଚନା କରି ସମାଜରେ ମାଆର ଭୂମିକା ଏକ ସୁସ୍ଥ ଓ ସୁଖୀ ପରିବାର ଗଠନରେ ଏକାନ୍ତ ସହାୟକ ହୋଇଥାଏ।ଜଣେ ମାଆ ଚାହିଁଲି ପରିବାରକୁ ଏକ ଉଚିତ ଦିଗଦର୍ଶନ ଦେଇ ଆଦର୍ଶ ପରିବାର ଗଢିପାରେ ବୋଲି ସେ କହିଥିଲେ।କାର୍ଯ୍ୟକ୍ରମ ପ୍ରାରମ୍ଭରେ ବ୍ରହ୍ମା କୁମାରୀ ଆରାଧନା ଭଉଣୀ ମାଆ ମାନଙ୍କ ଉଦ୍ଦେଶ୍ୟରେ ବହୁ ଶିକ୍ଷଣୀୟ ମତବ୍ୟକ୍ତବା ସହିତ ମାଆ ମାନଙ୍କ ପାଇଁ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ।ଏହି କାର୍ଯ୍ୟକ୍ରମରେ ବାବାଜୀ ଭାଇ, ଶ୍ୟାମ ଭାଇ, ଭରତ ଭାଇ ଓ ସମସ୍ତ ଅନ୍ତେବାସୀ ମାନେ ଉପସ୍ଥିତ ମାଆ ମାନଙ୍କୁ ଫୁଲ ଚନ୍ଦନ ଦେଇ ସମ୍ବର୍ଦ୍ଧିତ କରିଥିଲେ।




# ଟ୍ରେନ୍‌ରୁ ଖସି ଯୁବକ ମୃତ୍ୟୁ

କେନ୍ଦ୍ରାପଡ଼ା, ୧୬/୦୫ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ରଣପଡା ଗ୍ରାମର ସେକ ପାଇଁଙ୍କ ପୁଅ ସେକ ଜହିରୁଦ୍ଦିନ(୩୨) ହାଇଦ୍ରାବାଦ୍ ଯିବାପାଇଁ ଶୁକ୍ରବାର ଦିନ ଭୁନେଶ୍ୱର ରୁ କୋଣାର୍କ ଏକ୍ସପ୍ରେସ ରେ ବସିଥିଲେ । କାଳୁପଡା ନିକଟରେ ସେ ଖସି ଯିବାରୁ ତାଙ୍କ ସାଙ୍ଗରେ ଥିବା ଅନ୍ୟ ଯୁବକମାନେ ତାଙ୍କ ଘରକୁ ଖବର ଦେଇଥିଲେ । ଏନେଇ ପରିବାର ଲୋକ ବହୁ ଖୋଜା ଖୋଜି କରିବା ପରେ ତାଙ୍କ ଶବକୁ ନ ପାଇବାରୁ ଭୁବନେଶ୍ୱର ଥାନା ଏବଂ କାଳୁପଡା ଥାନାରେ ତାଙ୍କ ଭାଇ ସେକ କାଲୋ ଏତଲା ଦେଇଥିଲେ । କାଳୁପଡାର ଏକ ନିଛାଟିଆ ସ୍ଥାନରେ ଶବଟି ପଡିଥିବାର ଦେଖି ସ୍ଥାନୀୟ ଲୋକ କାଳୁପଡା ଥାନାରେ ଖବର ଦେବାପରେ ଥାନା ପକ୍ଷରୁ ପରିବାର ଲୋକଙ୍କୁ ଖବର ଦିଆଯାଇ ଥିଲା । ପରେ ପରିବାର ଲୋକେ ଘଟଣା ସ୍ଥଳରେ ପହଁଚି ଶବକୁ ଚିହ୍ନଟ କରିଥିଲେ । ପୋଲିସ ପକ୍ଷରୁ ଶବ ଚିହ୍ନଟ ହେବାପରେ ପରିବାର କୁ ହସ୍ତାନ୍ତର କରାଯାଇଛି ।

# ଦାଦନ ନେଲା ଜୀବନ: ଶବ ହୋଇ ଫେରିଲେ କାର୍ତ୍ତିକ

ନୀଳଗିରି, ୧୬/୦୫ (ନି.ପ୍ର): ସ୍ତ୍ରୀ ଛୁଆ ପିଲାଙ୍କ ମୁଁହରେ ଗଣ୍ଡେ ଦାନା ଦେଇ ସୁଖର ପରିବାର ସ୍ୱପ୍ନ ନେଇ ଘର ଛାଡ଼ି ସୁଦୁର ଗୁଜୁରାଟକୁ ଯାଇଥିଲା କାର୍ତିକ । ମାତ୍ର କେଇଟା ଦିନ ପରେ ଶବ ଆସିଲା ଘରକୁ । ଏଭଳି ଏକ ଯନ୍ତ୍ରଣାଦାୟକ ଘଟଣା ଦେଖିବାକୁ ମିଳିଛି ନୀଳଗିରି ଥାନା ଅଯୋଧ୍ୟା ଅଂଚଳରେ । ସୂଚନା ମୁତାବକ ଆଜିକୁ ପ୍ରାୟ ୨୦ବର୍ଷ ତଳେ ଖନ୍ତାପଡ଼ା ଥାନା ସେରଗଡ଼ ଅଂଚଳର କାର୍ତିକ ସିଂକୁ ବିବାହ କରିଥିଲେ ଅଯୋଧ୍ୟା ଗ୍ରାମର ସୁଭଦ୍ରା । ହସଖୁସୀରେ ସୁଖର ସଂସାର ଚାଲିଥିବା ବେଳେ ସେମାନଙ୍କ ଠାରୁ ୩ଗୋଟି ସନ୍ତାନ ଜନ୍ମ ହୋଇଥିଲେ । ଉଭୟ ସ୍ୱାମୀ ସ୍ତ୍ରୀଙ୍କ ବିବାହ ପରେ ଅଯୋଧ୍ୟା ଗ୍ରାମରେ ଉଭୟ ରହିଆସୁଥିଲେ । ଗତ ୨.୫.୨୩ରିଖରେ ଉକ୍ତ ଗ୍ରାମର ଛଟିଆ ସିଂ ଓ ସ୍ତ୍ରୀ ମିନତୀ ସିଂ ଭୋଜିଭାତ କରି କାର୍ତିକକୁ ଖାଇବା ପାଇଁ ଦେଇ ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ଥାନା ଦାସିପୁର ଗ୍ରାମର ଜନୈକ ଠିକାଦାର ଜଗା ସିଂ ଙ୍କ ସହିତ ଗୁଜୁରାଟକୁ ପଠାଇ ଦେଇଥିବା କଥା ସ୍ତ୍ରୀ ସୁଭଦ୍ରା ଆଜି ନୀଳଗିରି ଥାନାରେ ସ୍ୱାମୀଙ୍କୁ ମାରିଦେଇଥିବା ଏଭଳି ଲିଖିତ ଅଭିଯୋଗ କରିଛନ୍ତି । ଗୁଜୁରାଟର ଏକ କମ୍ପାନୀରେ କାମ କରୁଥିବା ବେଳେ ହଠାତ୍ ୧୬ତାରିଖ ମଙ୍ଗଳବାର ଦିନ ଠିକାଦାର ଜଗା ସିଂ ଙ୍କ ସହିତ ଅନ୍ୟ ତିନି ଜଣ ଲୋକ ଏକ ଆମ୍ବୁଲାନସ ଯାହାର ନଂ.ଜିଜେ୦୩ବିଡବ୍ଲୁ୨୩୫୭ ଯୋଗେ କାର୍ତିକ ର ମରଶରୀର ଅଯୋଧ୍ୟା ପହଂଚିବା ପରେ ପରିବାର ସହିତ ଗ୍ରାମବାସୀ ଆବାକ ହୋଇଯାଇଥିଲେ । ୧୫ଦିନ ନ ପୁରୁଣୁ ଗୁଜୁରାଟରେ ଏକ କମ୍ପାନୀରେ କାମ କରୁଥିବା କାର୍ତିକ ମୃତ ହେଲା କିପରି ? ଯଦି ଶରୀରର କିଛି ଅସୁବିଧା ଥିଲା ତାହେଲେ ଘର ଲୋକ ଜାଣିପାରିଲେନି କିପରି ? ତେଣୁ କାର୍ତିକକୁ ସୁଚିନ୍ତିତ ଭାବେ ହତ୍ୟା କରାଯାଇଥିବା ସ୍ତ୍ରୀ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି । ଏଭଳି ସଠିକ୍ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବୀ ହେଉଛି ।

# ଗଣଶିକ୍ଷକମାନଙ୍କୁ ନିୟମିତ ଦାବି

ଭଦ୍ରକ , ୧୬/୦୫ (ନି.ପ୍ର): ଭଦ୍ରକ ବଙ୍କ ୟୁ.ଜି.ମ.ଇ.ସ୍କୁଲ ପ୍ରାଙ୍ଗଣରେ ରାଜ୍ୟ ତଥା ଜିଲ୍ଲା ସଂଘର ଉପଦେଷ୍ଟା ବିଭୁତି ତ୍ରିପାଠୀଙ୍କ ଅଧ୍ୟକ୍ଷତାର ଜିଲ୍ଲାର ନିୟମିତ ରୁ ବଞ୍ଚିତ ଗଣଶିକ୍ଷକମାନଙ୍କର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ୭ଟି ବ୍ଲକରୁ ୩୦ ରୁ ଅଧିକ ଗଣଶିକ୍ଷକ ଉପସ୍ଥିତ ଥିଲେ । ସମସ୍ତ ସରକାରୀ ନିର୍ଦ୍ଦେଶନାମା ଥାଇ ମଧ ନିୟମିତରୁ ବଞ୍ଚିତ ହୋଇ ମାତ୍ର ଟ. ୬୦୦୦ଙ୍କାରେ ବହୁ ଦୁଃଖରେ କାଳାତିପାତ କରୁଛନ୍ତି । ପୂର୍ବରୁ ସରକାର ଏକ ଏନ.ଜି.ଓ. ସଂସ୍ଥା ଓଡ଼ିଶା ବିକାଶ ପରିଷଦ କୋର୍ଟ ଆଳ ଦେଖାଇ ନିୟମିତ କରିବାରୁ ରୋକ୍ ଲାଗାଇଥିଲେ । ମାତ୍ର ବିକାଶ ପରିଷଦ କେଶ୍ ଉଠାଇ ନେବାର ଦୀର୍ଘ ଦିନ ପରେ ମଧ ନିୟମିତ ପାଇଁ କୌଣସି ନିର୍ଦ୍ଦେଶନାମା ଆସିନାହିଁ ବୋଲି ଜିଲ୍ଲା ଶିକ୍ଷାଧିକାରୀ ମତବ୍ୟକ୍ତ କରୁଛନ୍ତି । ଏଥିପୂର୍ବରୁ କେତୋଟି ଜିଲ୍ଲା ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ନିୟମିତ କରିବାର ପ୍ରକ୍ରିୟା ଜାରି ରଖିଥିବା ବେଳେ ଭଦ୍ରକ ଜିଲ୍ଲାରେ ତାର ବ୍ୟତିକ୍ରମ ଦେଖା ଦେଇଛି । ତେଣୁ ସଂଘ ମାଧ୍ୟମରେ ରାଜ୍ୟ ତଥା ଜିଲ୍ଲା ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ତୁରନ୍ତ ନିୟମିତରୁ ବଞ୍ଚିତ ଗଣଶିକ୍ଷକମାନଙ୍କୁ ନିୟମିତ କରିବା ପାଇଁ ଶ୍ରୀ ତ୍ରିପାଠୀ ଅନୁରୋଧ କରିଛନ୍ତି । ଉକ୍ତ ବୈଠକରେ ପୂର୍ବତନ ସଭାପତି ବରିଷ୍ଠ ଶିକ୍ଷକ ନେତା ପ୍ରକାଶ ଚନ୍ଦ୍ର ବେହେରା, ପୀତାମ୍ବର ପଣ୍ଡା, ବନିତା ପଣ୍ଡା, ଶକୁନ୍ତଳା ନାୟକ, ଜଗନ୍ନାଥ ସେଠୀ, ରଶ୍ମିତା ମହାନ୍ତି, ରମାକାନ୍ତ ରାଉତ, ମଞ୍ଜୁଲତା ନାୟକ, ପ୍ରଶାନ୍ତ ଦାସ, ରବି ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ନଦୀରେ ବୁଡ଼ି ଦୁଇ ଯୁବକଙ୍କ ଅକାଳ ମୃତ୍ୟୁ

ଧର୍ମଶାଳା, ୧୬/୦୫ (ନି.ପ୍ର): ନଦୀରେ ବୁଡ଼ିଯାଇ ଦୁଇ ଯୁବକଙ୍କର ଅକାଳ ମୃତ୍ୟୁ ଘଟିଛି। ଏଭଳି ଅଭାବନୀୟ ଘଟଣା ଘଟିଛି ଯାଜପୁର ଜିଲ୍ଲା ବଡ଼ଚଣା ଥାନା ଅନ୍ତର୍ଗତ ରାଧାଦେଇପୁରସ୍ଥ ଗେଙ୍ଗୁଟି ନଦୀରେ । ଗାଧୋଇବା ସମୟରେ ଦୁଇ ଜଣ ପ୍ରଖର ସ୍ରୋତରେ ଭାସି ଯାଇ ଥିଲେ । ମୃତ ଯୁବକ ଦୁଇଜଣ ଯୁକ୍ତ ୨ ଛାତ୍ର ବୋଲି ଜଣାପଡିଛି। ସେମାନେ ହେଲେ ବଡ଼ଚଣା ଥାନା ଅର୍ନ୍ତଗତ ଶାସନ ପୁରୁଷୋତମପୁର ଗ୍ରାମର ମଳୟ ନାୟକ ଓ ଅମିତ୍ ଖଣ୍ଡାଇ ବୋଲି ଜଣାପଡିଛି ।

# ନିଖୋଜର ତିନି ଦିନ ପରେ ବାପାକୁ ଫେରିପାଇଲେ ପୁଅ



ଲଙ୍ଗଳେଶ୍ୱର , ୧୬/୦୫ (ନି.ପ୍ର): ବାଲିଆପାଳ ଥାନା ଅଧିନସ୍ଥ ପାରୁଲିଆଛକ ବିଶ୍ରାମଗାରରୁ ସୋମବାର ସନ୍ଧ୍ୟରେ ନିଖୋଜର ତିନି ଦିନ ପରେ ବାପାକୁ ଫେରିପାଇ ପୁଅ ଆତ୍ମ ବିଭୋର ହୋଇପଡ଼ିଥିବା ଦୃଶ୍ୟ ଦେଖିବାକୁ ମିଳିଛି । ସୂଚନାରୁ ପ୍ରକାଶ ଜଳେଶ୍ୱର ଥାନା ନଛିମପୁର ଗ୍ରାମର ଦୀନବନ୍ଧୁ ମାଝି (୭୫) ଚଳିତ ମାସ ୧୩ ତାରିଖ ଦିନ ପୂର୍ବାହ୍ନ ୧୦ ଟା ସମୟରେ ଘରୁ ବାହାରି ଗାଁ ଛକ ଦୋକାନ କୁ ଆସି ଅପରହ୍ନ ୪ଟା ପର୍ଯ୍ୟନ୍ତ ଘରକୁ ଫେରି ନଥିଲେ । ପରିବାର ଲୋକ ଅନେକ ବନ୍ଧୁ ବାନ୍ଧବଙ୍କ ଘର ସହିତ ଆଖ ପାଖ ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରିଥିଲେ । କିନ୍ତୁ ଦୀନବନ୍ଧୁଙ୍କୁ ପାଇ ନଥିଲେ ମାତ୍ରା ଦୀନବନ୍ଧୁ ସୋମବାର ରାତ୍ରି ୧୦ ଟା ସମୟରେ ଅସ୍ତି ଗ୍ରାମର ପୂର୍ବତନ ସରପଞ୍ଚ ଶାନ୍ତନୁ ଭଦ୍ର ବାଲିଆପାଳରୁ ଘରକୁ ଫେରୁଥିବା ସମରେରେ ବାଲିଆପାଳ ପାରୁଳିଆ ଛକ ଯାତ୍ରୀ ବିଶ୍ରାମ ଘର ଭିତରେ ଦୟନୀୟ ଅବସ୍ଥାରେ ପଡ଼ିଥିବା ଜଣେ ବୃଦ୍ଧକୁ ଉଦ୍ଧାର କରି ଘର ଠିକଣାରେ ଖବର ପଠାଇବାରୁ ଦୀନବନ୍ଧୁର ପୁଅ ଆସି ବାପାକୁ ଘରକୁ ନେଇଯାଇଥିଲେ। ବାପାକୁ ଫେରି ପାଇବାରୁ ଦୀନବନ୍ଧୁର ପୁଅ ପୂର୍ଣ୍ଣଚନ୍ଦ୍ର ମାଝୀ ପୁର୍ବତନ ସରପଞ୍ଚ ଶ୍ରୀ ଭଦ୍ରଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

# ସ୍ୱର୍ଗତ ଡ. ସଂଜୟ ଶତପଥୀଙ୍କ ବିୟୋଗରେ ଫକୀରମୋହନ ଆଲୁମନିରେ ଶୋକସଭା



ବାଲେଶ୍ୱର, ୧୬/୦୫ (ନି.ପ୍ର): ମଙ୍ଗଳବାର ଅପରାହ୍ଣରେ ଫକୀରମୋହନ କଲେଜ୍ ପୁରାତନ ଛାତ୍ରସଂସଦ କାର୍ଯ୍ୟାଳୟରେ କଲେଜର ପୁରାତନ ଛାତ୍ର, ସଂସଦର ସଦସ୍ୟ ଓ କଲେଜର ସ୍ୱର୍ଗତ ପ୍ରଫେସର ବସନ୍ତ କୁମାର ଶତପଥୀଙ୍କ ପୁତ୍ର ଁ ଡ. ସଂଜୟ ଶତପଥୀଙ୍କ ବୃହଦନ୍ତ କର୍କଟ ରୋଗରେ ଗତ ସୋମବାର ରାତି ୧୦ଟା ସମୟରେ ତାଙ୍କର ଭୁବନେଶ୍ୱରସ୍ଥ ବାସଭବନରେ ପରଲୋକରେ ଏକ ଶୋକସଭା ସଂସଦର ସଭାପତି ଡ. ପ୍ରଭାତ ଚନ୍ଦ୍ର ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସ୍ୱର୍ଗତ ଆତ୍ମାର ସଦଗତି କାମନା କରି ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଭୁବନେଶ୍ୱରରୁ ଅନ୍ୟତମ ସଦସ୍ୟ ଡ. ଦେବଦୁର୍ଲ୍ଲଭ ଦାସ ଆଭାସି ମାଧ୍ୟମରେ ଡ. ଶତପଥୀଙ୍କ ବିଷୟରେ ତାଙ୍କର ବକ୍ତବ୍ୟ ରଖିଥିଲେ। ପରେ ପରେ ସଭାପତି ଡ. ଚୌଧୁରୀ, ସମ୍ପାଦକ ବିଷ୍ଣୁପ୍ରସାଦ ମହାନ୍ତି, ଉପଦେଷ୍ଟା ପ୍ରସନ୍ନ କୁମାର ପାଣିଗ୍ରାହୀ, ସଂଗଠନର ସମ୍ପାଦକ ଗୋପାଳଚନ୍ଦ୍ର ଜେନା, ରମାକାନ୍ତ ମହାନ୍ତି, ରାମପ୍ରସାଦ ପ୍ରଧାନ, ରାମଚନ୍ଦ୍ର ସେଠୀ, ଡ. ତାରାକାନ୍ତ ନନ୍ଦ, ସତ୍ୟନାରାୟଣ ନନ୍ଦ, ବିନୟ କୁମାର ମହାପାତ୍ର, ଶରତ କୁମାର ମିଶ୍ର, ଦୀପକ କୁମାର ଦାସ ସେମାନଙ୍କର ବକ୍ତବ୍ୟ ରଖିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ପ୍ରାଣୀ ବିଜ୍ଞାନ ବିଭାଗ ଏବଂ ଆଇକ୍ୟୁଏସିର ମିଳିତ ସହଯୋଗରେ ଜାତୀୟସ୍ତରୀୟ ୱେବିନାର କାର୍ଯ୍ୟକ୍ରମ

ଉଦଳା, ୧୬/୦୫ (ନି.ପ୍ର): ନୂଆସାହିସ୍ଥିତ କପ୍ତିପଦା ମହାବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗ ଏବଂ ଆଇକ୍ୟୁଏସିର ମିଳିତ ସହଯୋଗ ଦ୍ୱାରା ଥାଲାସେମିଆ ରୋଗର ଚିହ୍ନଟ ଓ ନିରାକରଣ ଶୀର୍ଷକ ବିଷୟବସ୍ତୁ ଉପରେ ଏକ ଜାତୀୟ ସ୍ତରୀୟ ଆଭାସୀ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଅଛି । ଉକ୍ତ ଆଲୋଚନାଚକ୍ରରେ ମହାବିଦ୍ୟାଳୟର ଅଧକ୍ଷା ଡ଼କ୍ଟର ଲିପିକା ବେହେରା ସଭାପତି ଭାବରେ ଯୋଗ ଦେଇ ପ୍ରାଣୀ ବିଭାଗର ଏହି ପଦକ୍ଷେପକୁ ପ୍ରଶଂସା କରିବା ସହିତ ବର୍ତମାନ ସମୟରେ ସମସ୍ତେ ଥାଲାସେମିଆ ରୋଗ ସମ୍ପର୍କରେ ଜାଣିବା ନିହାତି ଜରୁରୀ ବୋଲି ନିଜର ମତ ବ୍ୟକ୍ତ କରିଥିଲେ । ଅଧାପକ ଡ଼କ୍ଟର ନିବାରଣ ଶତପଥୀ ଅତିଥି ପରିଚୟ ପ୍ରଦାନ କରିବା ସହିତ ଆଲୋଚନାଚକ୍ରର ଉଦେଶ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଆଇସିଏମ୍ଆର ଜବଲପୁର ମଧ୍ୟପ୍ରଦେଶର ବୈଜ୍ଞାନିକ ଡ଼କ୍ଟର ରବିନ୍ଦ୍ର କୁମାର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଥାଲାସେମିଆର ଆଧୁନିକ ଚିକିତ୍ସା ପ୍ରଣାଳୀ ଉପରେ ବିଷଦ ଭାବରେ ଆଲୋଚନା କରିଥିଲେ । ଫକିର ମୋହନ ବିଶ୍ୱ ବିଦ୍ୟାଳୟ ଜୈବ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ପ୍ରାକ୍ତନ ପ୍ରଧାପକ ପ୍ରଫେସର ବିଷ୍ଣୁ ପ୍ରସାଦ ଦାସ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ଥାଲାସେମିଆ ରୋଗର କାରଣ ଓ ନିରାକଣ ସମ୍ପର୍କରେ ବିଭିନ୍ନ ଦୃଷ୍ଟା' ମାଧ୍ୟମରେ ନିଜର ମତ ବ୍ୟକ୍ତ କରିଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗର ଅଧାପକ ଡ଼କ୍ଟର ସୁଧାଶୁଂ ଶେଖର ନିଶାଙ୍କ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଓଡ଼ିଶାରେ ଥାଲାସେମିଆ ରୋଗିଙ୍କ ଏକ ରିପୋର୍ଟ ପ୍ରଦାନ କରିଥିଲେ । ମହାରାଜା ଶ୍ରୀରାମଚନ୍ଦ୍ର ଭଦେଓ ବିଶ୍ୱ ବିଦ୍ୟାଳୟର ଜୈବ ପ୍ରଯୁକ୍ତି ବିଦ୍ୟା ବିଭାଗର ଅଧାପକ ଡ଼କ୍ଟର ଗୁଣନିଧି ଡ଼ାଙ୍ଗନମାଝୀ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଥାଲାସେମିଆ ରୋଗ ସମ୍ପର୍କରେ ନିଜର ମତ ବ୍ୟକ୍ତ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ କପ୍ତିପଦା ଉଚ୍ଚ ମାଧମିକ ବିଦ୍ୟାଳୟ ନୂଆସାହିର ଅଧକ୍ଷ ଡ଼କ୍ଟର ଚନ୍ଦ୍ର କୁମାର ପଟ୍ଟନାୟକ ଯୋଗ ଦେଇ ନିଜର ମତ ବ୍ୟକ୍ତ କରିଥିଲେ । ଉକ୍ତ ଆଲୋଚନାଚକ୍ରରେ ଜାତୀୟ ଏବଂ ରାଜ୍ୟ ସ୍ତରର ବିଭିନ୍ନ ମହାବିଦ୍ୟାଳୟର ଅଧାପକ , ଅଧାପିକା, ରିସୋର୍ସ ସ୍କଲାର ଏବଂ ଛାତ୍ର ଛାତ୍ରୀ ନିଜର ନାମ ପିକୃତ କରି ଉକ୍ତ ୱେବିନାରରେ ଅଂଶ ଗ୍ରହଣ କରିଥିଲେ । ଏହି ୱେବିନାର ଗୁଗୁଲମିଟ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିଲା । ଶେଷରେ ମହାବିଦ୍ୟାଳୟର ଆଇକ୍ୟୁଏସି ବିଭାଗର ସହ ସଂଯୋଜକ ଅଧାପିକା ସ୍ମିତାଶ୍ରୀ ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।




# ଏନ.ଏ.ସି. କାର୍ଯ୍ୟାଳୟ ଇଲେକ୍ଟ୍ରି ଷ୍ଟୋର ରୁମ୍‌ର ଆଜବେଷ୍ଟସ ଓ ଆଙ୍ଗେଲ ଉଡ଼ାଇ ଭାଙ୍ଗିଲା ଘର

ନୀଳଗିରି, ୧୬/୦୫ (ନି.ପ୍ର): ଗତ ୧୫.୫.୨୩ରିଖ ସୋମବାର ସନ୍ଧ୍ୟାରେ ଘୂର୍ଣ୍ଣିବାତ୍ୟାରେ ନୀଳଗିରି ଏନ.ଏ.ସି. କାର୍ଯ୍ୟାଳୟ ପରିସରରେ ଥିବା ଇଲେକ୍ଟ୍ରି ଷ୍ଟୋର ରୁମ ର ଆଜବେଷ୍ଟସ ଓ ଆଙ୍ଗେଲ ଉଡ଼ାଇ ନେଇଥିବା ବେଳେ ଉକ୍ତ ଆଜବେଷ୍ଟସ ଓ ଲୁହା ଆଙ୍ଗେଲ ଗୁଡ଼ିଖାଣିଆ ଗ୍ରାମର ବସନ୍ତ ମୁର୍ମୁ ଘର ଉପରେ ପଡ଼ିବାରୁ ତାର ଘରଟି ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ଯାଇଅଛି । ସୌଭାଗ୍ୟବଶତଃ ଘରେ କେହି ନ ଥିଲେ । ବାଇଧର ଦିନ ମଜୁରିଆ ହୋଇଥିବାରୁ ସରକାରୀ ସାହାଯ୍ୟ ପାଇଁ ଏନ.ଏ.ସି.ର ନିର୍ବାହୀ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ତୁରନ୍ତ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ସାଧାରଣରେ ଦାବୀ ହେଉଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo